

ଭଉଣୀ ଖୋଲିଲେ ଗୁମର
ସୁଜେନ ନେଇ ନାହାନ୍ତି ୪୦୦ କୋଟି
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-13 ◆TUESDAY ◆07 JULY 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୪ ◆ସଂଖ୍ୟା-୧୩ ◆ମଙ୍ଗଳବାର ◆୦୭ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଶ୍ରୀଲଙ୍କା ଜେଲ୍‌ରେ କଏଦୀଙ୍କ ମଧ୍ୟରେ ହଣାକଟା; ୨୫ ମୃତ



■ କଲମ୍ବୋ, ୬।୭(ଏଜେନ୍ସି): ଶ୍ରୀଲଙ୍କାର ପଶ୍ଚିମ ଉପକୂଳ ସହର ନେଗୋମ୍ବୋ କାରାଗାରରେ ବନ୍ଦୀମାନଙ୍କ ମଧ୍ୟରେ ଘଟିଥିବା ଭୟଙ୍କର ସଂଘର୍ଷରେ ୨୫ ଜଣ କଏଦୀ ପ୍ରାଣ ହରାଇଛନ୍ତି । ଏହି ଘଟଣାରେ ୧୦୦ରୁ ଅଧିକ ବନ୍ଦୀ ଓ ଅନ୍ୟମାନେ ଆହତ ହୋଇଛନ୍ତି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଅତ୍ୟଧିକ ଭିଡ଼ ଥିବା ଏହି କାରାଗାରରେ ଗତାଲି ଦୁଇ ବନ୍ଦୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା । ପରେ ପରିସ୍ଥିତି ଅଧିକ ଉଗ୍ର ହୋଇ ବନ୍ଦୀମାନେ କାରାଗାରରୁ ଅସ୍ତ୍ର ଛଡ଼ାଇ ନେଇଥିଲେ ଏବଂ ପରସ୍ପର ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲେ ।

ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, କାରାଗାର ଭିତରେ ଚାଲିଥିବା ବେଆଇନ ମାଦକ ଚୋରାଚାଲାଣକୁ ସମର୍ଥନ କରୁଥିବା ଏକ ଗୋଷ୍ଠୀ ଓ ଏହାକୁ ବିରୋଧ କରୁଥିବା ଅନ୍ୟ ଗୋଷ୍ଠୀ ମଧ୍ୟରେ ବିବାଦରୁ ଏହି ହିଂସା ଆରମ୍ଭ ହୋଇଥିଲା । ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୁଲିସ ସ୍ପେଶାଲ ଟାସ୍କ ଫୋର୍ସ ଏବଂ ଦଙ୍ଗା ନିୟନ୍ତ୍ରଣ ବାହିନୀକୁ ମୁତୟନ କରାଯାଇଛି । ଅଧିକ ହିଂସା ରୋକିବା ପାଇଁ ଅନେକ ବନ୍ଦୀଙ୍କୁ ପାଲାନସେନା କାରାଶିବିରକୁ ସ୍ଥାନାନ୍ତର କରାଯାଇଛି । କାରାଗାର ବିଭାଗର ମୁଖପାତ୍ର ଏସି ଗଜନାୟକେ କହିଛନ୍ତି ଯେ, ▶ପୃଷ୍ଠା-୧୦

## ଆବେଦନ ଖାରଜ, ନୀରବ ମୋଦୀ ପ୍ରତ୍ୟର୍ପଣ ଶୀଘ୍ର




■ ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) ମହାଘୋଟାଲା ଏବଂ ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦୀଙ୍କୁ ଭାରତକୁ ପ୍ରତ୍ୟାର୍ପଣ ହେବା ବର୍ତ୍ତମାନ ସୁନିଶ୍ଚିତ ହୋଇଯାଇଛି । ଫ୍ରାନ୍ସର ଷ୍ଟ୍ରାସବର୍ଗସ୍ଥିତ ୟୁରୋପୀୟ ମାନବାଧିକାର ଅଦାଲତ (ଇସିଏଚଆର)ରେ ନୀରବ ମୋଦୀ କରିଥିବା ଶେଷ ଆଇନଗତ ଅପିଲ୍ ଖାରଜ ହୋଇଯାଇଛି । ବ୍ରିଟେନରେ ତାଙ୍କ ପାଇଁ ଥିବା ସମସ୍ତ ଆଇନଗତ ବିକଳ୍ପ ଏବେ ଶେଷ ହୋଇଛି ଏବଂ ବ୍ରିଟେନ ସରକାର ବର୍ତ୍ତମାନ ତାଙ୍କ ପ୍ରତ୍ୟାର୍ପଣ ପ୍ରକ୍ରିୟାକୁ ଆଗକୁ ବଢ଼ାଇ ପାରିବେ ।

୨୦୧୯ ମାର୍ଚ୍ଚ ମାସରୁ ଲଣ୍ଡନର ୱାଣ୍ଡସୱର୍ଥ କାରାଗାରରେ ବନ୍ଦୀ ଥିବା ନୀରବ ମୋଦୀଙ୍କୁ ଭାରତ ଆଣିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କ୍ରମାଗତ ଭାବେ ପ୍ରୟାସ କରୁଛନ୍ତି । ପୂର୍ବରୁ ବ୍ରିଟେନ ହାଇକୋର୍ଟ ମଧ୍ୟ ଭାରତର ଜେଲ୍ ସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥାକୁ ଉପଯୁକ୍ତ ଦର୍ଶାଇ ପ୍ରତ୍ୟାର୍ପଣକୁ ଅନୁମତି ଦେଇଥିଲେ । ଏହା ବିରୋଧରେ ନୀରବ ମୋଦୀ ଗତ ଏପ୍ରିଲ ୨୦୨୬ରେ ଇସିଏଚଆରର ଦ୍ୱାରସ୍ଥ ହୋଇଥିଲେ । ମାତ୍ର ସେଠାରୁ ମଧ୍ୟ ତାଙ୍କୁ କୌଣସି ଆଶ୍ୱସ୍ତି ମିଳିନାହିଁ । ଗତ ମାର୍ଚ୍ଚ ମାସରେ ଲଣ୍ଡନର କିଙ୍ଗସ୍ ବେଞ୍ଚ ▶ପୃଷ୍ଠା-୧୦

### ରାମ ମନ୍ଦିର ଚାନ୍ଦା ଚୋରି

## ହଟିଲେ ଚମ୍ପତ ରାୟ, ଅନିଲ ମିଶ୍ର



ଚମ୍ପତ ରାୟ — କ୍ରିଷ୍ଣ ମୋହନ

■ ଅଯୋଧ୍ୟା, ୬।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଫିସିଥିବା ମନ୍ଦିର ଟ୍ରଷ୍ଟର ସଂପାଦକ ଚମ୍ପତ ରାୟଙ୍କ ଇସ୍ତଫା ଶେଷରେ ଗ୍ରହଣ କରି ନିଆଯାଇଛି । ଆଜି ଏଠାରେ ଅନୁଷ୍ଠିତ ରାମ ମନ୍ଦିର ଟ୍ରଷ୍ଟ ବୈଠକରେ ଅନ୍ୟତମ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫାକୁ ମଧ୍ୟ ଗ୍ରହଣ କରି ନିଆଯାଇଛି । ଚମ୍ପତ ରାୟଙ୍କ ସ୍ଥାନରେ ବର୍ତ୍ତମାନ ପାଇଁ କ୍ରିଷ୍ଣ ମୋହନଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି । ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ ଚାନ୍ଦା ଚୋରି ମାମଲାରେ ଯେତେ ବଡ଼ ଲୋକ ଜଡ଼ିତ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିପାଇଁ ସରକାରଙ୍କୁ ପରାମର୍ଶ ଦିଆଯାଇଛି ।

**କ୍ରିଷ୍ଣ ମୋହନଙ୍କୁ ଟ୍ରଷ୍ଟର ଅସ୍ଥାୟୀ ଦାୟିତ୍ୱ**

ଟ୍ରଷ୍ଟର ଏଭଳି ଆଭିମୁଖ୍ୟ ପରେ ଉଭୟ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କ ପାଇଁ ଅଡୁଆ ବଢ଼ିଯାଇଛି । ଚାନ୍ଦା ଚୋରି ମାମଲାରେ ଏହି ଦୁଇ ନେତାଙ୍କ ଭୂମିକା ସନ୍ଦେହ ଘେରରେ ରହିଛି । ଏହି ମାମଲାରେ ଯେଉଁମାନେ ଗିରଫ ହୋଇଛନ୍ତି ସେମାନେ ସମସ୍ତେ ଚମ୍ପତ ଓ ଅନିଲଙ୍କ ଅତି ଘନିଷ୍ଠ ରୂପେ ପରିଚିତ । ସେମାନେ ଚୋରି କରୁଥିବା ନେଇ ଚମ୍ପତ ଜାଣିଥିଲେ ମଧ୍ୟ ଏହାକୁ ଘୋଡ଼ାଇବାକୁ ଉଦ୍ୟମ ଚଳାଇଥିଲେ । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଅନିଲ ମିଶ୍ର ମଧ୍ୟ ଅଟକାଇଥିଲେ ବୋଲି କୁହାଯାଉଛି । ଏହି ଦୁଇ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାରିଆଡୁ ଚାପ ପଡୁଛି । ଉଭୟ ଚମ୍ପତ ଓ ଅନିଲଙ୍କୁ ଏସ୍ଆଇଟି ପଚରାଉଚରା କରିଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି ଏଫ୍ଆଇଆର ହୋଇନାହିଁ । ଟ୍ରଷ୍ଟର କଠୋର ଆଭିମୁଖ୍ୟ ପରିପ୍ରେକ୍ଷୀରେ ସେମାନଙ୍କ ବିରୋଧରେ ▶ପୃଷ୍ଠା-୧୦

# ବଢୁଛି ଏସ୍ଆଇଆର୍ ଅଡୁଆ

## କର୍ଣ୍ଣାଟକରେ ସିଇଓଙ୍କୁ ଭେଟିଲେ ତିନି କେନ୍ଦ୍ର ମନ୍ତ୍ରୀ



■ ବେଙ୍ଗାଲୁରୁ, ୬।୭(ଏଜେନ୍ସି): ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ ବା ଏସଆଇଆରକୁ ନେଇ ବିରୋଧୀ ମେଣ୍ଟ ନିର୍ବାଚନ କମିସନଙ୍କ ଠାରୁ ଆରମ୍ଭ କରି ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଯାଇ ଗୁହାରି କରିବାରେ ଲାଗିଛନ୍ତି । ଏହି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହେଉଛି ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଟାର୍ଗେଟ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହି ଏସଆଇଆର ଯୋଗୁଁ ପଶ୍ଚିମ ବଙ୍ଗରେ ମମତା ସରକାର କ୍ଷମତାଚ୍ୟୁତ ହେଲେ ବୋଲି ଟିଏମସି ଅଭିଯୋଗ କରିବା ସହିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଏହି ସବୁ ଅଭିଯୋଗକୁ ଖଣ୍ଡନ କରି ଚାଲିଥିବା ବିଜେପି ଆଜି ପ୍ରଥମ ଥର ଲାଗି ଏସ୍ଆଇଆର୍‌କୁ ନେଇ ଆପତ୍ତି ଉଠାଇଛି । କର୍ଣ୍ଣାଟକରେ ଏହି ଘଟଣା ସାମନାକୁ ଆସିଛି । ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ବିଜେପି ନେତୃତ୍ୱରେ ଏନଡିଏର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଛି । ଏହି ପ୍ରତିନିଧି ଦଳରେ ତିନି ଜଣ କେନ୍ଦ୍ର ମନ୍ତ୍ରୀ ରହିଥିଲେ । ସେମାନେ ହେଲେ ଏଚ୍‌ଡି କୁମାରସ୍ୱାମୀ, ପ୍ରହ୍ଲାଦ ଯୋଶୀ ଏବଂ ଶୋଭା କରନ୍ଦଲାଜେ । ସେମାନେ ଅଭିଯୋଗ କରିଛନ୍ତି ଯେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ମାନେ ଲୋକଙ୍କ ଘରକୁ ଘର ଯାଇ ଭୋଟର ତାଲିକା ଯାଞ୍ଚ ▶ପୃଷ୍ଠା-୧୦

## ଓଡ଼ିଶାରେ ନିର୍ବାଚନମଣ୍ଡଳୀ ପିଛା ହାରାହାରି ୧୩,୬୯୧ ଭୋଟର ବାଦ୍

■ ଭୁବନେଶ୍ୱର, ୬।୭ (ସମିସ): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି । ରାଜ୍ୟରେ ମୋଟ ୨୦ ଲକ୍ଷ ୧୨ ହଜାରରୁ ଅଧିକ ଭୋଟର ବାଦ୍ ପଡ଼ିଥିବା ସମୟରେ କେବଳ ଚିଠା ତାଲିକାରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨ ଲକ୍ଷ ୭ ହଜର ୬୨୪ ଜଣ ଲୋକଙ୍କ ନାମ ବାଦ ପଡ଼ିଛନ୍ତି । ଅନ୍ୟପକ୍ଷରେ ଦେବଗଡ଼ରେ ସର୍ବନିମ୍ନ ୧୧୦୦୪ ଜଣ ଲୋକଙ୍କ ନାମ କଟିଥିବା ସୂଚନା ମିଳିଛି । ସାଧାରଣ ଭାବରେ ଦେଖିଲେ ନିର୍ବାଚନମଣ୍ଡଳୀ ପିଛା ହାରାହାରି ୧୩୬୯୧ ନାମ ବାଦ ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ କଟକରେ ଦ୍ୱିତୀୟ ସର୍ବାଧିକ ୧ ଲକ୍ଷ ୫୫ ହଜାର ୧୬୪ ଜଣ ଲୋକଙ୍କ ନାମ କଟିଛି । ସେହିପରି ▶ପୃଷ୍ଠା-୧୦

**ଗଞ୍ଜାମରୁ ୨.୭୬ ଲକ୍ଷ, କଟକରୁ ୧.୫୫ ଲକ୍ଷ ଭୋଟର କଟିଛନ୍ତି**

**ଯାଜପୁରରେ କଟିଲେ ୧.୦୫ ଲକ୍ଷ, ମୟୂରଭଞ୍ଜରେ ୧.୧୧ ଲକ୍ଷ**

**ଚିଠାରେ ଦୁଇ ପୁଅ, ସ୍ତ୍ରୀଙ୍କର ନାମ; ଜୀବିତ ସ୍ୱାମୀଙ୍କ ନାମ ନାହିଁ**

### ତ୍ରୁଟିଶୂନ୍ୟ ରଥଯାତ୍ରାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## କେବଳ ଅଧିକୃତ ସେବକଙ୍କୁ ଭିତର କର୍ଡନ ପାସ୍



■ ପୁରୀ, ୬।୭ (ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆମ ସଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ । କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡ଼ିତ । ରଥଯାତ୍ରାର ସୁପରିଚାଳନା ଆମ ସମସ୍ତଙ୍କର ଦାୟିତ୍ୱ । ଏଥିପାଇଁ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋମବାର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ । ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ବୁଦ୍ଧି, ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା- ଏସବୁକୁ ଏକାଠି କରି ସମର୍ପଣ ମନୋଭାବ ନେଇ ସମସ୍ତ ସମ୍ପୃକ୍ତ ବଭାଗର ଅଧିକାରୀ ଓ କର୍ମଚାରୀ ତଥା ସେବକମାନେ ରଥଯାତ୍ରା ପରିଚାଳନା କରିବା ଆବଶ୍ୟକ । ଏହାଦ୍ୱାରା ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହୋଇପାରିବ ।

ଗତବର୍ଷ ରଥଟଣାରେ ଢେର୍ ବିଳମ୍ବ ହୋଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ କେବଳ ଚକେ ଗଡ଼ିଥିଲେ । ବଳଗଣ୍ଡିରେ ତାଳଧ୍ୱଜ ଏବଂ ମରିଚୀକୋଟ ଛକ ପର୍ଯ୍ୟନ୍ତ ଗଡ଼ିଥିଲା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ । ରଥଟଣା ବିଳମ୍ବ ପାଇଁ କର୍ଡନ ପାସ୍‌କୁ ଦାୟୀ କରିଥିଲେ ସମସ୍ତେ । ଅତ୍ୟଧିକ କର୍ଡନ ପାସ୍ ବଣ୍ଟାଯାଇଥିବାରୁ ଭିତରେ ବିଶୃଙ୍ଖଳା ହେଲା, ଯେଉଁଥିପାଇଁ ରଥଟଣାରେ ସମସ୍ୟା ହେଲା ▶ପୃଷ୍ଠା-୧୦

### ବିପର୍ଯ୍ୟୟ ପରିଚାଳନା

## ପାଣ୍ଡିଆନଙ୍କ ସହଯୋଗ ଲୋଡ଼ିଲା ଭେନେଜୁଏଲା

### ନବୀନଙ୍କ ବିପର୍ଯ୍ୟୟ ପରିଚାଳନା ସ୍ୱୀକୃତିରେ ଆଉ ଏକ ସ୍ୱାକ୍ଷର

■ ଭୁବନେଶ୍ୱର, ୬।୭ (ସମିସ): ଏକଦା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିପର୍ଯ୍ୟୟ ପରିଚାଳନା ମଡେଲକୁ ଅନ୍ତର୍ଜାତୀୟସ୍ତରରେ ତଥା ବିଶ୍ୱ ଜାତିସଂଘ ପ୍ରଶଂସା କରିଥିଲା । ଆନ୍ତର୍ଜାତୀୟ ଗଣମାଧ୍ୟମରେ ନବୀନ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଥିଲା । ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ବିପର୍ଯ୍ୟୟ ପରିଚାଳନାରେ ପ୍ରବୀଣ କରିବାରେ ସକ୍ଷମ ହୋଇଥିବା ନବୀନ ନକ୍ସା କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ବି ଗ୍ରହଣୀୟ ହୋଇଥିଲା । ସେହି ନକ୍ସା ଆଧାରରେ ଏବେ ରାଜ୍ୟ ଓ ଦେଶରେ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରସ୍ତୁତ ହେଉଛି । ତେବେ ସଦ୍ୟ ଭୂକମ୍ପ ପ୍ରଭାବିତ ଭେନେଜୁଏଲା

**ଭେନେଜୁଏଲା ରାଷ୍ଟ୍ରପତିଙ୍କ ଆଗ୍ରହ କ୍ରମେ ପହଞ୍ଚିଲେ ପାଣ୍ଡିଆନ**

**ରାଷ୍ଟ୍ରପତିଙ୍କ ସହ ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ଆଲୋଚନା**

**ବିପର୍ଯ୍ୟୟ ପ୍ରବଣରୁ ବିପର୍ଯ୍ୟୟ ପରିଚାଳନାରେ ପ୍ରବୀଣ ହୋଇଛି ଓଡ଼ିଶା**

ସମ୍ପ୍ରତି ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗୀ ତଥା ତତ୍‌କାଳୀନ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ସହଯୋଗ ଲୋଡ଼ିବା ▶ପୃଷ୍ଠା-୧୦



### ୪୮ ଘଣ୍ଟା ଧରି ମୌସୁମୀ ଅତ୍ୟଧିକ ସକ୍ରିୟ

## ଫୁଲୁଛି ମହାନଦୀ; ୯ରେ ଖୋଲିବ ହୀରାକୁଦ ଗେଟ୍



■ ଭୁବନେଶ୍ୱର/ସମ୍ବଲପୁର, ୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଝାଡ଼ଖଣ୍ଡ ମୁହାଁ ହୋଇଛି । ଯଦିଓ ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ କମିଛି, ମାତ୍ର ଏହି ଲଘୁଚାପ ପ୍ରଭାବରେ ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଆଜି ମଧ୍ୟ ଭାରି ବର୍ଷା ରେକର୍ଡ ହୋଇଛି ।

ଉପର ମୁଣ୍ଡରେ ବର୍ଷା ଯୋଗୁଁ କ୍ରମାଗତ ଭାବେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଥିବାରୁ ଆସନ୍ତା ୯ ତାରିଖରେ ହୀରାକୁଦ ଜଳଭଣ୍ଡାର ଗେଟ୍ ଖୋଲାଯିବ । ଏ ନେଇ ହୀରାକୁଦ ନଦୀବନ୍ଧ ତଳ ମୁଣ୍ଡରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି । ୯ତାରିଖ ସକାଳ ୧୧ଟାରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯିବ ବୋଲି କୁହାଯାଇଛି । ତେବେ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ୬୦୪.୧୨ ଫୁଟ ରହିଛି । ପ୍ରତି ସେକେଣ୍ଡରେ ୮୯,୩୫୯ ଘନଫୁଟ ଜଳ ପ୍ରବେଶ କରୁଛି । ୨୨,୨୬୪ ଘନଫୁଟ ଜଳ ନିଷ୍କାସିତ ହେଉଛି । ଏଥିଯୋଗୁଁ ମହାନଦୀ ଓ ତାର ଶାଖା ନଦୀ ଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ । ତେଣୁ ନଦୀ ମଧ୍ୟକୁ ପ୍ରବେଶ ନ କରିବା ପାଇଁ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ଲୋକଙ୍କୁ ସତର୍କ କରାଇଛନ୍ତି ।

ସୋମବାର ସନ୍ଧ୍ୟା ୫ ଟା ସୁଦ୍ଧା ଝାରସୁଗୁଡ଼ାରେ ସର୍ବାଧିକ ୫୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବରଗଡ଼ରେ ୫୨, ସମ୍ବଲପୁର ୪୪, ସୁନ୍ଦରଗଡ଼ ୪୦ ଓ ନୂଆପଡ଼ାରେ ୩୪ ମିମି ବର୍ଷା ରେକର୍ଡ ହୋଇଛି । ବର୍ତ୍ତମାନ ଏହି ଅବପାତ ଦକ୍ଷିଣ ଝାଡ଼ଖଣ୍ଡ ପାର୍ଶ୍ୱବର୍ତ୍ତୀ ଉତ୍ତର-ଆଭ୍ୟନ୍ତରୀଣ ଓଡିଶା ଉପରେ ସକ୍ରିୟ ରହିଛି । ଘଣ୍ଟା ପ୍ରତି ୨୫ କିମି ବେଗରେ ଏହା ଗତି କରୁଥିବା ବେଳେ ଆଗାମୀ ୨୪ ଘଣ୍ଟାରେ ଏହି ଉତ୍ତରପଶ୍ଚିମ ଦିଗରେ ଝାଡ଼ଖଣ୍ଡ, ଉତ୍ତର ଛାତିଶଗଡ ପାର୍ଶ୍ୱବର୍ତ୍ତୀ ପୂର୍ବ ମଧ୍ୟପ୍ରଦେଶ ଦେଇ ଗତିକରିବା ସମ୍ଭାବନା ରହିଛି । ଏହି ଅବପାତ ପ୍ରଭାବରେ ସୋନପୁରରେ ସର୍ବାଧିକ ୩୨୮.୪ ମିମି ବର୍ଷା ହୋଇଥିବା ବେଳେ ହୀରାକୁଦରେ ୨୦୦.୨ ମିମି, ସମ୍ବଲପୁର ରେ ୧୯୩.୪ମିମି ରେକର୍ଡ କରାଯାଇଛି ।

ଅନ୍ୟପଟେ ରାଜ୍ୟରେ ଗତ ୪୮ ଘଣ୍ଟା ଧରି ମୌସୁମୀ ଅତ୍ୟଧିକ ସକ୍ରିୟ ରହିବା ଯୋଗୁଁ ଦୈନିକ ହାରାହାରି ବର୍ଷାଠାରୁ ୪ଗୁଣା କିମ୍ବା ଏହାଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି । ଏଥିପାଇଁ ଜୁନ୍ ମାସର ୪୭ ପ୍ରତିଶତ ନିଅଣ୍ଟିଆ ଭରଣ ସହ, ୧ଜୁନରୁ ୬ ଜୁଲାଇ ସୁଦ୍ଧା ରାଜ୍ୟରେ ୩୨୩.୪ମିମି ବର୍ଷା ରେକର୍ଡ ହୋଇଛି, ଯାହାକି ▶ପୃଷ୍ଠା-୧୦

### ଟାର୍ଗେଟରୁ କମ୍ ଧାନ ସଂଗ୍ରହ

## ଟୋକନ ଅଛି; ଧାନ କିଣିଲେନି ସରକାର

**ବଳକା ୨ଲକ୍ଷ ୬୯ ହଜାର କୁଇଣ୍ଟାଲ ଧାନ ଦଲାଲକୁ ଟେକିଦେବେ ଚାଷୀ**

**କ୍ରୟ ପରେ ମଣ୍ଡିରେ ପଡ଼ିଛି ୮ ଲକ୍ଷ ୮୬ ହଜାର ୮୫୩ କୁଇଣ୍ଟାଲ ଧାନ**



■ ଭବାନୀପାଟଣା, ୬।୭ (ସମିସ): ଟୋକନ ଅଛି; କିନ୍ତୁ ଦାନ କିଣିଲେନି ସରକାର । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ମାସ ୩ ତାରିଖରୁ ଧାନ ମଣ୍ଡି ବନ୍ଦ ହୋଇଯାଇଛି । ଫଳରେ କଳାହାଣ୍ଡି ଜିଲ୍ଲାର ସମସ୍ତ ମଣ୍ଡିରୁ ଧାନ କ୍ରୟ ପ୍ରକ୍ରିୟାକୁ ବନ୍ଦ କରିଦିଆଗଲା । ପ୍ରାୟ ୨ଲକ୍ଷ ୬୯ହଜାର କ୍ୱିଇଣ୍ଟାଲ ଧାନ ବିକ୍ରି ନହୋଇ ଚାଷୀଙ୍କ ନିକଟରେ ରହିଯାଇଛି ।

ଖରିଫ ଧାନ ସଂଗ୍ରହ ଠାରୁ ରବିରେ ସରକାରଙ୍କ ଧାନ କିଣା ବ୍ୟବସ୍ଥା, ମଣ୍ଡିରେ ନାହିଁ ନ ଥିବା ସମସ୍ୟା ଏବଂ ୭ କେଜି କଟ୍‌ନୀ ଛଟ୍‌ନୀ ଚାଷୀଙ୍କୁ ଅସ୍ତବ୍ୟସ୍ତ କରିଛି । ବିଶେଷଭାବେ ଦଲାଙ୍କ ଦୌରାତ୍ମ୍ୟ ପୂର୍ବବର୍ଷମାନଙ୍କଠାରୁ ବଳିପଡ଼ିଛି । ଏଥର ସବୁଠାରୁ ରୋଚକପୂର୍ଣ୍ଣ ବିଷୟ ଏହା ଯେ, ସରକାର ଚାଷୀଙ୍କ ସ୍ୱାର୍ଥ ପ୍ରତି ଆଦୌ ବ୍ୟସ୍ତ ବିବ୍ରତ ନୁହନ୍ତି । ବଙ୍ଗ ମିଲର୍ସମାନଙ୍କ ସହିତ ଉତ୍ତମ ବୁଝାମଣା ଭିତରେ ସବୁ ଚାଲିଥିବା ଅନେକ ଚାଷୀ କହିଛନ୍ତି । ରାଜ୍ୟରେ ବିଜେପି ସରକାର ଚାଷୀ କଥା କହି ଶାସନକୁ ଆସିଲେ ସତ କିନ୍ତୁ ଧାନ ସଂଗ୍ରହରେ ନୀତି ନୈତିକତାକୁ ଦଳି ମକଚି ଦେଲେ । ବିଭିନ୍ନ ଅଞ୍ଚଳରେ ଚାଷୀ ସରକାରଙ୍କୁ ନିନ୍ଦିବା ସହ ରାଜରାସ୍ତାକୁ ଓହ୍ଲାଇଲେ ଓ କେତେକ ସ୍ଥାନରେ ଜୀବନ ବି ହାରିଲେ । କାରଣ ଚଳିତ ରବି ଋତୁରେ ତରବରିଆ ଧାନ ସଂଗ୍ରହ ନୀତି ଭିତରେ ରବି ଧାନ ସଂଗ୍ରହ ଟାର୍ଗେଟ ତ ପୂରଣ ହେଲାନାହିଁ ଏବେ ଜିଲ୍ଲାରେ ୩୮ ଲକ୍ଷ ୭୧ ହଜାର ୨୧୨ କୁଇଣ୍ଟାଲ ଧାନ ବିକ୍ରି ପରେ ମଣ୍ଡି ବନ୍ଦ । ଅନ୍ୟପକ୍ଷରେ ମଣ୍ଡିମାନଙ୍କରେ ଚାଷୀଙ୍କ ପ୍ରାୟ ୨ ଲକ୍ଷ ୬୯ ହଜାର କୁଇଣ୍ଟାଲ ଧାନ ବଳକା ରହିଲା । ସେ ଧାନ ଚାଷୀ ଶାଗ ମାଛ ଦରରେ ଦଲାଲ ହାତକୁ ଟେକିଦେବା ଛଡ଼ା ଅନ୍ୟଗତି ନାହିଁ ।

ଜିଲ୍ଲାରେ ଚଳିତ ରବିରେ ଧାନ ସଂଗ୍ରହ ପାଇଁ ୪୦ଲକ୍ଷ ୬୧ ହଜାର ୫ ଶହ ▶ପୃଷ୍ଠା-୧୦

# ଦେଶ ବିଦେଶ



## ଟ୍ରମ୍ପଙ୍କ ଭୟରେ ଖାମେନେଇଙ୍କ ଅନ୍ତ୍ୟେଷ୍ଟିରୁ ଓହରିଲେ ୧୩ଟି ଦେଶ



ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ସାମିଲ ନହେବା ପାଇଁ ଆମେରିକା ବିଶ୍ୱର ବିଭିନ୍ନ ଦେଶ ଉପରେ କୂଟନୈତିକ ଚାପ ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। ଇରାନ ଗଣମାଧ୍ୟମ 'ତସନିମ୍ ନ୍ୟୁଜ୍ ଏଜେନ୍ସି'ର ରିପୋର୍ଟ ଅନୁସାରେ, ଆମେରିକାର ଏହି ଚେତାବନୀ ପରେ ଅତିକମରେ ୧୩ଟି ଦେଶ ତେହେରାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରୁ ନିଜର ପ୍ରତିନିଧିତ୍ୱ ପ୍ରତ୍ୟାହାର କରିଛନ୍ତି କିମ୍ବା ଅଂଶଗ୍ରହଣ ସୀମିତ କରିଦେଇଛନ୍ତି। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ବିଶ୍ୱବ୍ୟାପୀ ଥିବା ଆମେରିକୀୟ ଦୂତମାନେ ଏହି କୂଟନୈତିକ ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ଶୋକସଭାରେ ଯୋଗଦେବାକୁ 'ବନ୍ଧୁତ୍ୱହୀନ କାର୍ଯ୍ୟ' ଭାବେ ଗ୍ରହଣ କରାଯିବ ଏବଂ ଏହା ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ବୋଲି ଆମେରିକା ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଥିଲା। ବିଶେଷ କରି ଆଫ୍ରିକୀୟ ଦେଶଗୁଡ଼ିକୁ ଆମେରିକା ତରଫରୁ ଦିଆଯାଉଥିବା ଆର୍ଥିକ ଅନୁଦାନ ବନ୍ଦ କରିବାକୁ ଧମକ ଦିଆଯାଇଥିବା ବେଳେ ପ୍ରାୟ ୫ଟି ଆରବ ଦେଶକୁ ମଧ୍ୟ ସିଧାସଳଖ ସତର୍କ କରାଯାଇଥିଲା। ଏହି ଚାପ ଯୋଗୁଁ ପୂର୍ବ ୟୁରୋପର ୩ଟି, ଆଫ୍ରିକାର ୫ଟି, ପାରସ୍ୟ ଉପସାଗରୀୟ ଅଞ୍ଚଳର ୨ଟି ଏବଂ ପୂର୍ବ ଏସିଆର ୨ଟି ପ୍ରମୁଖ ଦେଶ ଏହି କାର୍ଯ୍ୟକ୍ରମରୁ ଓହରି ଯାଇଛନ୍ତି। ଅପରପକ୍ଷରେ, ଆମେରିକାର ଏହି କଟକଣା ଓ ଚାପ ସତ୍ତ୍ୱେ ତେହେରାନର ଇମାମ ଖୋମେନି ମସଜିଦ ସମ୍ମୁଖରେ ଲକ୍ଷ ଲକ୍ଷ ଲୋକ ଏକତ୍ରିତ ହୋଇ ଶୋକ ସନ୍ତପ୍ତ ପରିବେଶରେ ଖାମେନେଇଙ୍କୁ ଶେଷ ବିଦାୟ ଜଣାଇଛନ୍ତି। ଗତ ଫେବୃଆରୀ ୨୮ ଆକ୍ରମଣରେ ପ୍ରାଣ ହରାଇଥିବା ୮୬ ବର୍ଷୀୟ ଏହି ଜନନାୟକଙ୍କ ସ୍ମୃତି ଚାରଣ କରିବା ସହ ସେଠାରେ ଉପସ୍ଥିତ ଜନତା ଆମେରିକା ଓ ଇସ୍ରାଏଲ ବିରୋଧରେ ପ୍ରତିଶୋଧମୂଳକ ସ୍ଲୋଗାନ ଦେଇ ପ୍ରଦର୍ଶନ କରିଛନ୍ତି।

### ଭାରତକୁ ଇରାନର ଧନ୍ୟବାଦ

ତେହରାନ/ନୂଆଦିଲ୍ଲୀ: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ସୟଦ ଅଲି ଖାମେନେଇଙ୍କ ରାଜକୀୟ ଶେଷକୃତ୍ୟରେ ଭାରତର ଅଂଶଗ୍ରହଣ ପାଇଁ ଇରାନ ଭାରତ ସରକାର ଓ ଜନସାଧାରଣଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛି। ଭାରତସ୍ଥିତ ଇରାନ ଦୂତାବାସ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏକ ବାର୍ତ୍ତା ପୋଷ୍ଟ କରି କୃତଜ୍ଞତା ପ୍ରକାଶ କରିଛି। ଭାରତ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶେଷକୃତ୍ୟରେ ଯୋଗ ଦେଇଥିଲା। ଏଥିରେ ବିହାରର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ୍ (ଅବସରପ୍ରାପ୍ତ) ସୟଦ ଅତା ହସନୈନ୍, ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଉପସ୍ଥିତ ରହି ଖାମେନେଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଂଗ୍ରେସ ନେତା ସଲମାନ ଖୁର୍ଶିଦ, ପିଡିପି ନେତ୍ରୀ ମେହବୁବା ମୁଫ୍ତି, ଏବଂ ଭାରତର ଶିଖ, ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ୍ ଧର୍ମଗୁରୁମାନେ ମଧ୍ୟ ଶେଷକୃତ୍ୟରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ରୁଷର ମିସାଇଲ୍ ମାଡ଼; କିଭ୍‌ରେ ୮ ମୃତ

କିଭ୍, ୬।୭(ଏଜେନ୍ସି): ତୁର୍କୀରେ ଆୟୋଜିତ ହେବାକୁ ଥିବା ନାଟୋ ସମ୍ମିଳନୀର ଠିକ୍ ପୂର୍ବରୁ ରୁଷ ପକ୍ଷରୁ ୟୁକ୍ରେନର ରାଜଧାନୀ କିଭ୍ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ସୋମବାର ବାଲିଷ୍ଟିକ୍ ମିସାଇଲ୍ ଦ୍ୱାରା ପ୍ରବଳ ଆକ୍ରମଣ କରାଯାଇଛି। ଏହି ଭୟାବହ ଆକ୍ରମଣରେ ଅତିକମରେ ୮ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୪ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ୟୁକ୍ରେନ ରାଜଧାନୀ ଉପରେ ଏହା ରୁଷର ଦ୍ୱିତୀୟ ବଡ଼ ଆକ୍ରମଣ, ଯାହା ଚାରି ବର୍ଷରୁ ଅଧିକ ସମୟଧରି ଚାଲିଥିବା ଏହି ଯୁଦ୍ଧର ଭୟାବହତାକୁ ଆହୁରି ବଢ଼ାଇ ଦେଇଛି। କିଭ୍‌ର ସ୍ଥାନୀୟ ପ୍ରଶାସନ ଅନୁସାରେ, ରୁଷର ଏହି କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ସହରର ୪ଟି ଆବାସିକ ବିଲ୍ଡିଂରେ ନିଆଁ ଲାଗିଯାଇଥିଲା, ଯେଉଁ ସମୟରେ ଲୋକମାନେ ଶୋଇଥିଲେ। ମୃତକଙ୍କ ମଧ୍ୟରୁ ୭ ଜଣ କିଭ୍‌ର ଏବଂ ଜଣେ ବୁଚା ଜିଲ୍ଲାର ବୋଲି ଜଣାପଡ଼ିଛି। କିଭ୍ ମେୟର ବିଟାଲି କ୍ଲିଟ୍‌କୋ ସହରରେ ଆକାଶମାର୍ଗୀୟ ପ୍ରତିରକ୍ଷା ପ୍ରଣାଳୀ (ଏୟାର ଡିଫେନ୍ସ) ସକ୍ରିୟ ଥିବା ସୂଚନା ଦେବା ସହ ଜନସାଧାରଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳରେ ରହିବାକୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ, ୟୁକ୍ରେନ ପକ୍ଷରୁ ମଧ୍ୟ ରୁଷ ନିୟନ୍ତ୍ରିତ କ୍ରିମିଆର ସେଭାସ୍ତୋପୋଲ୍ ଶକ୍ତି ପ୍ରକଳ୍ପ ଏବଂ ମସ୍କୋ ଉପରେ ଡ୍ରୋନ୍ ମାଡ଼ କରାଯାଇଥିବା ଦାବି କରାଯାଇଛି। ଏହି ସାମରିକ ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ମଧ୍ୟରେ ଆସନ୍ତା ବୁଧବାର ତୁର୍କୀର ରାଜଧାନୀ ଅଙ୍କାରାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ଦୁଇ ନେତା ଯୁଦ୍ଧର ସମାପ୍ତି ଏବଂ ଶାନ୍ତି ପ୍ରକ୍ରିୟା ଉପରେ ଆଲୋଚନା କରିବେ। ଏହାପରେ ଟ୍ରମ୍ପ ରୁଷର ନେତା ଭ୍ଲାଦିମିର ପୁଟିନଙ୍କ ସହ ମଧ୍ୟ କଥା ହେବାର କାର୍ଯ୍ୟକ୍ରମ ରହିଛି।

## ପହଲଗାମ୍ ଆତଙ୍କବାଦୀ ଆକ୍ରମଣ; ହାଫିଜ୍ ସୟିଦ୍ ବିରୋଧରେ ଏନ୍‌ଆଇଏର ଚାର୍ଜସିଟ୍



ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ସୋମବାର ଜମ୍ମୁର ସ୍ୱତନ୍ତ୍ର ଅଦାଲତରେ ଏକ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି) ଏବଂ ଏହାର ପ୍ରକ୍ସି ସଂଗଠନ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆର୍‌ଏଫ)ର ମୁଖ୍ୟ ହାଫିଜ୍ ସୟିଦ୍‌କୁ ମୁଖ୍ୟ ଅଭିଯୁକ୍ତ ଭାବେ ନାମିତ କରାଯାଇଛି। ସୀମା ପାର୍ଶ୍ୱରୁ ଭାରତ ବିରୋଧରେ ଯୁଦ୍ଧ ଘୋଷଣା ଏବଂ ଆତଙ୍କବାଦୀ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ଏନଆଇଏ ତା' ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ) ଏବଂ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ)ର ବିଭିନ୍ନ ଧାରା ଲଗାଇଛି। ଗତ ବର୍ଷ ଡିସେମ୍ବର ମାସରେ ଦାଖଲ ହୋଇଥିବା ୧, ୫୯୭ ପୃଷ୍ଠାର ମୂଳ ଚାର୍ଜସିଟ୍‌ରେ ୭ ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା। ଡିଜିଟାଲ୍ ପ୍ଲାଟଫର୍ମରେ ଆକ୍ରମଣର ଦାୟିତ୍ୱ ନେଇଥିବା ବାର୍ତ୍ତାଗୁଡ଼ିକର ଉତ୍ସ ପାକିସ୍ତାନ ବୋଲି ବୈଜ୍ଞାନିକ ଅନୁସନ୍ଧାନରୁ ସ୍ପଷ୍ଟ ହେବା ପରେ ଏଥିରେ ହାଫିଜ୍ ସୟିଦ୍‌ର ସମ୍ପୃକ୍ତି ପ୍ରମାଣିତ ହୋଇଛି। ଏହି ମାମଲାଟି ୨୦୨୫ ଏପ୍ରିଲ ୨୨ ତାରିଖରେ ପହଲଗାମର ବୈସାରନ ଉପତ୍ୟକାରେ ପର୍ଯ୍ୟଟକମାନଙ୍କ ଉପରେ ହୋଇଥିବା ଆକ୍ରମଣ ସହ ଜଡ଼ିତ, ଯେଉଁଥିରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ଏହି ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ପକ୍ଷରୁ ୨୦୨୫ ମେ ୭ ତାରିଖରେ 'ଅପରେସନ ସିନ୍ଦୂର' ଆରମ୍ଭ କରାଯାଇଥିଲା। ଏହି ଅପରେସନ ଅଧୀନରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ସଂଗଠନଗୁଡ଼ିକର ୯ଟି ପ୍ରମୁଖ ଘାଟିକୁ ସେନା ଧ୍ୱଂସ କରିଦେଇଥିଲା। ଏହା ସହିତ ଭାରତ ସରକାର ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ସହ ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା ସେବା ମଧ୍ୟ ବନ୍ଦ କରିଦେଇଥିଲେ। ଆଗାମୀ ଦିନରେ ଏହି ଆତଙ୍କବାଦୀ ନେଟୱର୍କର ସମୂଳ ବିନାଶ ପାଇଁ ଏନଆଇଏ ନିଜର ତଦନ୍ତ ଜାରି ରଖିଛି।

## ଭେନେଜୁଏଲାରେ ଏବେ ବି ୫୦ ହଜାର ନିଖୋଜ



କାରାକାସ, ୬।୭(ଏଜେନ୍ସି): ଭେନେଜୁଏଲାରେ ଗତ ଜୁନ୍ ୨୪ରେ ଆସିଥିବା ଦୁଇଟି ପ୍ରଳୟଙ୍କରୀ ଭୂକମ୍ପ ଯୋଗୁଁ ମୃତ୍ୟୁ ସଂଖ୍ୟା ୩, ୩୪୨କୁ ବୃଦ୍ଧି ପାଇଛି। ଏହି ବିପର୍ଯ୍ୟୟର ୧୧ ଦିନ ପରେ ବିଲ୍ଡିଂ ଧ୍ୱଂସାବଶେଷ ତଳୁ ମିଳୁଥିବା ଅଜ୍ଞାତ ଶବଗୁଡ଼ିକୁ ପ୍ରଶାସନ ପକ୍ଷରୁ ଗଣସମାଧି ଦିଆଯାଉଛି। ଏହି ଭୂକମ୍ପରେ ପ୍ରାୟ ୧୬, ୭୦୦ ଲୋକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଜାତିସଂଘର ଆକଳନ ଅନୁସାରେ ଦେଶରେ ଏବେ ମଧ୍ୟ ପ୍ରାୟ ୫୦, ୦୦୦ ଲୋକ ନିଖୋଜ ଅଛନ୍ତି। ଲା ଗୁଏରା ଉପକୂଳ ଅଞ୍ଚଳରେ ଶତାଧିକ ବହୁତଳ ପ୍ରାସାଦ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସ୍ଥାନୀୟ ପ୍ରଶାସନ ଏବଂ ସ୍ୱେଚ୍ଛାସେବୀମାନେ ଚିହ୍ନଟ ହୋଇପାରିନଥିବା ୧୫୦ରୁ ଅଧିକ ମୃତଦେହକୁ ଲା ଇସପେରାଞ୍ଜା ଶ୍ମଶାନରେ ସମ୍ମାନର ସହ ସମାଧି ଦେଇଛନ୍ତି। ଭୂକମ୍ପ ଯୋଗୁଁ ୨୦୦ରୁ ଅଧିକ ବଡ଼ ବିଲ୍ଡିଂ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବାରୁ ୧୭, ୦୦୦ରୁ ଅଧିକ ଲୋକ ବେଘର ହୋଇ ଅସ୍ଥାୟୀ ଶିବିରରେ ଆଶ୍ରୟ ନେଇଛନ୍ତି।

## ନୌସେନାରେ ସାମିଲ ହେବ ଯୁଦ୍ଧପୋତ 'ମହେନ୍ଦ୍ରଗିରି'

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଭାରତୀୟ ନୌସେନାର ଶକ୍ତି ବୃଦ୍ଧି କରିବା ପାଇଁ ଆସନ୍ତା ଶନିବାର (ଜୁଲାଇ ୧୧) ବିଶାଖାପାଟଣାଠାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରକଳ୍ପ ୧୭ଏ ଶ୍ରେଣୀର ଷଷ୍ଠ ଷ୍ଟିଲ୍‌ଥ୍ ଯୁଦ୍ଧପୋତ (ଫ୍ରିଗେଟ୍) 'ମହେନ୍ଦ୍ରଗିରି' (ଏଫ୩୮) ଆନୁଷ୍ଠାନିକ ଭାବେ ନୌସେନାରେ ସାମିଲ ହେବାକୁ ଯାଉଛି। ଓଡ଼ିଶାର ପୂର୍ବଘାଟ ପର୍ବତମାଳାର ଗୌରବ 'ମହେନ୍ଦ୍ରଗିରି' ପର୍ବତ ଶୃଙ୍ଗ ଅନୁସାରେ ଏହାର ନାମକରଣ କରାଯାଇଛି। ଏହି ଯୁଦ୍ଧପୋତର ନକ୍ସା ଭାରତୀୟ ନୌସେନାର 'ୱାରସିପ୍ ଡିଜାଇନ୍ ବ୍ୟୁରୋ' ପ୍ରସ୍ତୁତ କରିଥିବା ବେଳେ ଏହାକୁ ମୁମ୍ବାଇର 'ମାଝାଗାଓଁ ଡକ୍ ସିପ୍‌ବିଲ୍ଡର୍ସ ଲିମିଟେଡ୍' ନିର୍ମାଣ କରିଛି। ଏହି ଅତ୍ୟାଧୁନିକ ଯୁଦ୍ଧପୋତରେ ଭାରତୀୟ ପ୍ରତିରକ୍ଷା ଶିଳ୍ପ ଦ୍ୱାରା ନିର୍ମିତ ଶକ୍ତିଶାଳୀ ବ୍ରହ୍ମୋସ ସୁପରସୋନିକ କ୍ରୁଜ୍ ମିସାଇଲ୍ ଏବଂ ବାରାକ-୮ ଭୂପୃଷ୍ଠରୁ ଆକାଶକୁ ମାଡ଼ କରାଯାଇପାରୁଥିବା କ୍ଷେପଣାସ୍ତ୍ର ପ୍ରଣାଳୀ ଖଞ୍ଜାଯାଇଛି। ଏହାଫଳରେ ଏହି ଯୁଦ୍ଧପୋତ ଶତ୍ରୁପକ୍ଷର ଜାହାଜ, ଡ୍ରୋନ୍, ମିସାଇଲ୍ ଏବଂ ସ୍ଥଳଭାଗର ଲକ୍ଷ୍ୟଭେଦକୁ ଦୂରରୁ ଧ୍ୱଂସ କରିପାରିବ। ଏହା ବ୍ୟତୀତ ବୁଡ଼ାଜାହାଜ ବିରୋଧୀ ଅଭିଯାନ ପାଇଁ ଏଥିରେ ଟର୍ପିଡୋ, ରକେଟ୍ ଲଞ୍ଚର୍ ଏବଂ ଶତ୍ରୁର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଶକ୍ତିଶାଳୀ ଏଇଏସଏ ରାଡାର୍ ବ୍ୟବସ୍ଥା ରହିଛି।

## ସ୍ତ୍ରୀକୁ ଗୁଳି କରି ହତ୍ୟା: ସ୍ୱାମୀ, ପ୍ରେମିକା ଗିରଫ

ଗୁରୁଗ୍ରାମ, ୬।୭(ଏଜେନ୍ସି): ହରିଆଣାର ଗୁରୁଗ୍ରାମ ଅନ୍ତର୍ଗତ ମାନେସର ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଜଣେ ୨୫ ବର୍ଷୀୟ ଯୁବକ ନିଜ ପ୍ରେମିକା ସହ ମିଶି ବିବାହର ମାତ୍ର ୩ ମାସ ପରେ ନିଜ ସ୍ତ୍ରୀକୁ ଗୁଳି କରି ହତ୍ୟା କରିଛି। ପୁଲିସ ଏହି ମାମଲାରେ ଅଭିଯୁକ୍ତ ସ୍ୱାମୀ ଅଙ୍କିତ ଏବଂ ତାଙ୍କର ୩୮ ବର୍ଷୀୟା ପ୍ରେମିକା ରଜନୀ ଦେବୀଙ୍କୁ ଗିରଫ କରିଛି। ଗତ ୩ ବର୍ଷ ଧରି ଚାଲିଥିବା ପ୍ରେମ ସମ୍ପର୍କକୁ ଆଗକୁ ବଢ଼ାଇବା ପାଇଁ ଦୁହେଁ ମିଶି ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିଲେ। ଗତ ମେ ୨୧ ତାରିଖରେ ୨୨ ବର୍ଷୀୟା ପୀଡ଼ିତା ନିଖୋଜ ହେବା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପରଦିନ ମେ ୨୨ରେ ପ୍ରେମିକାର ଭଡ଼ା ଘରୁ ମହିଳାଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା। ଅଙ୍କିତ ନିଜ ସ୍ତ୍ରୀକୁ ପ୍ରେମିକାର ଘରକୁ ନେଇ ସେଠାରେ ଦୁହେଁ ମିଶି ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏଥିପାଇଁ ଦୁଇ ମାସ ପୂର୍ବରୁ ଉତ୍ତର ପ୍ରଦେଶରୁ ଏକ ବେଆଇନ ପିସ୍ତଲ କିଣାଯାଇଥିଲା। ହତ୍ୟା ପରେ ଦୁହେଁ ହରିଦ୍ୱାର ଦେଇ ନେପାଳ ଫେରାର ହୋଇଯାଇଥିଲେ। ଜୁନ୍ ୩୦ରେ ଭାରତ ଫେରିବା ପରେ କ୍ରାଇମ ବ୍ରାଞ୍ଚ ସେମାନଙ୍କୁ ଗିରଫ କରି ୫ ଦିନିଆ ପୁଲିସ ହେପାଜତକୁ ନେଇ ଅଧିକ ତଦନ୍ତ ଜାରି ରଖିଛି।

### ଟିସିଏସ ଯୌନ ନିର୍ଯାତନା, ଧର୍ମାନ୍ତରୀକରଣ ମାମଲା
## ମୁଖ୍ୟ ମହିଳା ଅଭିଯୁକ୍ତଙ୍କୁ ମିଳିଲା ଜାମିନ

ନାସିକ, ୬।୭(ଏଜେନ୍ସି): ନାସିକସ୍ଥିତ ଟାଟା କନସଲଟେନ୍ସି ସର୍ଭିସେସ (ଟିସିଏସ) ଶାଖାରେ ଜଣେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଏବଂ ଜବରଦସ୍ତ ଧର୍ମାନ୍ତରୀକରଣ ଉଦ୍ୟମ ଅଭିଯୋଗ ମାମଲାରେ ସ୍ଥାନୀୟ ଅଦାଲତ ମୁଖ୍ୟ ମହିଳା ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ନାସିକ ରୋଡ୍ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ କେଜି ଜୋଶୀ ମହିଳାଙ୍କ ଗର୍ଭାବସ୍ଥା ଆଧାରରେ ତାଙ୍କର ଜାମିନ ଆବେଦନ ମଞ୍ଜୁର କରିଥିବା ବେଳେ ଏହି ମାମଲାର ସହ-ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିଛନ୍ତି। ଏହି ଘଟଣାରେ ଦେଓଲାଲି କ୍ୟାମ୍ପ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଏବଂ ଏସସି-ଏସଟି ଅତ୍ୟାଚାର ନିରୋଧୀ ଆଇନର ବିଭିନ୍ନ ଧାରା ଅଧୀନରେ ମାମଲା ରୁଜୁ ହୋଇଛି। ନାସିକ ପୋଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଏହି ଟିସିଏସ ୟୁନିଟ୍‌ରେ ମହିଳା କର୍ମଚାରୀଙ୍କ ଉପରେ ହୋଇଥିବା ମାନସିକ ଓ ଶାରୀରିକ ନିର୍ଯାତନା ସମ୍ପର୍କିତ ପ୍ରାୟ ୯ଟି ମାମଲାର ଯାଞ୍ଚ କରୁଛି।



## ପ୍ରବଳ ବର୍ଷା: ମୁମ୍ବାଇରେ ରେଡ୍ ଆଲର୍ଟ

- ଟ୍ରେନ ଓ ବିମାନ ସେବା ପ୍ରଭାବିତ
- ମୁମ୍ବାଇ-ପୁଣେ ଏକ୍ସପ୍ରେସୱେ 'ମିସିଂ ଲିଙ୍କ୍' ବନ୍ଦ
- ମହାବଳେଶ୍ୱରରେ ପୋଲ ଭୁଶୁଡ଼ିଲା

ମୁମ୍ବାଇ, ୬।୭(ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୁମ୍ବାଇ ଏବଂ ଏହାର ଆଖପାଖ ଅଞ୍ଚଳ ପାଇଁ ରେଡ ଆଲର୍ଟ ଜାରି କରାଯାଇଛି। ଆରବ ସାଗରରୁ ସୃଷ୍ଟି ହୋଇଥିବା ପ୍ରବଳ ମୌସୁମୀ ବାୟୁ ପ୍ରଭାବରେ ମୁମ୍ବାଇ ମହାନଗର ସମେତ ଥାଣେ, ପାଲଘର ଏବଂ ରାୟଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଜୋରଦାର ପବନ ବୋହିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହା ସହିତ ସମୁଦ୍ରରେ ବଡ଼ ଜୁଆର ଆସିବା କାରଣରୁ ତଳିଆ ଅଞ୍ଚଳଗୁଡ଼ିକରେ ଜଳବନ୍ଦୀ ସମସ୍ୟା ଅଧିକ ଗମ୍ଭୀର ହେବାର ସମ୍ଭାବନା ରହିଛି। ବିପର୍ଯ୍ୟସ୍ତ ପାଣିପାଗକୁ ଦୃଷ୍ଟିରେ ରଖି ମହାନଗର ନିଗମ ପକ୍ଷରୁ ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ପ୍ରଶାସନ ତରଫରୁ ଲୋକଙ୍କୁ ଅତି ଜରୁରୀ କାମ ନଥିଲେ ଘରୁ ବାହାରକୁ ନବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ଲଗାତାର ବର୍ଷା ଯୋଗୁଁ ସହରର ବିଭିନ୍ନ ମୁଖ୍ୟ ରାସ୍ତା ବୁଡ଼ିଯାଇଛି, ସ୍ଥାନୀୟ ରେଳ ସେବା ବାଧାପ୍ରାପ୍ତ ହୋଇଛି ଏବଂ ଅନେକ ବିମାନ ଯାତ୍ରାରେ ବିଳମ୍ବ ଘଟିଛି। ଏହା ସହିତ ମୁମ୍ବାଇ-ପୁଣେ ରେଳପଥରେ ଭୂସ୍ଖଳନ ଘଟିବା ସହ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ଏହି ବର୍ଷା ଜନିତ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୩ ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି। ପ୍ରବଳ ବର୍ଷା ଯୋଗୁଁ ମୁମ୍ବାଇ-ପୁଣେ ଏକ୍ସପ୍ରେସୱେର ନୂତନ ଭାବେ ଉଦ୍ଘାଟିତ 'ମିସିଂ ଲିଙ୍କ୍'ରେ ଭୂସ୍ଖଳନ ହେବା ଫଳରେ ପୁଣେରୁ ମୁମ୍ବାଇ ଯାଉଥିବା ରାସ୍ତାକୁ ସୋମବାର ସକାଳୁ ବନ୍ଦ କରି ଦିଆଯାଇଛି। ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ମାର୍ଗ ସୁରକ୍ଷା ପୁଲିସ ମିଳିତ ଭାବେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସକାଳ ୪ଟାରୁ ଗାଡ଼ିଗୁଡ଼ିକୁ ଅନ୍ୟ ପଥ ଦେଇ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାରଣରୁ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମରେ ଫସି ରହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଏହି ଏକ୍ସପ୍ରେସୱେର ଦ୍ୱିତୀୟ ସୁଡ଼ଙ୍ଗ ନିକଟରେ ମାଟି ଅତଡ଼ା ଖସିବା ସହ ଖଣ୍ଡାଲା ଘାଟି ଅଞ୍ଚଳରେ ପାଣି ଜମି ରହିବା ଯୋଗୁଁ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଲଗାତାର ବର୍ଷା ଯୋଗୁଁ ମୁମ୍ବାଇ ଏବଂ ପୁଣେ ମଧ୍ୟରେ ରେଳ ସେବା ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ପ୍ରାୟ ୧୬ଟି ଟ୍ରେନ ବାତିଲ କରାଯାଇଥିବା ବେଳେ ୯ଟି ଟ୍ରେନର ଗତିପଥ ବଦଳାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ମୁମ୍ବାଇ ପାଇଁ ଅରେଞ୍ଜ ଆଲର୍ଟ ଏବଂ ପୁଣେ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ମହାରାଷ୍ଟ୍ରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ମହାବଳେଶ୍ୱରରେ ବର୍ଷା ଯୋଗୁଁ ଏକ ପୋଲ ଭୁଶୁଡ଼ି ପଡ଼ିଛି, ଯେଉଁଥିପାଇଁ ସେଠାରେ ଅନେକ ପର୍ଯ୍ୟଟକ ଫସି ରହିଥିଲେ। ସେହିପରି ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ବିମାନ ବନ୍ଦରର ରନୱେ କାର୍ଯ୍ୟ ପ୍ରାୟ ଏକ ଘଣ୍ଟା ପାଇଁ ବନ୍ଦ ରହିଥିଲା। ସହରର କେତେକ ସ୍ଥାନରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦୦ ରୁ ୩୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇଛି।

## ଜଳୁଛି ପିଓକେ; ଭାରତର ସାହାଯ୍ୟ ଲୋଡ଼ିଲେ ନେତା

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପିଓକେରେ ପ୍ରଶାସନର ଦମନଲୀଳା ଓ ଅତ୍ୟାଚାର ଚରମ ସୀମାରେ ପହଞ୍ଚିଛି। ପିଓକେର ଜନତା ଏବେ ପାକିସ୍ତାନ ବିରୋଧରେ ମେଳି ବାନ୍ଧିବା ସହ ଭାରତର ସହାୟତା ଲୋଡ଼ିଛନ୍ତି। ମିଳିତ ଆୱାମୀ ଆକ୍ସନ କମିଟିର ପ୍ରମୁଖ ନେତା ସର୍ଦ୍ଦାର ଅମାନ ଖାନ ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତା ଜରିଆରେ ନୂଆଦିଲ୍ଲୀକୁ ମାନବୀୟ ସହାୟତା ଯୋଗାଇଦେବା ସହ ନିୟନ୍ତ୍ରଣ ରେଖା ବା ଏଲଓସି ସୀମାକୁ ଖୋଲିବା ପାଇଁ ନିବେଦନ କରିଛନ୍ତି। ପିଓକେରେ ଆନ୍ଦୋଳନକୁ ଦବାଇବା ପାଇଁ ପାକିସ୍ତାନୀ ସୁରକ୍ଷା ବଳ ପକ୍ଷରୁ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ପାକିସ୍ତାନ ସରକାର ଏହି ଅଞ୍ଚଳରେ ଆର୍ଥିକ ଅବରୋଧ ଲଗାଇଥିବାରୁ ଏବେ ସେଠାରେ ଖାଦ୍ୟ ସାମଗ୍ରୀ, ଚାଉଳ ଏବଂ ଔଷଧର ଘୋର ଅଭାବ ଦେଖାଦେଇଛି। ରାୱାଲାକୋଟର ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ଅମାନ ଖାନ କହିଛନ୍ତି ଯେ ଯଦି ପାକିସ୍ତାନୀ ପ୍ରଶାସନ ଜନତାଙ୍କ ଦାବିକୁ ଗୁଳିରେ ଉଡ଼ାଇବାକୁ ଚେଷ୍ଟା କରିବ, ତେବେ ସେମାନଙ୍କ ପାଖରେ ଅନ୍ୟ ରାସ୍ତା ମଧ୍ୟ ରହିଛି। ସେ ସେଠାକାର



ନାଗରିକମାନଙ୍କୁ ଭାରତ ସୀମା ଆଡ଼କୁ ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଗ ଜୁନ୍ ୫ ତାରିଖରେ ପାକିସ୍ତାନ ସରକାର ଏହି ଜନ ଆନ୍ଦୋଳନର ନେତୃତ୍ୱ ନେଉଥିବା ସଂଗଠନକୁ ଏକ ସନ୍ତ୍ରାସବାଦୀ ସଂଗଠନ ବୋଲି ଘୋଷଣା କରି ପ୍ରତିବନ୍ଧକ ଲଗାଇଥିଲେ। ଏହା ପରେ ସ୍ଥିତି ଆହୁରି ବିଗିଡ଼ିବାରେ ଲାଗିଛି।

### ୨ ଆସାମ ରାଇଫଲ୍ସ ଯବାନ ସହିଦ

ଇମ୍ଫାଲ, ୬।୭(ଏଜେନ୍ସି): ମଣିପୁରର ଉଖ୍ରୁଲ୍ ଜିଲ୍ଲାରେ ସୋମବାର ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ଗରିଲା ଆକ୍ରମଣରେ ଆସାମ ରାଇଫଲ୍ସର ଦୁଇ ଜଣ ଯବାନ ସହିଦ ହୋଇଛନ୍ତି। ଏହି ସନ୍ତ୍ରାସବାଦୀ ଆକ୍ରମଣରେ ଅନ୍ୟ କେତେକ ଯବାନ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ଯବାନମାନେ ନିୟମିତ ପାଟ୍ରୋଲିଂ କରୁଥିବା ସମୟରେ ପୂର୍ବରୁ ଛପି ରହିଥିବା ଉଗ୍ରବାଦୀମାନେ ସେମାନଙ୍କ ଉପରକୁ ଅତର୍କିତ ଗୁଳିବର୍ଷଣ କରିଥିଲେ। ମଣିପୁର ରାଜ୍ୟପାଳ ଏହି ବର୍ବରୋଚିତ ହିଂସାକାଣ୍ଡକୁ ତୀବ୍ର ନିନ୍ଦା କରିଛନ୍ତି।

## ପ୍ରବଳ ବର୍ଷାରେ ସୁଧୁରିଲା ନିଅଣ୍ଟିଆ ସ୍ଥିତି; ୪୫ରୁ ୨୮%କୁ ହ୍ରାସ

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପୁଣି ଥରେ ସକ୍ରିୟ ହୋଇଉଠିଛି। ବିଗତ କିଛି ସପ୍ତାହର ମନ୍ଥର ଗତି ପରେ ସମଗ୍ର ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରବଳ ବର୍ଷା ଜାରି ରହିଛି। ଏହା ଫଳରେ ଦେଶରେ ଦେଖାଦେଇଥିବା ଋତୁଭିତ୍ତିକ ନିଅଣ୍ଟିଆ ବର୍ଷାର ପରିମାଣରେ ବଡ଼ ହ୍ରାସ ଘଟିଛି। ପାଣିପାଗ ବିଭାଗର ସଦ୍ୟତମ ତଥ୍ୟ ଅନୁଯାୟୀ, ବର୍ଷାର ନିଅଣ୍ଟ ପରିମାଣ ୪୫ ପ୍ରତିଶତରୁ କମି ଏବେ ୨୮ ପ୍ରତିଶତରେ ପହଞ୍ଚିଛି, ଯାହା ଚାଷ କାର୍ଯ୍ୟ ପାଇଁ ଏକ ଶୁଭ ସଙ୍କେତ ଆଣିଦେଇଛି। କିଛି ଦିନର ଶୁଷ୍କ ପାଗ ପରେ ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ




ପଶ୍ଚିମ, କେନ୍ଦ୍ରୀୟ ଏବଂ ପୂର୍ବ ଭାରତରେ ଘନ ମେଘମାଳା ସୃଷ୍ଟି ହୋଇଛି। ଆରବ ସାଗର ଓ ବଙ୍ଗୋପସାଗରରୁ ଆସୁଥିବା ପ୍ରଚୁର ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ଯୋଗୁଁ ଓଡ଼ିଶା, ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ତେଲେଙ୍ଗାନାରେ ବ୍ୟାପକ ବର୍ଷା ରେକର୍ଡ କରାଯାଇଛି।। ଦିଲ୍ଲୀ, ଉତ୍ତର ପ୍ରଦେଶ, ବିହାର, ଗୁଜରାଟ ଏବଂ ପଞ୍ଜାବ ପରି ରାଜ୍ୟରେ ଏବେ ମଧ୍ୟ ସ୍ୱାଭାବିକ ଠାରୁ ବହୁତ କମ୍ ବର୍ଷା ହୋଇଛି। ସବୁଠାରୁ ଚିନ୍ତାଜନକ ସ୍ଥିତି ପୂର୍ବୋତ୍ତର ଭାରତର ମେଘାଳୟ, ଆସାମ ଏବଂ ଅରୁଣାଚଳ ପ୍ରଦେଶରେ ଦେଖାଦେଇଛି, ଯେଉଁଠାରେ ବର୍ଷାର ଅଭାବ ଅଧିକ ରହିଛି। ଅପରପକ୍ଷରେ ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଜମ୍ମୁ-କାଶ୍ମୀରରେ ସ୍ୱାଭାବିକ କିମ୍ବା ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି।

### ବାରୁଇପୁରରେ ଉତ୍ତେଜନା
## ନାବାଳିକାକୁ ଦୁଷ୍କର୍ମ କରି ନଦୀରେ ଫିଙ୍ଗିଦେଇଥିଲେ

- ଅଭିଯୁକ୍ତକୁ ଧରାଇଲା ସିସିଟିଭି ଫୁଟେଜ
- ବିଜେପି-ଟିଏମ୍‌ସି ମୁହାଁମୁହିଁ

କୋଲକାତା, ୬।୭(ଏଜେନ୍ସି): ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ବାରୁଇପୁରଠାରେ ଜଣେ ୧୧ ବର୍ଷର ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଏହି ମାମଲାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଅପରପକ୍ଷରେ, ଏହି ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ରବିବାର ଏକ ଉତ୍ତ୍ୟକ୍ତ ଜନତା ସମୂହ ଜଣେ ବ୍ୟକ୍ତିଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଏବଂ ଦୋଷୀମାନଙ୍କୁ ଫାଶୀ ଦଣ୍ଡ ଦେବା ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହା ସହିତ ଘଟଣାକୁ ସାମ୍ପ୍ରଦାୟିକ ରୂପ ନ ଦେବାକୁ ସେ ବିରୋଧୀଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ମଙ୍ଗଳବାର ପୀଡ଼ିତାଙ୍କ ପରିବାରକୁ ଭେଟିବେ। ମାମଲାରେ ପୁଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ



ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଶନିବାରରୁ ନିଖୋଜ ଥିବା ନାବାଳିକାର ମୃତଦେହ ରବିବାର ଏକ ପୋଖରୀରୁ ମିଳିଥିଲା। ଫଳରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ପୁଲିସ ଗାଡ଼ି ଜାଳିଦେବା ସହ ରେଳପଥ ଅବରୋଧ କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାରୁଇପୁର ସମେତ ସୋନାରପୁର ଏବଂ ନରେନ୍ଦ୍ରପୁର ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି। ପୁଲିସ ଏହି ଘଟଣାରେ ଜଣେ ବିଜେପି କର୍ମୀଙ୍କୁ ଗିରଫ କରିବା ସହିତ ପ୍ରଭାଷ ମଣ୍ଡଳ, ଦିବାକର ସର୍ଦ୍ଦାର ଏବଂ ମୁଖ୍ୟ ଅଭିଯୁକ୍ତ ଆନନ୍ଦ ସରକାରଙ୍କୁ ଗିରଫ କରିଛି। ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କ ସନ୍ଧାନ ମିଳିଥିବା ଜଣାପଡ଼ିଛି। ଏବେ ଏସଆଇଟି ଦଳ ପକ୍ସୋ ଆଇନରେ ମାମଲାର ଯାଞ୍ଚ କରୁଛି। ତୃଣମୂଳ କଂଗ୍ରେସ ଓ ସିପିଏମ୍ ଭଳି ବିରୋଧୀ ଦଳର ନେତାମାନେ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏହି ଘଟଣା ବଙ୍ଗଳା ରାଜନୀତିର ତାତିକୁ ହାୱା ଦେଇଛି। ବିରୋଧୀ ଏହି ଘଟଣାରୁ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଥିବା ବେଳେ ସରକାର ଅଭିଯୁକ୍ତଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ତତ୍ପର ହୋଇଛି।

## କୁଖ୍ୟାତ ଆନ୍ତଃରାଜ୍ୟ ଅପରାଧୀ ଏମ୍‌ଡି ନାଫିସ୍‌କୁ ଏନ୍‌କାଉଣ୍ଟର

ଚମ୍ପୁଆ,୬।୭(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ପତଳା ଜଙ୍ଗଲରେ ସୋମବାର ଭୋର ସମୟରେ ଚମ୍ପୁଆ ପୁଲିସ କୁଖ୍ୟାତ ଆନ୍ତଃରାଜ୍ୟ ଅପରାଧୀ ଏମ୍‌ଡି ନାଫିସ୍‌କୁ ଏନ୍‌କାଉଣ୍ଟର କରିଛି। ଏଥିରେ ନାଫିସ୍‌ର ଡାହାଣ ଗୋଡ଼ର ଆଣ୍ଠୁରେ ଗୁଳି ବାଜି ସେ ଆହତ ହୋଇଛି। ପୁଲିସ ସୂଚନା ଅନୁସାରେ, ଏମ୍‌ଡି ନାଫିସ୍ ବିରୋଧରେ କେନ୍ଦୁଝର, ମୟୂରଭଞ୍ଜ ସମେତ ବିଭିନ୍ନ ଜିଲ୍ଲାରେ ୩୦ରୁ ଅଧିକ ଚୋରି ମାମଲା ରହିଛି। ଗତ ରବିବାର ତାକୁ ମୟୂରଭଞ୍ଜ ଜିଲ୍ଲାର ବହଳଦା ଅଞ୍ଚଳରୁ ଚମ୍ପୁଆ ପୁଲିସ ଗିରଫ କରିଥିଲା। ତଦନ୍ତ ସମୟରେ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ପୁଲିସ ନାଫିସ୍‌କୁ ପତଳା ଜଙ୍ଗଲକୁ ନେଇଥିଲା। ସେଠାରେ ଲୁଚାଇ ରଖିଥିବା ସାମଗ୍ରୀ ଦେଖାଇବା ବେଳେ ସେ ହଠାତ୍ ଏକ ଦେଶୀ ପିସ୍ତଲରେ ପୁଲିସ ଉପରକୁ ଗୁଳି ଚଳାଇ ଫେରାର



ହେବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ପକ୍ଷରୁ ପାଲଟା ଗୁଳି ଚଳାଯାଇଥିଲା। ଯେଉଁଥିରେ ନାଫିସ୍‌ର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଆହତ ନାଫିସ୍‌କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ତାକୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିବା ବେଳେ ସେଠାରୁ ସୁନା ଓ ରୁପା ଅଳଙ୍କାର ସହ ଏକ ଦେଶୀ ପିସ୍ତଲ ଜବତ କରାଯାଇଛି। ଏହି ଘଟଣାକୁ ନେଇ ଚମ୍ପୁଆ ଥାନାରେ କେସ୍ ନଂ୨୫୭/୨୬ ରୁଜୁ କରାଯାଇଛି। ଅନ୍ୟପକ୍ଷରେ ନାଫିସ୍‌ର ଅନ୍ୟ ସହଯୋଗୀ ଏବଂ ତାହାର ଆନ୍ତଃରାଜ୍ୟ ଅପରାଧିକ ନେଟୱର୍କର ସନ୍ଧାନ ପାଇଁ ତଦନ୍ତକୁ ଅଧିକ ଜୋରଦାର କରାଯାଇଥିବା ଚମ୍ପୁଆ ଥାନାଧିକାରୀ ସ୍ୱରୂପ ରଞ୍ଜନ ନାୟକ ସୂଚନା ଦେଇଛନ୍ତି।

### ପୁରୀ-କୋରାପୁଟ ଏକ୍ସପ୍ରେସର ଶୁଭାରମ୍ଭ

## ଶ୍ରୀକ୍ଷେତ୍ର ସହ ଯୋଡ଼ିହେଲା ଶାବର ଶ୍ରୀକ୍ଷେତ୍ର

ପୁରୀ,୬।୭(ସମିସ): ଶ୍ରୀକ୍ଷେତ୍ର ସହ ଯୋଡ଼ି ହୋଇଛି ଶାବର ଶ୍ରୀକ୍ଷେତ୍ର। ପୂର୍ବରୁ ଶାବର ଶ୍ରୀକ୍ଷେତ୍ର ବା କୋରାପୁଟକୁ ଭୁବନେଶ୍ୱରରୁ ଗୋଟିଏ ଟ୍ରେନ୍ ଚଳାଚଳ କରୁଥିଲା। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ସୋମବାର ପୁରୀରୁ କୋରାପୁଟ ଗଡ଼ିଛି ନୂଆ ଟ୍ରେନ୍। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସବୁଜ ପତାକା ଦେଖାଇ ଏହି ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସୂଚନା ଦେଇ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ, ରେଳ ବିଭାଗ ଉପକୂଳ ଓଡ଼ିଶାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାକୁ ଯୋଡ଼ିବ। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାକୁ ଟ୍ରେନ୍ ଚଳାଚଳ କରିବ। ଓଡ଼ିଶାର ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୯୭ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ପୁରୀ ବିଶ୍ୱସ୍ତରୀୟ ରେଳ ଷ୍ଟେସନରେ ପରିଣତ ହୋଇଛି। ରାଜ୍ୟରେ ୫୦ଟି ଷ୍ଟେସନର ପୁନଃନିର୍ମାଣ ଓ ନବୀକରଣ କରାଯାଉଛି। ସେ ପୁରୀ ରେଳ ଷ୍ଟେସନ ସହ ନବୀକରଣ ଓ ପୁନଃନିର୍ମିତ ହେବାକୁ ଥିବା ରାଜ୍ୟର ପ୍ରମୁଖ ଷ୍ଟେସନଗୁଡ଼ିକର ଫଟୋଚିତ୍ର ଦେଖାଇଥିଲେ।



ଓଡ଼ିଶାରେ ଅଧିକ ରେଳ ଲାଇନ୍ କରାଯାଉଛି। ଏହା ଫଳରେ ଓଡ଼ିଶାର ରେଳ ମ୍ୟାପ୍ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହେବ। ମୁଖ୍ୟମନ୍ତ୍ରୀ ଉତ୍ତର ଓଡ଼ିଶାକୁ ଯୋଗାଯୋଗ କରିବା ପାଇଁ ଏକ ଟ୍ରେନ୍ ଚଳାଚଳ କରିବା ଲାଗି ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ରେଳ ମନ୍ତ୍ରୀ ତୁରନ୍ତ ଏହି ପ୍ରସ୍ତାବ ଗ୍ରହଣ କରି ଉତ୍ତର ଓଡ଼ିଶାକୁ ମଧ୍ୟ ଖୁବ୍‌ଶୀଘ୍ର ରେଳ ଚଳାଚଳ କରିବ ବୋଲି ଘୋଷଣା କରିଥିଲେ। ପୁରୀ-କୋରାପୁଟ ଏକ୍ସପ୍ରେସ ଶୁଭାରମ୍ଭ ପରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବ୍ରହ୍ମପୁର ଯାତ୍ରା କରିଥିଲେ। ଏହି ନୂତନ ଟ୍ରେନ୍ ଶୁଭାରମ୍ଭ ଉତ୍ସବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ସତ୍ୟବାଦୀ, ବ୍ରହ୍ମଗିରି ଓ ପିପିଲି ବିଧାୟକଙ୍କ ସହ ପୂର୍ବତଟ ରେଳବାଇ ଜେନେରାଲ ମ୍ୟାନେଜର, ଡିଭିଜନାଲ୍ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ପୁରୀ-କୋରାପୁଟ ଏକ୍ସପ୍ରେସ୍ ପୁରୀ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୋଳ, ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼, ରାୟଗଡ଼ା ଓ ଦାମନଯୋଡ଼ି ଦେଇ କୋରାପୁଟକୁ ସଂଯୋଗ କରିବ। ଏହି ନୂତନ ରେଳ ସେବା ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଯାତ୍ରୀ, ପର୍ଯ୍ୟଟକ, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ରୋଗୀମାନଙ୍କ ପାଇଁ ବେଶ୍ ଉପକାରୀ ହେବ ବୋଲି ଆଶା କରାଯାଉଛି।

## ବର୍ଷା ଧରାଇଲା ସାର ସଙ୍କଟ

### ପ୍ରଭାବିତ ହେବ ଖରିଫ୍ ଫସଲ

ଭୁବନେଶ୍ୱର,୬।୭(ସମିସ): ଓଡ଼ିଶାରେ ବର୍ଷକୁ ପ୍ରାୟ ୧୨ ଲକ୍ଷ ଟନ୍ ସାର ଆବଶ୍ୟକ। ପୂର୍ବ ବର୍ଷର ଗଚ୍ଛିତ ସାରକୁ ମିଶାଇ ଏବର୍ଷର ଖରିଫ୍ ପାଇଁ ସରକାର ସାର ଯୋଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହା ସତ୍ତ୍ୱେ ଏବେ ସୁଦ୍ଧା ରାଜ୍ୟରେ ଆବଶ୍ୟକ ସାରର ଚାରି ଭାଗରୁ ଭାଗେ ମଧ୍ୟ ମହଜୁଦ୍ ନାହିଁ। ପୂର୍ବରୁ ଦୁର୍ବଳ ମୌସୁମୀ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଥିବା ବେଳେ ଏବେ ଲଘୁଚାପ ଜନିତ ବର୍ଷା ଆସିଥିବାରୁ ଚାଷ ଆରମ୍ଭ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ହୋଇଛି। ଚାଷ ଆରମ୍ଭ କରିବାକୁ ଚାଷୀ ବ୍ୟାକୁଳ ଥିବା ବେଳେ ରାଜ୍ୟରେ ସାର ଅଭାବ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଛି। ଚାଷର ପ୍ରାରମ୍ଭିକ କାର୍ଯ୍ୟରେ ଡିଏପି ଓ ଗ୍ରୋମର ସାରର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ଏହି ସାର ଏବେ ସରକାର ଯୋଗାଇ ଦେଇ ପାରୁନାହାନ୍ତି। ବର୍ଷାକୁ ଆଧାର କରି ଚାଷୀ ଜମି ହଳ କରିବା ସହ ଧାନ ତଳି ପ୍ରସ୍ତୁତ କଲେଣି। ଏହି ସମୟରେ ତଳି ରୁଆ ଓ ବୁଣା କାର୍ଯ୍ୟପାଇଁ ସାରର ଜରୁରୀ ଆବଶ୍ୟକତା ରହିଛି। କିନ୍ତୁ ରାଜ୍ୟର ବିଭିନ୍ନ ବ୍ଲକସ୍ତରରେ ଥିବା ପ୍ୟାକ୍ସ ଓ ଲ୍ୟାମ୍ପ୍ସ ପାଖରେ ଯଥେଷ୍ଟ ପରିମାଣର ସାର ମହଜୁଦ ନାହିଁ। ବହୁ ସ୍ଥାନରେ ସୋସାଇଟିରେ ତାଲା ପଡ଼ିଛି। ଏପରି ସ୍ଥଳେ ଚାଷୀ କ'ଣ କରିବେ ବୋଲି ବୁଝି ପାରୁନାହାନ୍ତି।

ରାଜ୍ୟରେ ସାର ସଂକଟକୁ ନେଇ କୃଷକ ନେତା ଅମିୟ କୁମାର ପଟ୍ଟନାୟକ ବର୍ଷିଛନ୍ତି। ସେ କହିଛନ୍ତି, ଅଧିକ ଫସଲ ଅମଳ ପାଇଁ ସାରର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ଠିକଣା ସମୟରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ଯୋଗାଇଦେବାରେ ଏହି ସରକାର ସମ୍ପୂର୍ଣ୍ଣ ଅସମର୍ଥ। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ରାସାୟନିକ ସାର କମ୍ ବ୍ୟବହାର ହେଉଥିଲେ ମଧ୍ୟ ଅନେକ ସମୟରେ ଚାଷୀ ସାର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଚଳିତ ଖରିଫ୍ ପାଇଁ ସାରା ଦେଶରେ ୩୮୩ ଲକ୍ଷ ଟନ୍ ରାସାୟନିକ ସାରର ଆବଶ୍ୟକତା ରହିଥିବା ବେଳେ ଏବେ ମାତ୍ର ୧୯୦ଲକ୍ଷ ଟନ୍ ସାର ମହଜୁଦ୍ ଅଛି। ଓଡ଼ିଶାରେ ସାରର ଯଥେଷ୍ଟ ଅଭାବ ରହିଛି। ନବରଙ୍ଗପୁର ଜିଲ୍ଲାର ଚାଷୀମାନେ ଏବେ ରାଜ ରାସ୍ତାରେ। ଅନ୍ୟପଟେ ଏପରି ପରିସ୍ଥିତିକୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ ଦୃଢ଼ ମୁକାବିଲା କରିବା ପରିବର୍ତ୍ତେ ଜୈବିକ ସାରର କ୍ଷେତ୍ର ପ୍ରସ୍ତୁତ ନ କରି ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ବ୍ୟବହାର କରିବାକୁ ଚାଷୀଙ୍କୁ ପରାମର୍ଶ ଦେବା ହାସ୍ୟାସ୍ପଦ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ଚଳିତ ଖରିଫ ଚାଷ ପାଇଁ କେନ୍ଦ୍ର କିପରି ଓଡ଼ିଶା ରାଜ୍ୟର ଚାହିଦା ମେଣ୍ଟାଇବାକୁ ଆବଶ୍ୟକ ପରିମାଣର ସାର ଚାଷୀଙ୍କୁ ନିର୍ଦ୍ଧାରିତ ସମୟରେ ଯୋଗାଇ ଦିଆଯାଇ ପାରିବ ସୁବ୍ୟବସ୍ଥା କରିବା ଜରୁରୀ। କିନ୍ତୁ ଏହି ଦିଗରେ ଦିଗରେସରକାରଙ୍କ ସେପରିତତ୍ପରତା ପ୍ରକାଶ ପାଉନାହିଁ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ଥିବା ଲ୍ୟାମ୍ପ୍ସ, ପ୍ୟାକ୍ସ ଓ ଘରୋଇ ଡିଲରମାନଙ୍କୁ ଆବଶ୍ୟକ ପରିମାଣର ସାର ପହଞ୍ଚାଇ ଏହାର ସୁସମ ବଣ୍ଟନ, କଳାବଜାରୀକୁ ଦୃଢ଼ହସ୍ତରେ ଦମନ, ପ୍ରତି ବ୍ଲକସ୍ତରରେ ମନିଟରିଂ ପାଇଁ ସ୍କ୍ୱାର୍ଡ ଗଠନ ଏବଂ ପରିବେଶ ପରିସ୍ଥିତି ଓ ମୌସୁମୀକୁ ଲକ୍ଷ୍ୟରଖି ସାର ବ୍ୟବହାର ପାଇଁ ଚାଷୀଙ୍କୁ ଉପଯୁକ୍ତ ବୈଷୟିକ ପରାମର୍ଶ ଦେବାକୁ ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ରାଜ୍ୟରେ ଲାଗି ରହିଥିବା ସାର ସମସ୍ୟାର ଆଶୁ ସମାଧାନ କରାନଗଲେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସରକାରଙ୍କୁ ସେ ଚେତାବନୀ ଦେଇଛନ୍ତି।

■ ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱ

## ୪୭୫ ସିସିଟିଭି ନଜରରେ ରହିବ ରଥଯାତ୍ରା

ପୁରୀ,୬।୭(ସମିସ): ଏଥର ରଥଯାତ୍ରାରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହି ଭିଡ଼ ଭିତରେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ସହ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ସୁପରିଚାଳନା ପାଇଁ ପୁଲିସ ବ୍ୟାପକ ପ୍ରସ୍ତୁତି କରିଛି। ସୋମବାର ଅନୁଷ୍ଠିତ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ୍ ସୁପରିଚାଳନା ଉପରେ ପୁଲିସର ପ୍ରାଥମିକତା ରହିଛି। ସୁରକ୍ଷା ଦୃଷ୍ଟିରୁ ପୁରୀରେ ପ୍ରାୟ ୧୨ ହଜାର ପୁଲିସ କର୍ମଚାରୀ ମୁତୟନ ହେଉଥିବାବେଳେ ୪୭୫ ସିସିଟିଭି କ୍ୟାମେରା ନଜରରେ ରହିବ ରଥଯାତ୍ରା।

**ନିୟୋଜିତ ହେବେ ୧୨ ହଜାର ପୁଲିସ ଫୋର୍ସ**

ଗତବର୍ଷ ବ୍ୟବସ୍ଥାରେ କିଛିଟା ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏଥିରେ ଆବଶ୍ୟକ ସୁଧାର ଅଣାଯାଇଛି। ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ପୁଲିସ ବିଭାଗର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ତୀର୍ଥଯାତ୍ରୀଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଏବଂ ସୁରକ୍ଷିତ ରଥଟଣା ଉପରେ ପୁଲିସ ବିଶେଷ ଧ୍ୟାନ ଦେବ। ଚଳିତ ବର୍ଷର ସୁରକ୍ଷା ବ୍ୟବସ୍ଥାର ତଦାରଖ ସୌମେନ୍ଦ୍ର ପ୍ରିୟଦର୍ଶୀ କରୁଥିବାବେଳେ ସୁଚାରୁ ପରିଚାଳନା ପାଇଁ ଟେକ୍ନୋଲୋଜିର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର, ତିନି ରଥ, ବଡ଼ଦାଣ୍ଡ, ପୁରୀ ବେଳାଭୂମି ଏବଂ ରେଳ ଷ୍ଟେସନର ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ସମଗ୍ର ସହରକୁ ସିସିଟିଭି ନଜରରେ ରଖାଯିବ। ଏହି ବୃହତ୍ ଧାର୍ମିକ ସମାବେଶ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ, ୨୩ ଜଣ ଏସ୍‌ପି, ୪୯ ଆଡିସ୍‌ନାଲ ଏସ୍‌ପି, ୧୦୧ ଡିଏସ୍‌ପି, ୯୦୦ରୁ ଉର୍ଦ୍ଧ୍ୱ ଅଫିସର, ୧ ହଜାରରୁ ଅଧିକ କନଷ୍ଟେବଲ ନିୟୋଜିତ ହେବେ। ଭିଡ଼ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥାରେ ସହାୟତା ପାଇଁ ପ୍ରାୟ ୨,୫୦୦ରୁ ଅଧିକ ହୋମ୍‌ଗାର୍ଡଙ୍କୁ ମଧ୍ୟ ନିୟୋଜିତ କରାଯିବ। ଏତଦ୍‌ବ୍ୟତୀତ ସିଆର୍‌ପିଏଫ୍, ବିଏସ୍‌ଏଫ୍, ଆର୍‌ଏଏଫ୍ ସମେତ ୧୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସିଆଇଏସ୍‌ଏଫ୍) ମୁତୟନ ହେବେ। ଏହାଛଡ଼ା ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ (ଓଏସ୍‌ପି), ଆଇଆର୍‌ବିଏନ୍ ଏବଂ ଟ୍ରାଫିକ୍ ଫୋର୍ସର ପ୍ରାୟ ୨୨୦ ପ୍ଲାଟୁନ୍ ପୁରୀରେ ସୁରକ୍ଷା ଦାୟିତ୍ୱ ତୁଲାଇବେ।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଳ ନିଷ୍କାସନ ଅବ୍ୟବସ୍ଥାର ଅଭିନବ ପ୍ରତିବାଦ

## ଟ୍ୟୁବ୍‌ରେ ପହଁରିଲେ ଛାତ୍ର କଂଗ୍ରେସ ସଭାପତି





ବରଗଡ଼,୬।୭(ସମିସ): ବରଗଡ଼ ଜିଲ୍ଲାପାଳଙ୍କ ଅଫିସ ଆଗରେ ସୋମବାର ଅଭିନବ ଢଙ୍ଗରେ ପ୍ରତିବାଦ କରିଛି ଛାତ୍ର କଂଗ୍ରେସ। ଜିଲ୍ଲାରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁ ଲଗାଣ ବର୍ଷା ପରେ ବିଭିନ୍ନ ସ୍ଥାନ ଓ ଅଫିସ ପରିସର ଜଳମଗ୍ନ ହୋଇ ରହିଛି। ଜିଲ୍ଲାପାଳଙ୍କ ଅଫିସ ଆଗରେ ଜମିଥିବା ଅଣ୍ଟାଏ ପାଣିରେ ଟ୍ୟୁବ୍ ପକାଇ ପହଁରି ଥିଲେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଗୌରବ ପତି (ଆଜାଦ୍)।

ସହରରେ ଡ୍ରେନେଜ ବ୍ୟବସ୍ଥା ଫେଲ୍ ମାରିଥିବା ବେଳେ ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏତେ ପାଣି ଜମିଛି ଯେ ଆରମ୍ଭରେ ପହଁରି ହେଉଛି। ଜନସାଧାରଣ ଏବଂ ଅଫିସ ଷ୍ଟାଫ ଯିବାଆସିବା ପାଇଁ ଅନେକ ସମସ୍ୟା ଭୋଗୁଛନ୍ତି। ଲୋକଙ୍କ ସମସ୍ୟା ଜଣାଇବାକୁ ଯାଇ ଛାତ୍ର କଂଗ୍ରେସ ସଭାପତି ଆଜାଦ୍ ଏକ ଟିଉରେ ପମ୍ପ ଦେଇ ନେଇ ଜମିଥିବା ପାଣିରେ ପକାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସରକାର ଓ ପ୍ରଶାସନକୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିବା ସହ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ ଦେଇଥିଲେ।

### ଅଚାନକ ମାଡ଼ି ଆସିଲା ବନ୍ୟାପାଣି

## ଗଛ ଉପରେ ରାତି କାଟିଲେ ୧୪ ଶ୍ରମିକ





ନୂଆପଡ଼ା/ସିନାପାଲି,୬।୭(ସମିସ): ମୁହୂର୍ତ୍ତକେ ପାଣି ମାଡ଼ି ଆସିଲା। ଜୀବନ ବଞ୍ଚାଇବାକୁ ଭରସା ହେଲା ଗୋଟିଏ ଗଛ। ସେହିଠାରେ ହିଁ ରାତି କଟିଲା ୧୪ ଶ୍ରମିକଙ୍କର। ଏପରି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି ଓଡ଼ିଶା-ଛତିଶଗଡ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ଛୁରା ଥାନା ଅନ୍ତର୍ଗତ ବିଜୟପାଲ ଗାଁ ନିକଟରେ।

ସୂଚନା ଅନୁଯାୟୀ, ଓଡ଼ିଶା-ଛତିଶଗଡ଼ ସୀମାନ୍ତ ବିଜୟପାଲ ଗାଁ ନିକଟ ବଗନଇ ନଦୀ ଉପରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଏକ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁଥିଲା। ଗରିଆବନ୍ଧ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ହଠାତ୍ ବଗନଇ ନଦୀରେ ବନ୍ୟା ପାଣି ଚାଲି ଆସିଥିଲା। ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ନଦୀ କୂଳରେ ରହୁଥିବା ୧୪ ଜଣ ଶ୍ରମିକଙ୍କ ଅସ୍ଥାୟୀ କୁଡ଼ିଆ ମୁହୂର୍ତ୍ତକ ମଧ୍ୟରେ ଭାସିଗଲା। ପ୍ରାଣ ଭୟରେ ଶ୍ରମିକମାନେ ନିକଟସ୍ଥ ଏକ ଉଚ୍ଚ ଗଛରେ ଚଢ଼ିଯାଇ ରାତି କଟାଇଥିଲେ। ଖାଦ୍ୟ, ପାଣି ବିନା ଅନ୍ଧାର ରାତି ସେମାନଙ୍କ ପାଇଁ ଭୟଙ୍କର ଥିଲା।

ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଗରିଆବନ୍ଧ ଜିଲ୍ଲାପାଳ ଭଗବାନ ସିଂହ ଉଇକେ ଓ ଏସ୍‌ପି ଦେବ୍ରତ ସିରମୋର ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗରିଆବନ୍ଧ ଓ ମହାସମୁନ୍ଦ ଜିଲ୍ଲାର ଏସ୍‌ଡିଆର୍‌ଏଫ୍ ଟିମକୁ ଡକାଯାଇଥିଲା। ଯବାନମାନେ ଉଦ୍ଧାରକାରୀ ନୌକା ସହାୟତାରେ ଗଛ ଉପରେ ଅଟକି ରହିଥିବା ସମସ୍ତ ୧୪ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସମସ୍ତ ୧୪ ଜଣ ଶ୍ରମିକ ବର୍ତ୍ତମାନ ସୁରକ୍ଷିତ ଅଛନ୍ତି ବୋଲି ଗରିଆବନ୍ଧ ଅତିରିକ୍ତ ପୁଲିସ ଅଧୀକ୍ଷକ ଲିତେଶ ସିଂହ ସ୍ପଷ୍ଟ କରିଛନ୍ତି। ଉଦ୍ଧାର ପରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଓ ଖାଦ୍ୟ ଯୋଗାଇ ଦିଆଯାଇଛି। ଘଟଣା ପରେ ପ୍ରଶାସନ ପକ୍ଷରୁ ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୪୯୪ଟି ସହରାଞ୍ଚଳ ବିକାଶ ପ୍ରକଳ୍ପର ଶୁଭାରମ୍ଭ

### ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାଁରେ ଓଡ଼ିଶାର ୭ଟି ପାର୍କ ଓ ରାସ୍ତା ଉତ୍ସର୍ଗୀକୃତ

ପୁରୀ,୬।୭(ସମିସ): ଓଡ଼ିଶାର ସହରଗୁଡ଼ିକରେ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ନାଗରିକଙ୍କ ଜୀବନଧାରଣର ମାନରେ ସୁଧାର ଆଣିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୋମବାର 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'(ଏମ୍‌ଏସ୍‌ବିୱାଇ) ଅଧୀନରେ ୩୭ଟି ପୌରାଞ୍ଚଳରେ ୪୯୪ଟି ନଗର ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପୁରୀ ଜିଲ୍ଲା ଓସ୍‌ୱାନ ହଲ୍‌ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସମସ୍ତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି।

ଏହି ଅବସରରେ, ଦେଶ ଗଠନରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଅବଦାନ ଓ ସ୍ମୃତିକୁ ସମ୍ମାନ ଜଣାଇ ରାଜ୍ୟର ୭ଟି ପାର୍କ ଏବଂ ରାସ୍ତାକୁ ତାଙ୍କ ନାମରେ ଉତ୍ସର୍ଗ କରାଯାଇଛି। ମନ୍ତ୍ରୀଙ୍କ ଦ୍ୱାରା ଏହି ୪୯୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ସହିତ ସେହି ୭ଟି ପାର୍କ ଏବଂ ରାସ୍ତାର ନାମକରଣ କରାଯାଇଥିଲା। ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାମରେ ନାମିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବେହେରା ସାହି ରାସ୍ତାର ଉନ୍ନତୀକରଣ, ବାରିପଦାର ଫରେଷ୍ଟ କଲୋନୀ ପାର୍କ, କଟକର ଟାଉନ୍ ହଲ୍ ନିକଟସ୍ଥ ପାର୍କ, ବ୍ରହ୍ମପୁର ନୀଳକଣ୍ଠ ନଗରର ପ୍ରେମ ନଗରରୁ ମାଙ୍ଗୋ ମାର୍କେଟ ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା, ରାଉରକେଲାର ସିଭିଲ୍ ଟାଉନ୍‌ସିପ୍ ପାର୍କ, ଢେଙ୍କାନାଳ ବସ୍‌ଷ୍ଟାଣ୍ଡରୁ କୋର୍ଟ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଏବଂ ଜଟଣୀର ସରସ୍ୱତୀ ଶିଶୁମନ୍ଦିରରୁ ଶ୍ରୀହରି ବିହାର ପର୍ଯ୍ୟନ୍ତ ରାସ୍ତା ସାମିଲ୍ ରହିଛି।

ଏହି ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ ଡ. ମହାପାତ୍ର ଯୋଜନାବଦ୍ଧ ସହରାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ସହରାଞ୍ଚଳର ନାଗରିକମାନଙ୍କ ପାଖରେ ଉନ୍ନତ ଭିତ୍ତିଭୂମି ଓ ନାଗରିକ ସୁବିଧାସୁଯୋଗ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ସ୍ଥାନୀୟ ଭିତ୍ତିଭୂମିର ଆବଶ୍ୟକତା ପୂରଣ କରିବା ଏବଂ ସହରାଞ୍ଚଳରେ ଉନ୍ନତ ଜନସାଧାରଣଙ୍କ ସୁବିଧା ସୁଯୋଗ ସୃଷ୍ଟି କରିବାରେ ଏମ୍‌ଏସ୍‌ବିୱାଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ନାଗରିକଙ୍କ ଆବଶ୍ୟକତା ଓ ପ୍ରାଥମିକତା ଆଧାରରେ ଏହି ବିକାଶମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓଡ଼ିଶାର ସହରଗୁଡ଼ିକୁ ଅଧିକ ବାସୋପଯୋଗୀ, ସମାବେଶୀ ଏବଂ ସ୍ଥାୟୀ କରିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ପୌରସଂସ୍ଥାଗୁଡ଼ିକୁ ପ୍ରସ୍ତୁତ ରହିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ, ବିଧାୟକ ଓ ବିଭିନ୍ନ ପୌରସଂସ୍ଥାର ଅଧ୍ୟକ୍ଷ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ଦେବା ପରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରାଞ୍ଚଳ ବିକାଶର ସଫଳତାକୁ ନେଇ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଅତିରିକ୍ତ ଶାସନ ସଚିବ ରବୀନ୍ଦ୍ର କୁମାର ସାହୁ ଯୋଜନାର ଉଦ୍ଦେଶ୍ୟ, କାର୍ଯ୍ୟାନ୍ୱୟନ ଏବଂ ପ୍ରଗତି ସମ୍ପର୍କରେ ଏକ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଭିନ୍ନ ପୌରାଞ୍ଚଳରୁ ଆସିଥିବା ପ୍ରତିନିଧିମାନଙ୍କ ସହ ଆଲୋଚନା ମଧ୍ୟ କରାଯାଇଥିଲା। ୩୭ଟି ପୌରାଞ୍ଚଳରେ ୪୯୪ଟି ପ୍ରକଳ୍ପର ଶୁଭାରମ୍ଭ ସହରାଞ୍ଚଳ ଭିତ୍ତିଭୂମିକୁ ମଜଭୁତ କରିବା ଏବଂ ନାଗରିକମାନଙ୍କୁ ଉନ୍ନତ ନାଗରିକ ସେବା ଯୋଗାଇବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ମାଧ୍ୟମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓଡ଼ିଶାରେ ଗୁଣାତ୍ମକ ସାର୍ବଜନୀନ ଭିତ୍ତିଭୂମିର ବିକାଶ ଏବଂ ସମୃଦ୍ଧ, ସମାବେଶୀ ତଥା ଜନକଲ୍ୟାଣକାରୀ ସହରାଞ୍ଚଳ ସୃଷ୍ଟି କରିବା ଉପରେ ଲଗାତାର ଧ୍ୟାନ କେନ୍ଦ୍ରୀଭୂତ କରୁଛି। କାର୍ଯ୍ୟକ୍ରମରେ ପୁରୀ ମହାନଗର ନିଗମର କମିସନର ସ୍ନେହା ଅରୁଗୁଲା ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଯୋଜନାର ରୂପରେଖ ଓ ସହରାଞ୍ଚଳ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ପୁରୀରେ ୨ ହଜାର ସଂଖ୍ୟା ବିଶିଷ୍ଟ ଏକ ବହୁମୁଖୀ ଅଡିଟୋରିୟମ୍ କରାଯିବା ସହ ଅଠରନଳାର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସୂଚନା ଦେଇଥିଲେ। ଶେଷରେ ପୁରୀ ପୌରପାଳିକାର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି



କୁନ୍ଦୁରା,୬।୭(ସମିସ): କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଉପ ଜିଲ୍ଲାପାଳ ଯଦୁମଣି ନାୟକ, ସିଡିଓ ବେଣୁଧର ଶବର, ଡିଏଫଓ ପ୍ରଶାନ୍ତ ପଟେଲ ଏବଂ ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ ପ୍ରମୁଖ ଉପସ୍ଥିତ ରହି ମୋଟ ୫୬ ଅଭିଯୋଗ ଶୁଣାଣୀ କରିଥିଲେ। ସେଥିରେ ୩୧ ବ୍ୟକ୍ତିଗତ ଓ ୨୫ ସାମୂହିକ ସମସ୍ୟା ରହିଥିଲା ଓ ଅଭିଯୋଗ ଗୁଡ଼ିକୁ ଶୁଣିବା ପରେ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲପାଳ। ଏ ଅବସରରେ ମିଶନ ଶକ୍ତି ପକ୍ଷରୁ ୨୧ଟି ଏସଏଚ୍‌ଜିକୁ ସମୁଦାୟ ୧ କୋଟି ୨ ଲକ୍ଷ ୮୫ ହଜାର ଟଙ୍କା ଚେକ ମାଧ୍ୟମରେ ଋଣ ପ୍ରଦାନ ଏବଂ ପ୍ରାଣୀଧନ ବିଭାଗ ପକ୍ଷରୁ କାମଧେନୁ ଯୋଜନାରେ ଗାଇ ପାଳନ ନିମନ୍ତେ ସମୁଦାୟ ୬ ଜଣ ଚାଷୀଙ୍କୁ ୮ ଲକ୍ଷ ୨୬ ହଜାର ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ ଜିଲ୍ଲାପାଳ। ଅନ୍ୟ ମାନଙ୍କ ମଧ୍ୟରେ ବିଡିଓ ପି.ମନସ୍ମିତା, ତହସିଲଦାର ବିନୋଦ କୁମାର ନାଏକ, ଜିପିଡିଓ ଜଗତ ସିଂ ମାଝୀ, ମିଶନ ଶକ୍ତି ସଂଯୋଜକ ବିନୋଦ କୁମାର ବିଶୋୟୀ, ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ ଜୀବନଜିତ ମିଶ୍ରଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ।

## ରାୟଗଡ ନାଗାବଳି ପ୍ଲାନେଟୋରିୟମ୍

# ୧୮ ଠିକା କର୍ମଚାରୀ ୫ ମାସ ହେଲା ଦରମାରୁ ବଞ୍ଚିତ

ରାୟଗଡ, ୬।୭(ସମିସ): ଆଦିବାସୀ ବହୁଳ ରାୟଗଡ ଜିଲ୍ଲାରେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ମହାକାଶ ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଭାକୁରଗୁଡ଼ା ନିକଟ କଦମ୍ବରୀଗୁଡ଼ାଠାରେ ସ୍ଥାପିତ ହୋଇଛି ରାଜ୍ୟର ତୃତୀୟ ନାଗାବଳି ପ୍ଲାନେଟୋରିୟମ । ଏଥିରେ କାର୍ଯ୍ୟରତ ୧୮ ଜଣ ଠିକା କର୍ମଚାରୀ ଗତ ୫ ମାସ ଧରି ଦରମା ପାଇନଥିବା ଅଭିଯୋଗ କରି ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ,୨୦୨୪ ମସିହା ଫେବୃଆରୀ ୨୭ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ କଦମ୍ବରୀଗୁଡ଼ାଠାରେ ନାଗାବଳି ପ୍ଲାନେଟୋରିୟମର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ଏନପିସିସି ମାଧ୍ୟମରେ ୨.୫ ଏକର ଜମିରେ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟରେ ଏହି ପ୍ଲାନେଟୋରିୟମ ନିର୍ମାଣ କରାଯାଇଥିଲା। ୧୩୩ ଜଣଙ୍କ ବସିବା ବ୍ୟବସ୍ଥା ଥିବା ଏହି ପ୍ଲାନେଟୋରିୟମକୁ ଜିଲ୍ଲା ଶିକ୍ଷା ବିଭାଗ ଅଧୀନକୁ ହସ୍ତାନ୍ତର କରାଯାଇଥିବା ବେଳେ ଏହାର ପରିଚାଳନା ପାଇଁ ୩୩ ଜଣ କର୍ମଚାରୀ ଆବଶ୍ୟକ ହେଉଛନ୍ତି ଏବଂ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ ବାର୍ଷିକ ୫୭ ଲକ୍ଷ ଟଙ୍କା ବ୍ୟୟବରାଦ ରହିଥିଲା । ଆଜି ଦେଇଥିବା ଦାବିପତ୍ରରେ ଠିକା କର୍ମଚାରୀମାନେ

### ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ କର୍ମଚାରୀ



ଦର୍ଶାଇଛନ୍ତି ଯେ, ପୂର୍ବରୁ ଚାରି ମାସରେ ଥରେ ଦରମା ମିଳୁଥିଲେ ମଧ୍ୟ ବର୍ତ୍ତମାନ ପାଞ୍ଚ ମାସରୁ ଅଧିକ ସମୟ ଧରି କୌଣସି ଦରମା ପାଇନାହାନ୍ତି। ଦରମା ଅଭାବରୁ ସେମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ସହ ପରିବାର ଚଳାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଅଭିଯୋଗ ଅନୁସାରେ, ଆଉଟସୋର୍ସିଂ ସଂସ୍ଥା ପକ୍ଷରୁ ଗତ ଫେବୃଆରୀ ମାସରେ ତତ୍କାଳୀନ ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକଙ୍କ ନିକଟରେ ଚୁକ୍ତିନାମା ନବୀକରଣ ପାଇଁ ଆବେଦନ କରାଯାଇଥିଲା। କିନ୍ତୁ ଏପ୍ରିଲ ମାସ ପର୍ଯ୍ୟନ୍ତ ନବୀକରଣ ହୋଇନଥିଲା। ମାର୍ଚ୍ଚ ୩୧ରେ ଶ୍ରୀ ନାହାକ ଅବସର ଗ୍ରହଣ କରିବା ପରେ ସଂସ୍ଥା ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀଙ୍କୁ ଭେଟିଥିଲେ। ତେବେ ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀଙ୍କ ସ୍ୱାକ୍ଷର ଆବଶ୍ୟକ ବୋଲି କୁହାଯିବା ପରେ ସଂସ୍ଥା ପୁଣି ଶ୍ରୀ ନାହାକଙ୍କ ନିକଟକୁ ଯାଇଥିଲେ ମଧ୍ୟ ସେ ସ୍ୱାକ୍ଷର କରିବାକୁ ମନା କରିଦେଇଥିବାରୁ ଚୁକ୍ତିନାମା ନବୀକରଣ ହୋଇପାରିନାହିଁ। ଫଳରେ କର୍ମଚାରୀମାନଙ୍କୁ ଦରମା ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଥିବା ଆଉଟସୋର୍ସିଂ ସଂସ୍ଥାର କର୍ତ୍ତୃପକ୍ଷ ନିରଞ୍ଜନ ସେଠୀ କହିଛନ୍ତି। ଦରମା ପାଇ ନ ଥିବା ଏହି ୧୮ ଜଣ କର୍ମଚାରୀଙ୍କ ମଧ୍ୟରେ ୩ ଜଣ ମାଳି, ୩ ଜଣ ହାଉସ୍‌କିପର, ୨ ଜଣ ମଲ୍ଟି ପର୍ପୋଜ କର୍ମଚାରୀ, ଜଣେ ଅଫିସ ସପୋର୍ଟ ଷ୍ଟାଫ୍, ୮ ଜଣ ସୁରକ୍ଷା କର୍ମୀ ଓ ଜଣେ ଇଲେକ୍ଟ୍ରିସିଆନ ରହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କର୍ମଚାରୀ ଜାଗୁଲୁ ହାରକା, ପାଲି ଆଶା, ମିନା ମିନିଆକା, ଝରଣା ବିଡ଼ିକା, କଲ୍ୟାଣ ଜିଲାକାରା, ସୁକାନ୍ତ ହିମିରିକା, ରଣା ପ୍ରତାପ, ଉଷା ହାରକା, ଆନନ୍ଦ କାଡ୍ରକାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ବନ ମହୋତ୍ସବ




ଜୟପୁର,୬।୭(ସମିସ): ଜୟପୁର ସହର ମକାପୁଟସ୍ଥିତ ଏମ୍.ଏସ୍.ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବନ ମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର କୁନ୍ଦୁରା ଏବଂ କୋରାପୁଟ ବ୍ଲକର ୫୦ରୁ ଅଧିକ ଚାଷୀ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା ଅଧ୍ୟକ୍ଷତାରେ ବୃକ୍ଷରୋପଣର ଆବଶ୍ୟକତା ଏବଂ ଯତ୍ନ ଉପରେ ଆଲୋକପାତ କରିଥିଲେ। ଏଥିରେ ଜୟପୁର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଡ. ଅମିତ ନାୟକ, କୋରାପୁଟ ବନଖଣ୍ଡରୁ ସହକାରୀ ବନ ସଂରକ୍ଷକ ଜଗନ୍ନାଥ ପ୍ରସାଦ ବିଶୋଇ, ଏଫଇଏସର ପ୍ରଦୀପ କୁମାର ମିଶ୍ର ଯୋଗଦେଇ ସମସ୍ତଙ୍କୁ ବନ ମହୋତ୍ସବ ପାଳନ ଓ ଚାରାରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଚାଷୀ ଭାଇ ଭଉଣୀମାନେ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷାରେ ତଥା ଠେଙ୍ଗାପାଳି ଭଳି ସାମାଜିକ ଭୂମିକା ତଥା ରାତିରେ ଜଗି ଜଙ୍ଗଲ ନିଆଁ ପୋଡାରୁ ରକ୍ଷା କରିବା ଭଳି ଅନୁଭୂତି ବାଣ୍ଟିଥିଲେ। ସେହିଭଳି ଅନେକ ଗ୍ରାମବାସୀ ଫଳ ବୃକ୍ଷରୋପଣ କଲେ ତାହା କିଭଳି ଜୀବନ ଜୀବିକାରେ ସହାୟକ ହୋଇପାରିବ ତାହା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡା. କାର୍ତ୍ତିକ ଚରଣ ଲେଙ୍କା ବୃକ୍ଷରୋପଣରେ ବିଭିନ୍ନ ପଡିଆ, ଜମି , ଶ୍ମଶାନ ରାସ୍ତା କଡ଼ରେ ବନ ବିଭାଗ, ଓଡ଼ିଶା ଜୈବ ବିବିଧତା ବୋର୍ଡ ଏବଂ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ବନ ମହୋତ୍ସବ କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକ ସଂଖ୍ୟାରେ ଚାରାରୋପଣ କରାଯାଇଛି ବୋଲି କହିବା ସହିତ ଏହାର ଯତ୍ନ ନେବା ନିମନ୍ତେ ସମ୍ପୃକ୍ତ ଗୋଷ୍ଠୀକୁ ଅନୁରୋଧ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଡାଳଚିନି ଗଛ ବଣ୍ଟନ କରାଯିବା ସହ ପ୍ରତିଷ୍ଠାନ ପରିସରରେ ଅତିଥି ମାନଙ୍କ ଦ୍ୱାରା କିଛି ଚାରାରୋପଣ କରାଯାଇଥିଲା।

## ବିବାଦ ତୁଟୁନି, ସିଆରସିସିଙ୍କ ଉପରେ ଶିକ୍ଷକ ଶିକ୍ଷୟିତ୍ରୀ ଖପ୍ପା

### ନିକଟସ୍ଥ ପଞ୍ଚାୟତରେ ହେଲା ମାସିକ ଆଞ୍ଚଳିକ ବୈଠକ

ମାଥିଲି,୬।୭ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତରେ ସିଆରସିସି ନିହାର ରଞ୍ଜନ ଦାଶ ଓ ପଞ୍ଚାୟତରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ବିବାଦ ଛିଡିବାରେ ନା ଧରୁନାହିଁ। କିଛି ଦିନ ପୂର୍ବରୁ ପଞ୍ଚାୟତର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସମ୍ପୃକ୍ତ ସିଆରସିସିଙ୍କ ବିରୁଦ୍ଧରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳୀନ ଗୋଷ୍ଠୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧ୍ୟ ଲିଖିତ ଅଭିଯୋଗ ପରେ କମିଟି ଗଠନ କରି ତଦନ୍ତ କରିଥିଲେ। ତଦନ୍ତ ସମୟରେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ ନ କରି ସମ୍ପୃକ୍ତ ସିଆରସିସି ଶ୍ରୀ ଦାସ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ ଛୁଟିରେ ରହିଲେ। କିନ୍ତୁ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ସିଆରସିସି ମଧ୍ୟରେ ହୋଇଥିବା ବିବାଦର ସ୍ଥାୟୀ ସମାଧାନ ନକରି ସମ୍ପୃକ୍ତ ସିଆରସିସିଙ୍କୁ ସେହି ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। ଯାହା ଫଳରେ ପୁଣି ସେହି ବିବାଦ ଏବେ ଦେଖିବାକୁ ମିଳିଛି। ଗତକାଲି ପ୍ରତି ପଞ୍ଚାୟତରେ ଥିବା ଆଞ୍ଚଳିକ ସାଧନ କେନ୍ଦ୍ରରେ ମାସିକ ଆଞ୍ଚଳିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ କିଆଙ୍ଗ ପଞ୍ଚାୟତର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ବିରୋଧକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ସିଆରସିସି ଜଣକ ଛୁଟିରେ ରହିଥିଲେ। ଫଳରେ କିଆଙ୍ଗ ପଞ୍ଚାୟତର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସାଲିମି ପଞ୍ଚାୟତ ସିଆରସିସି ଦୁର୍ଗା ପ୍ରସାଦ ଦାସଙ୍କ ଆଞ୍ଚଳିକ ସାଧନ କେନ୍ଦ୍ରରେ ମାସିକ ବୈଠକ କରିଥିଲେ। ଏଠି ପ୍ରଶ୍ନ ଉଠୁଛି ଯେଉଁ ସିଆରସିସିଙ୍କୁ ପଞ୍ଚାୟତରେ ଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିରୋଧ କରି ଲିଖିତ ଭାବେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ସମସ୍ୟାର ସ୍ଥାୟୀ ସମାଧାନ କାହିଁକି ହୋଇପାରୁ ନାହିଁ ତାହା ଚିନ୍ତାର ବିଷୟ। ଯାହା ଫଳରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମାନସିକ ଚିନ୍ତାରେ ରହୁଛନ୍ତି ଛାତ୍ରଛାତ୍ରୀ ମାନଙ୍କର ପାଠପଢ଼ାରେ ବାଧା ସୃଷ୍ଟି ହେଉଛି ବୋଲି କିଛି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ମାଥିଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଗତକାଲି ତାଙ୍କର ସମ୍ପୃକ୍ତ ସିଆରସିସିର ମେଡିକାଲ ଚେକ୍‌ଅପ୍ ଥିବାରୁ ସେ କୋରାପୁଟ ମେଡିକାଲ ଯାଇଥିଲେ। ସେଉଥିପାଇଁ ଆମେ ତାଙ୍କୁ ଛୁଟି ଦେଇଥିଲୁ। ଯେହେତୁ ଗତକାଲି ପ୍ରତି ପଞ୍ଚାୟତରେ ମାସିକ ଆଞ୍ଚଳିକ ବୈଠକ ଥିଲା। କାର୍ଯ୍ୟାଳୟ ତରଫରୁ ନିକଟସ୍ଥ ସାଲିମି ପଞ୍ଚାୟତ ଆଞ୍ଚଳିକ ବୈଠକ ଅନୁଷ୍ଠିତ ହୋଇଥିଲା। ବାକି ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିବାଦର ସମସ୍ତ ତଦନ୍ତ ରିପୋର୍ଟ ଡିପିଇପିଙ୍କୁ ଦିଆଯାଇଛି। ଯାହା ନିଷ୍ପତ୍ତି ନେବେ ଜିଲ୍ଲା ସ୍ତରରେ। ବ୍ଲକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବୁ ନାହିଁ। ଏପରି ବିବାଦକୁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ମାନେ ଦାବି କରିଛନ୍ତି।

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ




ରାୟଗଡ,୬।୭(ସମିସ): ରାୟଗଡ଼ ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପେଣ୍ଟାରେ ବନମହୋତ୍ସବ ପାଳନ କରାଯାଇଛି। ବନ ବିଭାଗ ପକ୍ଷରୁ ଚମ୍ପା, କରଞ୍ଜ, ଜାମୁ ଆଦି ପ୍ରଜାତିର ୧୦୦ଟି ଚାରା ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କୋମଟାଲପେଟାର ଫରେଷ୍ଟର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାରାରୋପଣ କରିଥିଲେ। ପେଣ୍ଟା ବିଟ୍ ହାଉସ୍ ଇନ୍‌ଚାର୍ଜ ପ୍ରଦୀପ ସିଂହ, ବନ ବିଭାଗର ଅନ୍ୟାନ୍ୟ ଅଧିକାରୀ, ପେଣ୍ଟା ସରପଞ୍ଚ ଏଟଲା ବିଶ୍ୱନାଥ, ସମିତି ସଭ୍ୟା ଲକ୍ଷ୍ମୀ ଜାମ୍ବିକା, ବିଦ୍ୟାଳୟ ପରିଚାଳନା ସମିତିର ସଭାପତ ଦେବୀ ହିମିରିକା ଏବଂ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଉଦୟ ହିମିରିକା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅତିଥିମାନେ ମିଳିତ ଭାବେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଫରେଷ୍ଟର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ଗୌଡ଼ ବର୍ତ୍ତମାନର ପରିବେଶ ପରିସ୍ଥିତିରେ ବୃକ୍ଷର ଗୁରୁତ୍ୱ, ପରିବେଶ ସୁରକ୍ଷା ଏବଂ ପ୍ରତ୍ୟେକ ବ୍ୟକ୍ତି ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମଟି ବିଦ୍ୟାଳୟ ପରିବାର, ବନ ବିଭାଗ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସମନ୍ୱୟରେ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ମୋଟୁ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଚାରାରୋପଣ




ମୋଟୁ, ୬।୭(ସମିସ): ମାଲକାନଗିରି ଜିଲ୍ଲା ତାଲୁକ ଆଇନ ସେବା କମିଟି, ମୋଟୁ ପକ୍ଷରୁ ଏମଭି ୭୯ ଜେଏମ୍‌ଏଫ୍‌ସି ନ୍ୟାୟାଳୟ ପରିସରରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେଏମ୍‌ଏଫ୍‌ସି ବିଚାରପତି ଅଂଶୁ ଦାଶ, ସରକାରୀ ଓକିଲ ରାଜେଶ ପଟ୍ଟନାୟକ ଓ ଅନ୍ୟାନ୍ୟ ଆଇନଜୀବୀଙ୍କ ଉପସ୍ଥିତିରେ ନ୍ୟାୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ଏଥିରେ ଆଇନଜୀବୀ ବିପ୍ଳବ ଦତ୍ତ, ବାସୁଦେବ ଦେବନାଥ(ଏସ.ଡି.ସି), ଜୟଦେବ କୁମାର ରଙ୍ଗ ପ୍ରମୁଖଙ୍କ ସହ କୋର୍ଟ କର୍ମଚାରୀ, ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତି ରହି ନ୍ୟାୟାଳୟ ପରିସର ମଧ୍ୟରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ଚାରାରୋପଣ ପ୍ରତି ସାମାଜିକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଉପସ୍ଥିତ ବକ୍ତାମାନେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଓ ଆଗାମୀ ପିଢ଼ି ପାଇଁ ସବୁଜ ପରିବେଶ ଗଠନରେ ଚାରାରୋପଣର ଗୁରୁତ୍ୱ ଉପରେ ମତ ରଖିଥିବା ବେଳେ ସମସ୍ତଙ୍କୁ ଅଧିକ ଚାରାରୋପଣ ସହ ସେଗୁଡ଼ିକର ଯତ୍ନ ନେବାକୁ ଆହ୍ୱାନ ଜଣାଇଥିଲେ। ଏହା ସହ ଚାରାରୋପଣ ଯେତିକି ଗୁରୁତ୍ୱପୂର୍ଣ୍ଣ, ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଚାରାଟିକୁ ବଞ୍ଚାଇ ରଖିବା ବୋଲି ଶ୍ରୀ ଦାଶ ପ୍ରକାଶ କରି ଏଦିଗରେ ଦୃଷ୍ଟି ଦେବାକୁ ଆହ୍ୱାନ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ସଘନ ସଂଶୋଧନ କାର୍ଯ୍ୟକ୍ରମ

ମାଥିଲି,୬।୭ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ସଦର ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ସଘନ ସଂଶୋଧନ ବା ଭୋଟର ତାଲିକା ପ୍ରକାଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବ୍ଲକ ନିର୍ବାଚନ ଅଧିକାରୀ ଏମ.ପ୍ରମୋଦ କୁମାର ବେହେରା ଯୋଗ ଦେଇଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଚିଠା ଭୋଟର ତାଲିକା ବ୍ଲକର ସମସ୍ତ ୭୯ଟି ବୁଥର ନୂତନ ତାଲିକା ଗୁଡିକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବ୍ଲକ ନିର୍ବାଚନ ଅଧିକାରୀ ଶ୍ରୀ ବେହେରା ଉନ୍ମୋଚିତ କରିଥିଲେ। ସମସ୍ତ ଭୋଟର ମାନଙ୍କୁ ସଚେତନ ମଧ୍ୟ କରିଥିଲେ। ଯଦି କିଛି ଭୁଲ ଥାଏ ଏବଂ ପ୍ରକାଶନ ଭୋଟର ତାଲିକାରେ ନିଜର ନାମ ଥିଲେ ନିଜ ନିଜର ବୁଥର ବିଏଲଓ ମାନକୁ ଆସନ୍ତା ଅଗଷ୍ଟ ୪ ତାରିଖ ମଧ୍ୟରେ ଯୋଗାଯୋଗ କରି ଆପତ୍ତି ଅଭିଯୋଗ କରି ପାରିବେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ଲକର ପଞ୍ଚାୟତ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ସାମଲ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଶଙ୍କର ସାହୁଙ୍କ ସମେତି ୨୦ଟି ପଞ୍ଚାୟତର ୭୯ ବୁଥର ବିଏଲ, ସମସ୍ତ ସିଆରପି, ବରିଷ୍ଠ ଓ କନିଷ୍ଠ ଭୋଟର ଭୋଟର ମଧ୍ୟ ଉପସ୍ଥିତ ଥିଲେ।

## ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ମାଲକାନଗିରି,୬।୭(ସମିସ): ମାଲକାନଗିରି ଜିଲ୍ଲାର ସମସ୍ତ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ନିରାପଦ ଓ ବିଶୁଦ୍ଧ ପାନୀୟଜଳର ଉପଲବ୍ଧତା ସୁନିଶ୍ଚିତ କରିବା ନିମନ୍ତେ ଆଜି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ମାଲକାନଗିରିଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ବିଭାଗ, ଆର୍‌ଡବ୍ଲୁଏସ୍‌ଏସ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଏସ୍‌ଟି ଓ ଏସ୍‌ସି ଉନ୍ନୟନ ବିଭାଗ, ଆଇଟିଡିଏ ସମେତ ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ , ଜାତୀୟ ସ୍ୱାସ୍ଥ୍ୟ ମିଶନ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସଗୁଡ଼ିକରେ ନିରାପଦ ପାନୀୟ ଜଳ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଏହାପରେ ଜିଲ୍ଲା ଏପିଡେମିଓଲୋଜିଷ୍ଟ ପାୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ ବିଦ୍ୟାଳୟ ଓ ଛାତ୍ରାବାସରେ ଦୂଷିତ ପାନୀୟ ଜଳର ପ୍ରମୁଖ କାରଣ, ଜଳବାହିତ ରୋଗର ବିପଦ, ଜଳର ନିୟମିତ ଗୁଣବତ୍ତା ପରୀକ୍ଷା, କ୍ଲୋରିନେସନ୍, ଜଳ ବିଶୋଧନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ, ଜଳ ସଂରକ୍ଷଣ ଟ୍ୟାଙ୍କର ସଫେଇ ଓ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏହା ବ୍ୟତୀତ ବୈଠକରେ ଦୀର୍ଘସ୍ଥାୟୀ କୀଟନାଶକ ମଶାରୀର ସଠିକ୍ ବ୍ୟବହାର, ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ହେପାଟାଇଟିସ୍, ଖାଦ୍ୟ, ସାପକାମୁଡ଼ା ଓ କୁକୁର କାମୁଡ଼ାର ପ୍ରତିରୋଧ ଏବଂ ପ୍ରାଥମିକ ପରିଚାଳନା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ବର୍ଷା ଋତୁକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟ ଓ ଛାତ୍ରାବାସରେ ଆବଶ୍ୟକ ସଚେତନତା ଓ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲାର ୧୩୨ ଜଣ ପ୍ରଧାନଶିକ୍ଷକ ଓ ପ୍ରିନ୍ସିପାଲ ଏହି ଭର୍ଚୁଆଲ୍ ବୈଠକରେ ଯୋଗଦେଇ ନିଜ ନିଜ ବିଦ୍ୟାଳୟ ଓ ଛାତ୍ରାବାସରେ ପାନୀୟ ଜଳ ଯୋଗାଣ, ଜଳ ବିଶୋଧନ ବ୍ୟବସ୍ଥା, ଜଳ ଗୁଣବତ୍ତା ପରୀକ୍ଷା, ରକ୍ଷଣାବେକ୍ଷଣ ତଥା ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ମତାମତ ରଖିଥିଲେ ଏବଂ ଆଲୋଚନାରେ ସକ୍ରିୟ ଭାଗ ନେଇଥିଲେ। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସମସ୍ତ ସମ୍ପୃକ୍ତ ବିଭାଗକୁ ପାରସ୍ପରିକ ସମନ୍ୱୟ ରକ୍ଷା କରି ପ୍ରତ୍ୟେକ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ନିରନ୍ତର ନିରାପଦ ଓ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା, ନିୟମିତ ଜଳ ଗୁଣବତ୍ତା ପରୀକ୍ଷା କରିବା, ଜଳ ବିଶୋଧନ ବ୍ୟବସ୍ଥାକୁ ସକ୍ରିୟ ରଖିବା ଏବଂ ଜଳବାହିତ ରୋଗ ସମେତ ଋତୁକାଳୀନ ସଂକ୍ରାମକ ରୋଗର ପ୍ରତିରୋଧ ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ନିରାପଦ ପାନୀୟ ଜଳ ବ୍ୟବସ୍ଥା ସହ ସମସ୍ତ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରତିଷେଧକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ।

## ରାସ୍ତାରେ ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରାଥମିକ ଚିକିତ୍ସା କଲେ ଡାକ୍ତର

ମାଲକାନଗିରି,୭।୬(ସମିସ): ରାସ୍ତାରେ ପଡି ଆହତ ବ୍ୟକ୍ତିଙ୍କୁ ରାସ୍ତାରେ ହିଁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ପ୍ରଶଂସା ସାଉଁଟି ଛନ୍ତି ଡାକ୍ତର ଦେବୀ ପ୍ରସାଦ ନାଥ। ସୂଚନା ଅନୁଯାୟୀ, ମାଲକାନଗିରି ସର୍କିଟ ହାଉସ ନିକଟରେ ଜଣେ ମୋଟରସାଇକେଲ ଆରୋହୀ ହଠାତ୍ ବାଇକର ନିୟନ୍ତ୍ରଣ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଦୁର୍ଘଟଣାରେ ସେ ଆହତ ହୋଇଥିବା ସହ ଅଚେତ ହୋଇ ଯାଇଥିଲେ। ଘଟଣା ଦେଖି ସେଠାରେ ଥିବା ସ୍ଥାନୀୟ ଲୋକଙ୍କ ସହ ଜଣେ ଡାକ୍ତର ଦେବୀ ପ୍ରସାଦ ନାଥ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ପରେ ଡାକ୍ତର ରାସ୍ତାକଡ଼ରେ ହିଁ ତାଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ପରେ ଆହତ ଜଣକଙ୍କ ଚେତା ଫେରିଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ ବିଦ୍ୟୁତ ବିଭାଗର ଏକ ବୋଲେରୋ ଯୋଗେ ତୁରନ୍ତ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତରଙ୍କ ଏଭଳି ତତ୍ପରତା ଓ ମାନବିକ ସେବାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।



## କେନାଲ ନିର୍ମାଣରେ ବ୍ୟାପକ ଅନିୟମିତତା

# ରାତିରେ ନିମ୍ନମାନର କାମ ଅଭିଯୋଗ

କାଲିମେଳା,୬।୭(ସମିସ): ମାଲକାନଗିରି ଜିଲ୍ଲା ପୋଟେରୁ ଜଳସେଚନ ବିଭାଗ ଅଧୀନରେ ଏମଭି -୭୨ ଗ୍ରାମ ଜାତୀୟ ରାଜପଥ ନିକଟରେ ଚାଲିଥିବା କେନାଲ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଆଖିରେ ଧୂଳି ଦେବା ପାଇଁ ଦିନ ବଦଳରେ ରାତି ଅନ୍ଧାରରେ ଏହି ନିର୍ମାଣ କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସରକାରୀ ପାଣ୍ଠିର ପାଣି ଭଳି ଅପବ୍ୟୟ ହେଉଥିବା ନେଇ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଅଞ୍ଚଳର ଚାଷୀମାନଙ୍କ ସୁବିଧା ପାଇଁ ଏହି



କେନାଲ ସଂସ୍କାର ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିୟମ ଅନୁସାରେ ଦିନ ଆଲୋକରେ ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ କାମ ହେବା କଥା। ମାତ୍ର ଏଠାରେ ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ କରାଯାଉଛି କାମ। କମ୍ ସିମେଣ୍ଟ ଏବଂ ନିମ୍ନମାନର ବାଲି-ଗୋଡ଼ି ବ୍ୟବହାର କରି କେନାଲ କଂକ୍ରିଟ୍ କରାଯାଉଥିବା ଅଭିଯୋଗ ହୋଇଥିବା ବେଳେ ଏହା ଅଳ୍ପ ଦିନରେ ଭୁଶୁଡ଼ିଯିବା ଆଶଙ୍କା ଦେଖାଦେଇଛି। ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଅଧିକାରୀଙ୍କ ଅବହେଳା ଯୋଗୁଁ ଚାଷୀଙ୍କୁ ଏହାର କୌଣସି ଲାଭ ମିଳିବ ନାହିଁ ବୋଲି ସ୍ଥାନୀୟ ଚାଷୀ କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନଥିଲା।

## ମାଲକାନଗିରି ଜିଲ୍ଲାପାଳଙ୍କ ମାର୍କାପାଲ୍ଲୀ ପଞ୍ଚାୟତ ଗସ୍ତ

ମାଲକାନଗିରି,୬।୭(ସମିସ): ମାଲକାନଗିରି ବ୍ଲକ ଅନ୍ତର୍ଗତ ମାର୍କାପାଲ୍ଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ,ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ଶିବିରରେ ମୋଟ ୭୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଏବଂ ୫୬ଟି ସାମୁଦାୟିକ ସମସ୍ୟା ଭିତ୍ତିକ ରହିଥିଲା। ଅଭିଯୋଗ ଶୁଣାଣି ସହ ଆଜି ମାଲକାନଗିରି ଜିଲ୍ଲାପାଳ ମାର୍କାପାଲ୍ଲୀ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଗସ୍ତ କରି ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ନିକଟରୁ ଅନୁଧ୍ୟାନ କରିଛନ୍ତି।

### ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଏହି ଗସ୍ତ ସମୟରେ ଜିଲ୍ଲାପାଳ ମାର୍କାପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ଏବଂ ପ୍ରଗତି ପଥେ ଯୁବ ମାଲକାନଗିରି କେନ୍ଦ୍ରରେ ପହଞ୍ଚି ସେଠାକାର ପରିଚାଳନା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଏହା ସହିତ ସେ ପୋଟଭଟ୍ଟା ସ୍ଥିତ ଓଡ଼ିଶା ଜୀବିକା ମିଶନ ଅଧୀନରେ ଚାଲିଥିବା ଗୁରୁପ୍ରିୟା ସିଲେଇ ଉତ୍ପାଦକ ଗୋଷ୍ଠୀ କେନ୍ଦ୍ର ବୁଲିଦେଖିବା ସହ ସେଠାକାର ଆତ୍ମନିର୍ଭରଶୀଳ ମା'ମାନଙ୍କ ସହ ସିଧାସଳଖ ଭାବବିନିମୟ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହାପରେ କଡଡ଼ିଗୁଡ଼ାର ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ତଥା ସିନ୍ଦ୍ରିମାଲ ସ୍କୁଲର ଭିତ୍ତିଭୂମି ଓ ପାନୀୟ ଜଳ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଥିଲେ। ଗସ୍ତ ସମୟରେ ଜିଲ୍ଲାପାଳ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ତଙ୍କ ସୁବିଧା ଅସୁବିଧାକୁ ଶୁଣିବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଛନ୍ତି।

## ଅନ୍ତର୍ଜାତୀୟ କର୍ମଶାଳା ଓ କୃଷକ ମେଳା ଉଦ୍‌ଘାଟିତ

# 'କୃଷକ ଓ ଗବେଷକଙ୍କ ମଧ୍ୟରେ ସେତୁ ବନ୍ଧ ଭଳି କାମ କରୁଛି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ'



ସୁନାବେଡା,୬।୭ (ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ଏବଂ ଭରତପୁର ସ୍ଥିତ ଆଇସିଏଆର୍‌ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରେପସିଡ୍-ମଷ୍ଟାର୍ଡ ରିସର୍ଚ୍ଚର ମିଳିତ ସହଯୋଗରେ ସୁନାବେଡ଼ା ସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ୫ଦିନିଆ ଅନ୍ତର୍ଜାତୀୟ କର୍ମଶାଳା ଓ କୃଷକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ସି. ପଣ୍ଡା, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ. ନନ୍ଦ, ଆଇସିଏଆର୍‌ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ସଏଲ୍ ଆଣ୍ଡ ୱାଟର କନଜର୍ଭେସନ୍, କୋରାପୁଟର ଆଞ୍ଚଳିକ କେନ୍ଦ୍ରର ମୁଖ୍ୟ ଡ. ରାମାଜୟମ୍ ଦେବରାଜନ, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର କୃଷି ଓ ସମ୍ବନ୍ଧ ବିଜ୍ଞାନ ବିଭାଗର ନିର୍ଦ୍ଦେଶକ ପ୍ରଫେସର କେ. ସର୍ଜନ ରାଓ, ଓୟୁଏଟିର ଗବେଷଣା ଡିନ୍ ଡ. ନିରଞ୍ଜନ ପଣ୍ଡା, କେନିଆରୁ ଆସିଥିବା ଇଣ୍ଟର ନ୍ୟାସନାଲ ପୋଟାଟୋ ସେଣ୍ଟରର ପ୍ରକଳ୍ପ ସଂଯୋଜକ ଡ.ଏଲି ଓଉମା ଆଟିଏନୋ, ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସଞ୍ଜୟ କୁମାର ପ୍ରଧାନ ଏବଂ କୃଷି ବିଭାଗର ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂହ ପ୍ରମୁଖ ଯୋଗଦେଇଥିଲେ। କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୭୦୦ରୁ ଅଧିକ କୃଷକ ଏବଂ ଦେଶର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଓ ଗବେଷଣା ସଂସ୍ଥାର ପ୍ରାୟ ୨୦୦ ଜଣ ବୈଜ୍ଞାନିକ, ଗବେଷକ ଓ ଛାତ୍ରଛାତ୍ରୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଏହି ସମାରୋହର ଶୁଭାରମ୍ଭ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରର ଡ. ସଞ୍ଜୟ କୁମାର ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ କୃଷି ବିଭାଗର ମୁଖ୍ୟ ଡ.ମଞ୍ଜୁଶ୍ରୀ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେ ବିଭାଗର ଆଭିମୁଖ୍ୟ ଓ ଆଗାମୀ କାର୍ଯ୍ୟଯୋଜନା ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ 'ଶିକ୍ଷା ଓ ଅନୁସନ୍ଧାନ' ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି. କେ. ନନ୍ଦ ନିଜ ବକ୍ତବ୍ୟ ରେ କୃଷି କ୍ଷେତ୍ରରେ ଆନ୍ତଃବିଭାଗୀୟ ଗବେଷଣା ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ବ୍ୟବହାର ଉପରେ ଜୋର ଦେଇଥିଲେ। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି ଜୈବିକ କୃଷିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ଆଇସିଏଆର୍- ମୃତ୍ତିକା ଓ ଜଳ ସଂରକ୍ଷଣ ପ୍ରତିଷ୍ଠାନ (କୋରାପୁଟ)ର ଆଞ୍ଚଳିକ କେନ୍ଦ୍ର ମୁଖ୍ୟ ଡ. ରାମାଜୟମ୍ ଦେବରାଜନ ମୃତ୍ତିକା ଓ ଜଳ ସଂରକ୍ଷଣର ଆବଶ୍ୟକତା ଏବଂ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ନିର୍ଦ୍ଦେଶକ ପ୍ରଫେସର କେ. ସର୍ଜନ ରାଓ କୃଷକଙ୍କ ପ୍ରକୃତ ସମସ୍ୟାକୁ ବୁଝି ସମନ୍ୱିତ ଗବେଷଣା କରିବାକୁ ଆହ୍ୱାନ ଦେଇଥିଲେ। ଓୟୁଏଟିର ଗବେଷଣା ଡିନ୍ ଡ. ନିରଞ୍ଜନ ପଣ୍ଡା କୋରାପୁଟର ସମୃଦ୍ଧ ଜୈବ ବିବିଧତା ସମ୍ପର୍କରେ ମତ ରଖିଥିବା ବେଳେ କେନିଆର ଇଣ୍ଟରନ୍ୟାସନାଲ ପୋଟାଟୋ ସେଣ୍ଟର (ସିଆଇପି)ର ପ୍ରକଳ୍ପ ସଂଯୋଜକ ଡ. ଏଲି ଓଉମା ଆଟିଏନୋ କୃଷକମାନେ ଉପଯୁକ୍ତ ମୂଲ୍ୟ ଓ ଗୁଣାତ୍ମକ ବିହନ ପାଉନଥିବା ପ୍ରସଙ୍ଗ ଉଠାଇ ଏହାର ସମାଧାନ ପାଇଁ ଅଧିକ ଗବେଷଣା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସମାରୋହରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ସି. ପଣ୍ଡା ଅଧ୍ୟକ୍ଷୀୟ ଅଭିଭାଷଣରେ ଗବେଷଣାକୁ ଲାବୋରେଟୋରୀରୁ ନେଇ କ୍ଷେତ୍ରସ୍ତରରେ ପହଞ୍ଚାଇବା ଏବଂ କୃଷକଙ୍କୁ ବିକାଶର ସହଯାତ୍ରୀ କରିବା ବିଶ୍ୱବିଦ୍ୟାଳୟର ମୂଳ ଲକ୍ଷ୍ୟ। ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗ ଏବଂ କ୍ଷେତ୍ର ସ୍ତରୀୟ ଅଭିଜ୍ଞତାକୁ ଆଧାର କରି ବିଶ୍ୱବିଦ୍ୟାଳୟ ଆଗକୁ ବଢୁଛି ବୋଲି ପ୍ରକାଶ କରିଥିଲେ। ଏହି ର୍ ଅବସରରେ କୃଷି ବିଭାଗର ନୂତନ ଲୋଗୋ, ବିଭାଗୀୟ ପୁସ୍ତିକା, ସ୍ମରଣିକା, ଆବ୍ସ୍ଟ୍ରାକ୍ଟ ସଂକଳନ, ବିଭାଗୀୟ ପତ୍ରିକା ଏବଂ ସୋସିଆଲ ମିଡିଆ ପୃଷ୍ଠାର ଉନ୍ମୋଚନ କରାଯାଇଥିଲା। କୁଳପତିଙ୍କ ଦ୍ୱାରା କୃଷକମାନଙ୍କୁ ବିହନ ସଂରକ୍ଷଣ ପାଇଁ 'ଷ୍ଟୋରେଜ୍ ବିନ୍' ବଣ୍ଟନ କରାଯିବା ସହ କୃଷି ଶିକ୍ଷା ଓ ଗବେଷଣାର ଉନ୍ନତି ପାଇଁ ନବସାରୀ କୃଷି ବିଶ୍ୱବିଦ୍ୟାଳୟ, ଆଇସିଏଆର୍‌ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସଏଲ୍ ଆଣ୍ଡ ୱାଟର କନଜର୍ଭେସନ୍, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଏବଂ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ସହିତ ୪ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା। ଶେଷରେ କୃଷି ବିଭାଗର ସହକାରୀ ପ୍ରାଧ୍ୟାପିକା ଡ. ଲୋପାମୁଦ୍ରା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସମୂହ ଜାତୀୟ ସଙ୍ଗୀତ ଗାନ ସହ ଏହି ଉଦ୍‌ଘାଟନୀ ସମାରୋହର ସମାପ୍ତି ଘଟିଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର, ସ୍ୱେଡ୍ ସଂସ୍ଥାର ବିଦ୍ୟୁତ ମହାନ୍ତି, କୋରାପୁଟ କୃଷକ ସଂଘର ଶରତ ପଟ୍ଟନାୟକ, ବିଶ୍ୱବିଦ୍ୟାଳୟର ବିତ୍ତ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ଛାତ୍ର କଲ୍ୟାଣ ଅଧିକାରୀ ଡ. ରାମେନ୍ଦ୍ର କୁମାର ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ ଅଧ୍ୟାପକମାନେ ମଧ୍ୟ ଉପସ୍ଥିତ ଥିଲେ।

## ଅଟୋ-ବାଇକ୍ ଧକ୍କା, ଯୁବକ ଗୁରୁତର

ବୈପାରିଗୁଡ଼ା,୬।୭ (ସମିସ): ବୈପାରିଗୁଡାରେ ଅଣ୍ଡା ବୋଝେଇ ଅଟୋ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଲାଗି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏହ ଦୁର୍ଘଟଣା ବୈପାରିଗୁଡା ସହରର ସହିଦ୍ ଲକ୍ଷ୍ମଣ ନାୟକ ଜୁନିୟର କଲେଜ ନିକଟରେ ଘଟିଛି। ଦୁର୍ଘଟଣାରେ ଗୁରୁତର ଆହତ ଯୁବକ ହେଲେ ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡି ପଞ୍ଚାୟତର ସଲପପଦର ଗ୍ରାମର ୩୦ ବର୍ଷୀୟ ମଙ୍ଗଳା ଗୁଣ୍ଡା। ସୂଚନା ଅନୁସାରେ, ମଙ୍ଗଳା ନିଜ ଭଉଣୀଙ୍କୁ ଦେଖିବା ପାଇଁ ଦିଗାପୁର ଗ୍ରାମକୁ ଯାଇଥିଲେ। ସେଠାରେ ପଣସ ଦେଇ ବାଇକ୍ ଯୋଗେ ନିଜ ଗ୍ରାମକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଅଣ୍ଡା ବୋଝେଇ ଅଟୋ ସହ ତାଙ୍କ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ମଙ୍ଗଳାଙ୍କ ଡାହାଣ ଗୋଡର ଜଂଘ ଭାଙ୍ଗି ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଯାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ପାଇଁ ଜୟପୁର ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାର ଖବର ପାଇ ବୈପାରିଗୁଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଅଟୋକୁ ଜବତ କରିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ଦୁର୍ଘଟଣାର ପ୍ରକୃତ କାରଣ ଖୋଜୁଛି।

## ତହସିଲ କାର୍ଯ୍ୟାଳୟ ପରିସରରେ ବନମହୋତ୍ସବ




ରାମନାଗୁଡ଼ା,୬।୭ (ସମିସ): ରାୟଗଡ଼ ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମା ସ୍ଥିତ ସ୍ଥାନୀୟ ତହସିଲ କାଯ୍ୟାଳୟ ପରିସରରେ ବନମହୋଚବ ପାଳିତ ହୋଇଯାଇଛି। ଏହି କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାମନାଗୁଡ଼ା ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଚାରାରୋପଣ କରିଥିବା ବେଳେ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଅତରିକ୍ତ ତହସିଲଦାର ଗୟା ଦମ୍ବୁରୁଧାର ବେହେରା, ରେଞ୍ଜର ପ୍ରଦୀପ କୁମାର ଆଚାର୍ଯ୍ୟ, ଫରେଷ୍ଟର ଜୟଦେବ ଶବର, ବନରଖି ଗୋରେଖ ମହାନନ୍ଦିଆ, ଶୁଭଶ୍ରୀ ମହାନ୍ତି, ରୋଜାଲିନ ନାୟକ, ରାଜସ୍ୱ ପରିଦର୍ଶକ ବିବାନନ୍ଦ ଦାସ, ସେକ୍ସନ ଅଫିସର ସାରଦା ଗମାଙ୍ଗ, ଶୁଣ୍ଢୀଧାମୁଣି ସରପଞ୍ଚ ଭାସ୍କର କାଡ୍ରାକା, ବୁଥିଙ୍ଗ ସମିତି ସଭ୍ୟ ଅପାରଓ ପାତିକା ଓ ତହସିଲ କାଯ୍ୟଳୟର ସମସ୍ତ କର୍ମଚାରୀ ଓ ସଙ୍ଗ ସହାୟକ ଗୋଷ୍ଠୀ ମହିଳା ମାନେ ପାରଲା ସ୍କୁଲର ଛାତ୍ରଛାତ୍ରୀ ଆଗ୍ରହର ସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବୃକ୍ଷ ଓ ପରିବେଶର ସୁରକ୍ଷା ନେବା ପାଇଁ ସମସ୍ତେ ସଚେତନ ହେବା ଦରକାର ବୋଲି ମୁଖ୍ୟ ଅତିଥି ଶ୍ରୀ ଗମାଙ୍ଗ ମତ ପ୍ରକାଶ କରିଥିଲେ।

## ଜାତୀୟ କ୍ରୀଡ଼ାବିତ୍‌ଙ୍କୁ ମିଳିଲା ସରକାରୀ ଚାକିରି

ଉମରକୋଟ,୬।୭ (ସର୍ଭିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନୀ ଏସଏସଡି ଉଚ୍ଚବିଦ୍ୟାଳୟର ୪ ଜଣ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଯୋଗୁଁ ସରକାରୀ ଚାକିରି ମିଳିଛି। ସେମାନେ ହେଲେ ନବୀନା ସାନ୍ତା, ଜୟମଣୀ ସାନ୍ତା, ଅଭିରାମ ମାଝୀ ଏବଂ ଜଗବନ୍ଧୁ ସାନ୍ତା। ୪ ଜଣ ଜାତୀୟ କ୍ରୀଡ଼ାବିତ୍ ଭାମିନୀ ଉଚ୍ଚବିଦ୍ୟାଳୟ ଠାରେ ପାଠ ପଢୁଥିବା ବେଳେ ସ୍କୁଲର କ୍ରୀଡ଼ା ଶିକ୍ଷକ କିଶୋର ସିଲ୍ ତାଲିମ ଦେଇଥିଲେ। ନବୀନା, ଜୟମଣୀ ଓ ଅଭିରାମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଯୁକ୍ତ ୩ ପରୀକ୍ଷାରେ ପାସ୍ ହେବା ପରେ କ୍ରୀଡ଼ା ଶିକ୍ଷକ ତାଲିମ ଗ୍ରହଣ କରିଥିଲେ। ଏହାପରେ ନବୀନା ସାନ୍ତାଙ୍କୁ ରାଜ୍ୟ ସରକାର ଝରିଗାଁ ବ୍ଲକର ଫୁଫୁଗାଁ ଉଚ୍ଚବିଦ୍ୟାଳୟରେ, ଜୟମଣୀ ଭତ୍ରା ଉମରକୋଟ ସରକାରୀ ସ୍ୱାମୀ ବିବେକାନନ୍ଦ ଉଚ୍ଚବିଦ୍ୟାଳୟରେ ଓ ଅଭିରାମ ସାନ୍ତାଙ୍କୁ ନବରଙ୍ଗପୁର ସରକାରୀ ଡିଗ୍ରି କଲେଜରେ କ୍ରୀଡ଼ା ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ସେହିପରି ଖେଲ୍ ଇଣ୍ଡିଆ ପ୍ରତିଯୋଗିତାରେ ଝାଡ଼ଖଣ୍ଡ ଠାରେ ଜାତୀୟସ୍ତର ହାଇସ୍କୁଲସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଇଥିଲା। ଏହି ପ୍ରତିଯୋଗିତାରେ ଜଗବନ୍ଧୁ ସାନ୍ତା ଓଡ଼ିଶା ଦଳରେ ପ୍ରତିନିଧିତ୍ୱ କରି ରୌପ୍ୟପଦକ ହାସଲ କରିଥିଲେ। ଜଗବନ୍ଧୁଙ୍କୁ ଜାତୀୟ କ୍ରୀଡ଼ା କୋଟାରେ ବୋର୍ଡର ସିକ୍ୟୁରିଟି ଫୋର୍ସ ଚାକିରି ମିଳିଛି। ଏହି ୪ ଜାତୀୟ କ୍ରୀଡ଼ାବିତ୍ ଆଜି କ୍ରୀଡ଼ା ଶିକ୍ଷକ କିଶୋର ସିଲଙ୍କ ଉମରକୋଟ ବାସଭବନକୁ ଯାଇ ଆଶୀର୍ବାଦ ଗ୍ରହଣ କରିଥିଲେ।

## ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ବିଦ୍ୟାର୍ଥୀ ପୁରସ୍କୃତ



ସୁନାବେଡ଼ା,୬।୭ (ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ସମାଜ ପକ୍ଷରୁ ରବିବାର ଦିନ ସେମିଳିଗୁଡା ମହାବିଦ୍ୟାଳୟରେ ଶଶଧର ରାଉତଙ୍କ ନେତୃତ୍ୱରେ ବ୍ଲକ୍‌ସ୍ତରୀୟ ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚିତ୍ରାଙ୍କନ ପ୍ରତିଯୋଗିତାରେ ଜାଗୃତି ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥି ସୁନାବେଡ଼ା ପୌରାଧକ୍ଷ ଡଃ ରାଜେନ୍ଦ୍ର କୁମାର ପାତ୍ର, ସମ୍ମାନିତ ଅତିଥି ଭରତ ମଲ୍ଲିକଙ୍କ ଦ୍ୱାରା ସମସ୍ତ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ନଗଦ ଅର୍ଥ ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ସିତମ କଲେଜ ଅଧକ୍ଷ, ବରିଷ୍ଠ ସମାଜସେବୀ କୃଷ୍ଣ ସିଂ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍ସୀ ସିଂଙ୍କ ନିର୍ଦ୍ଦେଶନାରେ ଅଧ୍ୟାପକ ଶିବାଶିଷ ପଟ୍ଟନାୟକ, ସୁରେଶ କୁମାର ପାଇକରାୟ, ନିରଞ୍ଜନ ପୋଦ୍ଦ, ଡ. ବିଦ୍ୟୁତ୍‌ପ୍ରଭା ରାଉତ, ମନୀଷା ବେହେରା, ଅର୍ଚ୍ଚନା ଜେନା, ପ୍ରିୟ ଦର୍ଶନୀ ମହାରଣା, ଦେବରାଜ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ସମାଜ ଜିଲ୍ଲା ପ୍ରତିନିଧି ମନୋଜ କୁମାର ପଟ୍ଟନାୟକ, ସୁନାବେଡ଼ା ପ୍ରତିନିଧି କ୍ଷୀରୋଦ ଭୋଳ, ଦାମନଯୋଡି ପ୍ରତିନିଧି ନରସିଂହ ବ୍ରହ୍ମା, ସାମ୍ବାଦିକ କୃତି ବାସ ପ୍ରଧାନ, କେ ଭେଙ୍କଟେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଜାଗୃତି ଦାସଙ୍କ ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ ର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲ, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ. ନୃତ୍ୟ ଶିକ୍ଷୟିତ୍ରୀ ହୃଦାଞ୍ଜଳୀ ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ତାଙ୍କର ଉଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

## ସାପକାମୁଡ଼ାରେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ

ଝରିଗାଁ, ୬।୭ (ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଫୁପୁଗାଁ ପଞ୍ଚାୟତ ଅନ୍ତର୍ଗତ ପୂର୍ଣ୍ଣିଗୁଡା ଗ୍ରାମରେ ସାପକାମୁଡ଼ାରେ ଜଣେ ଗର୍ଭବତୀ ମହିଳାଙ୍କ ଦେହାନ୍ତ ହୋଇଥିବା ଜଣାପଡିଛି। ସୂଚନା ପ୍ରକାରେ ପୂର୍ଣ୍ଣିଗୁଡା ଗ୍ରାମର ସଦନ ଭତ୍ରା ଏବଂ ତାଙ୍କ ସ୍ତ୍ରୀ ବୈଦି ଭତରା (୨୪) ରାତିରେ ଖାଇପିଇ ଘର ଚଟାଣରେ ଶୋଇଥିଲେ। ତେବେ ଭୋର ୪ଟା ସମୟରେ ବୈଦିକୁ ସାପ କାମୁଡ଼ିଥିବା ଜାଣିବା ପରେ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିବା ଆଗରୁ ବୈଦିଙ୍କ ମୃତ୍ୟୁ ହୋଇ ଯାଇଥିବା ସୂଚନା ମିଳିଛି। ପରିବାର ପକ୍ଷରୁ ଝରିଗାଁ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଝରିଗାଁ ପୋଲିସ ଶବ ଜବତ କରିବା ପରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ବୈଦିଙ୍କ ମୃତ୍ୟୁଖବର ପ୍ରସାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## • ଘୁମର ସାହିତ୍ୟ ଉତ୍ସବ-୨୦୨୬

# ସାହିତ୍ୟ, ସଂସ୍କୃତି ଓ ଲୋକ ଐତିହ୍ୟର ମହାମିଳନ



ନବରଙ୍ଗପୁର, ୬।୭ (ସମିସ): ନବରଙ୍ଗପୁର ଜିଲ୍ଲା ଚାନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ପାନାବେଡା ସାହିତ୍ୟ ସଂସଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମି, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ପାନାବେଡାଠାରେ ଘୁମର ସାହିତ୍ୟ ଉତ୍ସବ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଅଧିବେଶନରେ ପାନାବେଡା ସାହିତ୍ୟ ସଂସଦର ସଭାପତି ପୁରୁଷୋତ୍ତମ ପାରିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ନଳିନୀ ଦାସ ଏବଂ ସମ୍ମାନିତ ଅତିଥି ଭାବେ ସୁମିତ୍ରା ପୂଜାରୀ, ଡ. ମନୋଜ କିଶୋର ନାୟକ, ଓଡ଼ିଶା ସାହିତ୍ୟ ଏକାଡେମିର ପ୍ରାକ୍ତନ ସଦସ୍ୟ ବୁଲୁ ହୋତା ଓ ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ସାହିତ୍ୟ, ଲୋକସଂସ୍କୃତି ଏବଂ ମାତୃଭାଷାର ସଂରକ୍ଷଣ ଓ ପ୍ରସାରର ଆବଶ୍ୟକତା ଉପରେ ମତ ରଖିଥିଲେ। ସଂସଦର ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ସମ୍ପାଦକୀୟ ଅଭିଭାଷଣ ଭାଷଣ ପ୍ରଦାନ କରି ଅତିଥି ଓ ସ୍ୱାଗତ ଜଣାଇଥିଲେ। ଉତ୍ସବ ଅବସରରେ କବି ବିରଞ୍ଚି ନାରାୟଣ ଦାଶଙ୍କ କବିତା ସଂକଳନ 'ବେଦନାର ପ୍ରତିଶବ୍ଦ', ଡ. ସୁମନ୍ତ କୁମାର ପାଢ଼ୀଙ୍କ 'ନୀଳ ନିଶିଥ' ପୁସ୍ତକ ଏବଂ 'ଘୁମର' ସାହିତ୍ୟ ପତ୍ରିକାର ଲୋକାର୍ପଣ କରାଯାଇଥିଲା। ପରବର୍ତ୍ତୀ ଆଲୋଚନାଚକ୍ରରେ ବକ୍ତାମାନେ ଘୁମରର ପରମ୍ପରା, ଆଦିବାସୀ ଲୋକସଂସ୍କୃତି, ଲୋକସାହିତ୍ୟର ସଂରକ୍ଷଣ ଏବଂ ସମକାଳୀନ ଓଡ଼ିଆ ସାହିତ୍ୟର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଭୂଦାନ ସମିତିର ଅଧକ୍ଷ କୃଷ୍ଣ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଲୋକକଳା, ଲୋକସାହିତ୍ୟ ଓ ଆଦିବାସୀ ପରମ୍ପରାର ସଂରକ୍ଷଣ ପାଇଁ ସମସ୍ତଙ୍କ ସମ୍ମିଳିତ ପ୍ରୟାସର ଆହ୍ୱାନ ଜଣାଇଥିଲେ। ଏହି ଅଧିବେଶନରେ ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ମାଝୀ ଏବଂ ପାନାବେଡା ଡିଗ୍ରୀ କଲେଜ ଅଧକ୍ଷ ଦ୍ୱାରିକା ନାଥ ବାଘ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର,୬।୭ (ସମିସ): ନବରଙ୍ଗପୁର ପୌରପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥାପନ କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ଖଣ୍ଡୀୟ ବନ ଅଧିକାରୀ ଉଦୟନ ସୁବୁଦ୍ଧି, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ପ୍ରାପ୍ତ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ସମ୍ଭବ ହୋଇଥିବା କ୍ଷେତ୍ରରେ ସ୍ଥଳରେ ହିଁ ପଦକ୍ଷେପ ନିଆଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଆଜିର ଆୟୋଜିତ ଶିବିରରେ ମୋଟ ୬୦ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ଅଭିଯୋଗ ଓ ୪ଟି ସାମୂହିକ ଅଭିଯୋଗ ଥିଲା। ପ୍ରାପ୍ତ ଅଭିଯୋଗ ମଧ୍ୟରୁ ୫ଟିର ସମାଧାନ ଘଟଣାସ୍ଥଳରେ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଶିବିରରେ ପ୍ରାପ୍ତ ଅଭିଯୋଗଗୁଡ଼ିକ ମୁଖ୍ୟତଃ ଚିକିତ୍ସା ସହାୟତା, ପାନୀୟ ଜଳ ଯୋଗାଣ, ରାସ୍ତା ମରାମତି, ଜମି ବିବାଦ, ନାଳ ମରାମତି ଓ ଭତ୍ତା ପ୍ରଦାନ ଓ ବାସଗୃହ ସମ୍ବନ୍ଧୀୟ ଥିଲା।


## ରାଣୀଡୁଡୁମାରେ ବନ ମହୋତ୍ସବ



ନନ୍ଦପୁର,୬।୭ (ସମିସ): କୋରାପୁଟ ବନାଞ୍ଚଳ ଆନୁକୂଲ୍ୟରେ ରବିବାର ନନ୍ଦପୁର ପର୍ଯ୍ୟଟନସ୍ଥଳୀ ରାଣୀଡୁଡୁମା ପରିସରରେ ନନ୍ଦପୁର ବନ ବିଭାଗ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ବନଖଣ୍ଡ ଅଧିକାରୀ ସିଦ୍ଧାର୍ଥ ଜୈନ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭ ଆରମ୍ଭ କରିଥିଲେ। ବୃକ୍ଷ ରୋପଣ କରିବା ସହ ବନ ସୁରକ୍ଷା ପାଇଁ ସଚେତନତା କରିବାକୁ ଆହ୍ୱାନ ଦେଇ ବୃକ୍ଷ ହିଁ ଜୀବନ ବୋଲି କହିଥିଲେ। ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, କୋରାପୁଟ ଏସଡିସି ସଭାପତି ଭଗବାନ ମୁଦୁଲି, ବରିଷ୍ଠ ନାଗରିକ ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ବିଜେପି ନେତା ଜୟରାମ ଭୋଇ, ସୀମାଞ୍ଚଳ ଖିଲ, ନନ୍ଦପୁର ଥାନା ଏସ୍‌ଆଇ ଜୈତିରମର୍ଯ୍ୟୀ ଶବର, ସଂଯୁକ୍ତା ମାଛ, ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସମେତ ଅଞ୍ଚଳର ବହୁ ଯୁବ ଓ ମହିଳା ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଡିଏଫଓ ଶ୍ରୀ ଜୈନ ସମସ୍ତଙ୍କୁ ଅନ୍ୟୂନ ଗୋଟିଏ ବୃକ୍ଷ ରୋପଣ କରି ଏହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ନନ୍ଦପୁର ବନ ପାଳ ଚିତ୍ତରଞ୍ଜନ ନାୟକ ପରିଚାଳନା କରିଥିବା ବେଳେ ରାଣୀଡୁଡୁମା ଫରେଷ୍ଟର ପ୍ରିୟଙ୍କା ପୂଜାରୀଙ୍କ ସମେତ ସେମିଳିଗୁଡ଼ା ନନ୍ଦପୁର ରେଞ୍ଜର ବନ କର୍ମଚାରୀ ଯୋଗ ଦେଇଥିଲେ।

## ୩ ମାସ ହେଲା ଭତ୍ତା ଅର୍ଥ ମିଳୁନି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହିତାଧିକାରୀ



ରାୟଗଡ,୬।୭ (ସମିସ): ରାୟଗଡ଼ ଜିଲ୍ଲାରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସଏପି) ରେ ମିଳୁଥିବା ଥିବା ବୟସ୍କ ଭତ୍ତା,ବିଧବା ଭତ୍ତା,ଦିବ୍ୟାଙ୍ଗ ଭତ୍ତା ଗତ ୩ ମାସ ହେଲା ମିଳୁନି। ଭତ୍ତାରୁ ବଞ୍ଚିତ ହିତାଧିକାରୀ ଏନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପାଇବା ପରେ ଏହାର ସମାଧାନ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଥିଲେ। ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ରାୟଗଡ ଜିଲ୍ଲା ସଦର ବ୍ଲକ "ଗ'ଜୋନରେ ଥିବା ଶତାଧିକ ବୟସ୍କ,ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀମାନେ କେନ୍ଦ୍ର ସରକାରଙ୍କ ଠାରୁ ପ୍ରତିମାସରେ ଭତ୍ତା ପାଇ ଆସୁଥିଲେ। କିନ୍ତୁ ଗତ ଏପ୍ରିଲ ମାସରୁ ଜୁନ୍ ପର୍ଯ୍ୟନ୍ତ ୩ ମାସ ଧରି କୌଣସି କାରଣରୁ ସେମାନେ ଏହି ଭତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଭତ୍ତା କେବେ ମିଳିବ କୌଣସି ସୂଚନା ନ ପାଇ ହିତାଧିକାରୀମାନେ ବାରମ୍ବାର ବ୍ୟାଙ୍କ, ପଞ୍ଚାୟତ କାର୍ଯ୍ୟାଳୟ ଧାଇଁ ଧାଇଁ ନିରାଶ ହୋଇ ଫେରୁଛନ୍ତି। ଅନେକ ହିତାଧିକାରୀ ଏହି ଭତ୍ତା ଉପରେ ନିର୍ଭର କରି ଔଷଧ କିଣୁଥିବା ବେଳେ ୩ ମାସ ଧରି ଭତ୍ତା ନ ମିଳିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଉଲ୍ଲେଖ କରିଛନ୍ତି। ଏ ନେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ହିତାଧିକାରୀମାନଙ୍କୁ

### ଏନ୍‌ପିସିଆଇ ଲିଙ୍କ ହୋଇ ନଥିବା କହିଲେ ଅଧିକାରୀ

ଏନ୍‌ପିସିଆଇ ଲିଙ୍କ ହୋଇ ନ ଥିବାରୁ ଅଧିକାଂଶ ହିତାଧିକାରୀ ଭତା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି କହିଛନ୍ତି। ଏ ନେଇ ବିଭିନ୍ନ ପଞ୍ଚାୟତସ୍ତରରେ ଆଧାର ଶିବିର କରାଯାଇ ଏନ୍‌ପିସିଆଇ ଲିଙ୍କ କରାଯାଉ ଥିବା ବେଳେ ହିତାଧିକାରୀମାନେ ରାୟଗଡ ବ୍ଲକ କାର୍ଯ୍ୟାଳୟରେ ଏହି ଲିଙ୍କ କରି ନେବାକୁ ସେ ଅନୁରୋଧ କରିଥିବା ବେଳେ ଲିଙ୍କ ହେବା ପରେ ତୁରନ୍ତ ସେମାନଙ୍କ ବ୍ୟାଙ୍କ ଖାତାକୁ ଭତା ଟଙ୍କା ଚାଲି ଆସିବ ବୋଲି କହିଥିଲେ। ହିତାଧିକାରୀଙ୍କ ସାଥିରେ ଆସିଥିବା ରାୟଗଡ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପି.ଗୌରୀ ଶଙ୍କର ରାଓ ଡବଲ ଇଞ୍ଜିନ ସରକାରରେ ଡବଲ ଭତ୍ତା ମିଳିବ ବୋଲି ହିତାଧିକାରୀମାନେ ଆଶା ରଖିଥିବା ବେଳେ ମାସକୁ ମାସ ଭତ୍ତା ନ ମିଳିବା କେନ୍ଦ୍ର ସରକାରଙ୍କ ଏନ୍‌ଏସଏପି ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କହିଛନ୍ତି।

# ସମ୍ପାଦକୀୟ



ଭବିଷ୍ୟତର କାଳଖଣ୍ଡକୁ ଆମେ ଦେବାକୁ ଚାହୁଁଥିବା ଜୀବନ୍ତ ସନ୍ଦେଶର ଅନ୍ୟ ନାମ ହେଉଛି 'ଶିଶୁ'!
-ଜନ୍ ଏଫ୍ କେନେଡ଼ି

ସକାଳ THE SAKALA

## ପ୍ରଦୂଷଣ ବନାମ ପରିବେଗ

ସାମ୍ପ୍ରତି ଭାରତରେ ଇ-୨୦ ଇନ୍ଧନ ବିତର୍କ ଓ ବିରୋଧାଭାସ ସୃଷ୍ଟି କରିଛି। ଇ-୨୦ ପେଟ୍ରୋଲ୍(୧ ଲିଟରରେ ୮୦ ଭାଗ ବା ୮୦୦ ମିଲିଲିଟର ପେଟ୍ରୋଲ୍ ଓ ୨୦ ଭାଗ ବା ୨୦୦ ମିଲିଲିଟର ଇଥାନଲ୍) ଉତ୍ପାଦନ ଓ ବିକ୍ରି ଉଦ୍ୟମର ସଫଳତା ପରେ ଇ-୧୫ ଡିଜେଲ୍(୧ ଲିଟରରେ ୮୫ ଭାଗ ଡିଜେଲ୍ ଓ ୧୫ ଭାଗ ଇଥାନଲ୍) ଉତ୍ପାଦନ ଓ ବିକ୍ରି ପାଇଁ ସରକାର ସଜବାଜ ହେଉଛନ୍ତି। ଇ-ଇନ୍ଧନ ବା ଇଥାନଲ୍ ଯୁକ୍ତ ଇନ୍ଧନ ବ୍ୟବହାର ପ୍ରକୃତି ଓ ପରିବେଶ ପାଇଁ ହିତକର ହେବା ସହିତ ମୋଟରଯାନର ଯାନ୍ତ୍ରିକ ଆୟୁବର୍ଦ୍ଧକ ବୋଲି ସରକାର ଯୁକ୍ତି କରୁଥିବା ବେଳେ ଏହାଦ୍ୱାରା ମାଇଲେଜ୍ ବା ପରିବେଗ ମନ୍ଥର ହେଉଛି ବୋଲି ବ୍ୟବହାରକାରୀ ଅଭିଯୋଗ କରୁଛନ୍ତି।

ଏହା ନିଃସନ୍ଦେହ ଯେ ବାୟୁମଣ୍ଡଳକୁ ନିର୍ଗତ ହେଉଥିବା ବିଷାକ୍ତ ଉପାଦାନରେ ମୋଟରଯାନରୁ ନିର୍ଗତ ଧୂଆଁ ବା ଇନ୍ଧନ ଦହନ ଜନିତ ବର୍ଜ୍ୟ ବା ପ୍ରଦୂଷଣ ସର୍ବାଧିକ। ଏବେ ଆମେ ଏଭଳି ଏକ ଜଗତ ଓ ସମୟରେ ପହଞ୍ଚିସାରିଛୁ ଯେ ପରିବେଶ ସୁରକ୍ଷା ପାଇଁ ଗାଡ଼ିମୋଟର ସଂଖ୍ୟା ହ୍ରାସ କରିବା ପ୍ରାୟତଃ ଅସମ୍ଭବ। ତେଣୁ ଇନ୍ଧନରୁ ନିର୍ଗତ ବିଷାକ୍ତ ବାଷ୍ପକୁ ଯଥାସମ୍ଭବ ହ୍ରାସ କରିବା ପାଇଁ ସେଥିରେ ଇଥାନଲ୍ ମିଶ୍ରଣ ସପକ୍ଷରେ ମତ ପ୍ରକାଶ ପାଉଛି। ଦୀର୍ଘବର୍ଷ ଧରି ଏ ଦିଗରେ ପରୀକ୍ଷା ନିରୀକ୍ଷା ପରେ ଏବେ ଏହାର ପରୀକ୍ଷାମୂଳକ ପ୍ରୟୋଗ ହୋଇ ସଫଳ ହୋଇଥିବା ଦାବି କରାଯାଉଛି। କିନ୍ତୁ ସତରେ କ'ଣ ଇ-ଇନ୍ଧନ ବ୍ୟବହାର ପରିବେଶ ପାଇଁ ହିତକର ଏବଂ ଆର୍ଥିକ ଦୃଷ୍ଟିରୁ ମିତବ୍ୟୟୀ? ଏହି ପ୍ରସଙ୍ଗରେ ପୁଣି ଏକ ନୂଆ ବିତର୍କ ଆରମ୍ଭ ହୋଇଛି।

ଇଥାନଲ୍ ମୁଖ୍ୟତଃ ଶ୍ୱେତସାରଯୁକ୍ତ ଶସ୍ୟ ଯଥା ଚାଉଳ, ମକା, ଆଖୁ, ସୋୟାବିନ୍ ଆଦିରୁ ପ୍ରସ୍ତୁତ ହେଉଛି। ଏ ସବୁ ଶସ୍ୟ ଜଳବହୁଳ ନିର୍ଭରଶୀଳ। ତେଣୁ ସରକାର ଏ ସବୁ ଶସ୍ୟ ମଧ୍ୟରୁ ତୁଳନାତ୍ମକ ଭାବେ କମ୍ ଜଳ ଆବଶ୍ୟକ କରୁଥିବା ଧାନ ବା ଚାଉଳକୁ ଇଥାନଲ୍ ଉତ୍ପାଦନ ପାଇଁ ଅଧିକରୁ ଅଧିକ ଗୁରୁତ୍ୱ ଦେଉଥିବା କୁହାଯାଉଛି। ଏହା ପଛରେ କିନ୍ତୁ ସରକାରଙ୍କର ଯେଉଁ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ରହିଛି ରହିଛି ତାହା ସାମ୍ନାକୁ ଆସୁନାହିଁ। ଦେଶର ଇନ୍ଧନ ଚାହିଦା ପୂରଣ ପାଇଁ ଆବଶ୍ୟକ ଇଥାନଲ୍ ଉତ୍ପାଦନରେ ଆମ ଦେଶର ଚାଉଳ କେତେ ସକ୍ଷମ ଏବଂ ଏହା ଅର୍ଥନୀତି ପ୍ରତି କିଭଳି ଅନୁକୂଳ ତାହା ଦେଖାଯାଉ।

ଭାରତ ଏବେ ବିଶ୍ୱର ସର୍ବବୃହତ୍ ଧାନ ଉତ୍ପାଦନକାରୀ ଓ ରପ୍ତାନୀକାରୀ ରାଷ୍ଟ୍ର। ୨୦୨୫-୨୬ କୃଷି ବର୍ଷରେ ଭାରତ ମୋଟ ୧୫୪ ନିୟୁତ ଟନ୍ ଧାନ ଉତ୍ପାଦନ କରିଥିବା ବେଳେ ୨୪.୫ ନିୟୁତ ଟନ୍ ବା ବିଶ୍ୱ ଚାଉଳ ବାଣିଜ୍ୟର ୪୦% ଚାଉଳ ରପ୍ତାନୀ କରିଛି। ଏଥିସହିତ ଖାଦ୍ୟ ନିରାପତ୍ତା ଯୋଜନାରେ ଦେଶର ୮୦ କୋଟି ପରିବାରକୁ ମାସିକ ବ୍ୟକ୍ତି ପିଛା ୫ କେଜି ଲେଖାଏଁ ଚାଉଳ ମାଗଣାରେ ବଣ୍ଟାଯାଉଛି। ମୋଟ ଚାଉଳ ଉତ୍ପାଦନର ଏହା ଦୁଇ-ତୃତୀୟାଂଶ। ଏହାସତ୍ତ୍ୱେ ଭାରତୀୟ ଖାଦ୍ୟ ନିଗମର ଭଣ୍ଡାରରେ ବିପୁଳ ପରିମାଣର ଚାଉଳ ପଡ଼ି ରହିଛି। ଗତ ଏପ୍ରିଲ ୧ ତାରିଖ ସୁଦ୍ଧା ନିଗମ ପାଖରେ ବଫର ଷ୍ଟକ୍(ନିର୍ଦ୍ଧାରିତ ସର୍ବାଧିକ ପରିମାଣ)ଠାରୁ ପାଞ୍ଚଗୁଣ ଅଧିକ ଚାଉଳ ଗଚ୍ଛିତ ରହିଛି। ଏହାର ଭଣ୍ଡାରଣ ଓ ରକ୍ଷାବେକ୍ଷଣ ପାଇଁ ନିଗମକୁ ଅତିରିକ୍ତ ୧୦, ୭୧୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଏହି ବଳକା ଚାଉଳକୁ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରି ଗୋଟିଏ ଗୁଳିରେ ଦୁଇଟି ଶିକାର କରିବାକୁ ସରକାର ଯୋଜନା କରିଛନ୍ତି। ଗୋଟିଏପକ୍ଷରେ ଅତିରିକ୍ତ ଭଣ୍ଡାରଣର ଖର୍ଚ୍ଚ କମିବ ଏବଂ ଅପରପକ୍ଷରେ ସରକାରଙ୍କ ଶୁଭଦୃଷ୍ଟିରେ ଥିବା ଶିଳ୍ପପତିମାନଙ୍କ ବ୍ୟବସାୟ ବଢ଼ିବ। ଏ ପର୍ଯ୍ୟନ୍ତ ଇଥାନଲ୍ ଉତ୍ପାଦନ କେବଳ ଘରୋଇ ଶିଳ୍ପାନୁଷ୍ଠାନ ଅଧୀନରେ ରହିଥିବାରୁ ଏଥିରେ କାହାର ଫାଇଦା ହେବ ତାହା ବୁଝାଇ କହିବା ଅନାବଶ୍ୟକ।

ଇ-ଇନ୍ଧନ ପରିବେଶ-ଅନୁକୂଳ ବୋଲି ସରକାର ଯୁକ୍ତି କରୁଥିବା ବେଳେ ଏଥିପାଇଁ ସରକାରୀ ରାଜକୋଷ କେତେ କ୍ଷତି ମୁଣ୍ଡାଇବ ତା'ଉପରେ ଥରେ ଦୃଷ୍ଟି ପକାଯାଉ। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି)ରେ ସରକାର ଧାନ କିଣିବାର ଏକ ଅଲିଖିତ ବାଧ୍ୟବାଧକତା ରହିଆସିଛି। ଏଥିସହିତ ଭୋଟ ରାଜନୀତି ଜଡ଼ିତ ଥିବାରୁ ଧାନ କିଣା ଜଞ୍ଜାଳରୁ କୌଣସି ସରକାର ବର୍ତ୍ତି ପାରିବେ ନାହିଁ। ଅଧିକନ୍ତୁ ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, ପଞ୍ଜାବ, ହରିଆଣା ଆଦି କେତେକ ରାଜ୍ୟ ଏମ୍ଏସ୍ପି ବାଦ୍ କ୍ୱିଣ୍ଟାଲ୍ ପିଛା ପ୍ରାୟ ୨୦ ରୁ ୪୦ ପ୍ରତିଶତ ଯାଏଁ ବୋନସ୍ ପ୍ରଦାନ କରିଆସୁଛନ୍ତି। ଏହାବାଦ୍ ମୁକ୍ତ ବା ରିହାତିଯୁକ୍ତ ବିଜୁଳି ଶକ୍ତି, ସର୍ବାଧିକ ବ୍ୟବହୃତ ୟୁରିଆ ଖର୍ଚ୍ଚର ୯୦% ସରକାର ବହନ କରୁଛନ୍ତି। ଦେଶରେ ସର୍ବାଧିକ ଧାନ ଚାଷ ହେଉଥିବା ପଞ୍ଜାବରେ ୨୦୨୩-୨୪ରେ ହୋଇଥିବା ଏକ ଆକଳନ ଅନୁଯାୟୀ ୧ ହେକ୍ଟର ଧାନଚାଷ ପାଇଁ ବିଜୁଳି, ଜଳସେଚନ, ସାର ଆଦିକୁ ମିଶାଇ ହାରାହାରି ୪୦ ହଜାର ଟଙ୍କା ସରକାର ପରୋକ୍ଷରେ ବହନ କରୁଛନ୍ତି।

ଏ ସବୁକୁ ମିଶାଇଲେ ମିଲରଙ୍କ ଜରିଆରେ ଚାଷୀଙ୍କଠାରୁ ୧ କେଜି ଚାଉଳ ସଂଗ୍ରହ ବା କିଣିବା ପାଇଁ ନିଗମ ୪୪ ଟଙ୍କା ଖର୍ଚ୍ଚ କରୁଛି; ଅଥଚ ଇଥାନଲ୍ ପ୍ଲାଣ୍ଟକୁ କେଜି ପିଛା ୨୩ ଟଙ୍କାରେ ଚାଉଳ ବିକ୍ରି କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତୀୟ ଖାଦ୍ୟ ନିଗମର ୫ ନିୟୁତ ଟନ୍ ଚାଉଳ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର ହୋଇଥିଲା। ଏଣୁ କେଜି ପିଛା ୨୧ ଟଙ୍କା କ୍ଷତିରେ ୧ ଲିଟର ଇଥାନଲ୍ ଉତ୍ପାଦନ ପାଇଁ ୩ କେଜି ଚାଉଳ ବ୍ୟବହାର କଲେ ଲାଭ କାହାର? ପୁଣି ଗୋଟିଏ କେଜି ଚାଉଳ ଉତ୍ପାଦନ ପାଇଁ ହାରାହାରି ୪ ହଜାର ଲିଟର ଜଳ ଆବଶ୍ୟକ। ହେକ୍ଟର ପିଛା ଆବଶ୍ୟକ ୨୫୦ କେଜି ରାସାୟନିକ ସାରରୁ ୫ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହୋଇ ବାୟୁ ଓ ଭୂତଳ ଜଳକୁ ପ୍ରଦୂଷିତ କରୁଛି। ୧ ହେକ୍ଟର ପିଛା ଧାନ କ୍ଷେତ ୫ ଟନ୍ ଅଙ୍ଗାରକାମ୍ଳ ଓ ଏହାର ୨୫ ଗୁଣ ମିଥେନ୍ ଗ୍ୟାସ୍ ନିର୍ଗମନ କରେ। ଏଣୁ ଇ-ଇନ୍ଧନ ପରିବେଶ ଓ ଆର୍ଥିକ ଅନୁକୂଳ ହେବ କେମିତି?

ଏକପକ୍ଷରେ ଇଥାନଲ୍ ଦ୍ୱାରା ପ୍ରତ୍ୟକ୍ଷ ପରିବେଗ ହ୍ରାସ ପାଉଥିବା ବେଳେ ପରୋକ୍ଷରେ ପ୍ରଦୂଷଣ ମଧ୍ୟ ବଢୁଛି। ଭାରତରେ ଇ-ଇନ୍ଧନ ପରୀକ୍ଷଣ ସ୍ତରରେ ରହିଥିବା ସତ୍ତ୍ୱେ ଏହାକୁ ବିଧିବଦ୍ଧ ଅନୁମୋଦନ କରିବା କେତେଦୂର ଯଥାର୍ଥ ତାହା ସୁଧୀ ପାଠକ ଚିନ୍ତା କରିବେ।

## ଚାଷ ତରତର ବଣିଜ ମଠ

ବିଦ୍ୟାଧର ମହାରଣା



ଚାଷ ତରତର, ବଣିଜ ମଠ। ଓଡ଼ିଆ କୃଷି ସଂସ୍କୃତିର ଏହି ଲୋକପ୍ରିୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରବାଦର ଅର୍ଥ ହେଉଛି ଚାଷ କାମ ସବୁବେଳେ ସମୟାନୁସାରେ ଓ ତତ୍ପରତାର ସହିତ କରିବା ଆବଶ୍ୟକ। ଅପରପକ୍ଷରେ ବ୍ୟବସାୟ କରିବା ବେଳେ ଧୈର୍ଯ୍ୟ, ବିଚାର ଓ ସତର୍କତା ଦରକାର। ଏହା ସମୟ ପରିଚାଳନା ଓ ସଠିକ ନିଷ୍ପତ୍ତିର ଗୁରୁତ୍ୱକୁ ଦର୍ଶାଏ, ଯାହା ଚାଷୀ ଓ ବ୍ୟବସାୟୀଙ୍କୁ ସଫଳତା ପ୍ରଦାନ କରିଥାଏ।

ଚାଷ କାର୍ଯ୍ୟ ପ୍ରକୃତି ଉପରେ ନିର୍ଭରଶୀଳ। ପାଗଯୋଗ ଠିକ୍ ନରହିଲେ ଫସଲର ଅଭିବୃଦ୍ଧି ଅନୁକୂଳ ହୋଇନଥାଏ। ପ୍ରତ୍ୟେକ ଫସଲର କେତେକ ନିର୍ଦ୍ଦିଷ୍ଟ ଅବସ୍ଥା ଥାଏ। ଯେପରିକି ଶସ୍ୟରେ ଅଙ୍କୁରୋଦଗମ, ତଳିରୁଆ, ପିଲ, ଗର୍ଭ ସଞ୍ଚାର, ଫୁଲ, ଦାନା ଗଠନ ଓ ଅମଳ ଇତ୍ୟାଦି। ଡାଲି ଓ ତୈଳବୀଜ ଫସଲରେ ବୁଣା, ବୀଜପତ୍ର, ଅଙ୍ଗୀୟ ବୃଦ୍ଧି, ପ୍ରଜନନ ଓ ଅମଳ ସ୍ଥିତି ଆଦି ଥାଏ। ପ୍ରତି ଅବସ୍ଥା ନିର୍ଦ୍ଦିଷ୍ଟ ଦିନରେ ସମାପନ ହୁଏ। ଏଥିପାଇଁ ନିର୍ଦ୍ଦିଷ୍ଟ ପରିମାଣର ଜଳ, ଉତ୍ତାପ ଓ ଆର୍ଦ୍ରତା ଆବଶ୍ୟକ ହୁଏ। ସୁତରାଂ ଚାଷୀମାନେ ଅବହେଳା ନକରି ତରତର ହୋଇ କୃଷି କର୍ମ ସମ୍ପାଦନା କରିବା ଆବଶ୍ୟକ। ଫଳରେ ଫସଲରେ ରୋଗପୋକ ଆକ୍ରମଣ କମିଥାଏ ଏବଂ ଅମଳ ବୃଦ୍ଧିପାଏ। ଏହାଛଡ଼ା କୃଷି ନିମନ୍ତେ ଜମି ପ୍ରସ୍ତୁତି, ବିହନ ବୁଣା, ରୁଆ, ଘାସ ବଛା, ସାର ଓ ଔଷଧ ପ୍ରୟୋଗ ଓ ଅମଳ ସମୟରେ ବ୍ୟତିକ୍ରମ ହେଲେ ଚାଷୀ କ୍ଷତିସହିବା ନିଶ୍ଚିତ।

ଅପରପକ୍ଷରେ ବ୍ୟବସାୟ ଏକ ଦୀର୍ଘମିଆଦୀ ପ୍ରକ୍ରିୟା। ଏଥିରେ ଅଧିକ ଅର୍ଥ ଲଗାଣ ଓ ବିଭିନ୍ନ ଅଂଶୀଦାର ଆବଶ୍ୟକ ହୋଇଥାଏ। ବ୍ୟବସାୟରେ କ୍ଷତିର ଆଶଙ୍କା ଅଧିକ ଥିବାରୁ ପ୍ରତି ପଦକ୍ଷେପକୁ ଭାବିଚିନ୍ତି ପରିଚାଳନା କରିବାକୁ ହୁଏ। ବ୍ୟବସାୟ ବା ବଣିଜ କରିବା ସମୟରେ ବଜାର ଦର, ଗ୍ରାହକଙ୍କ ଚାହିଦା, ଲାଭ-କ୍ଷତି ଆଦି ବିଷୟରେ ଚିନ୍ତା କରି ଧୀରେ ସୁସ୍ଥେ ପଦକ୍ଷେପ ନେବା ଉଚିତ। ତରବରିଆ ନିଷ୍ପତ୍ତି ବ୍ୟବସାୟରେ କ୍ଷତି ଘଟାଇପାରେ। ବ୍ୟବସାୟ କରିବା ପୂର୍ବରୁ ବିଶ୍ଳେଷଣ (ଶକ୍ତି, ଦୁର୍ବଳତା, ସୁଯୋଗ, ବିପଦ) ଭଲ ଭାବେ କରାଯିବା ଆବଶ୍ୟକ। ବ୍ୟବସାୟର ଅସଲ ଉଦ୍ଦେଶ୍ୟ ପ୍ରଥମରୁ ସ୍ଥିର ହେବା ଆବଶ୍ୟକ। ଏଥିପାଇଁ ସ୍ମାର୍ଟ ସୂଚୀ(ସଠିକ, ମାପଯୋଗ୍ୟ, ସଫଳତା, ବାସ୍ତବ ଓ ସମୟ ଅନୁଯୋଗୀ) ବ୍ୟବହାର କରାଗଲେ ଉଦ୍ଦେଶ୍ୟ ସଠିକ ହୋଇଥାଏ।

ଚଳିତ ବର୍ଷ ଓଡ଼ିଶାରେ ବର୍ଷାଋତୁ ସାଧାରଣଠାରୁ କିଛି କମ୍ ରହିପାରେ ବୋଲି ପ୍ରାରମ୍ଭିକ ଅନୁମାନ ଦେଖାଉଛି। ଭାରତୀୟ ପାଣିପାଗ ବିଭାଗଙ୍କ ଦୀର୍ଘମିଆଦୀ ପୂର୍ବାନୁମାନ ଅନୁସାରେ ୨୦୨୬ ରେ ଏଲ୍-ନିନୋ ପ୍ରଭାବରେ ଦେଶର କେତେକ ଅଞ୍ଚଳରେ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ଓଡ଼ିଶା ମଧ୍ୟ ତାହାର ପ୍ରଭାବ ଭୋଗିପାରେ। ସାଧାରଣତଃ ଓଡ଼ିଶାରେ ଜୁନ୍ ଦ୍ୱିତୀୟ ସପ୍ତାହରୁ ମୌସୁମୀ ପ୍ରବେଶ କରେ ଏବଂ ବର୍ଷର ତେଇଶ ସପ୍ତାହ ଠାରୁ ଛୟାଳିଶ ସପ୍ତାହ ପର୍ଯ୍ୟନ୍ତ ରହେ। ଏବର୍ଷ ଉପକୂଳ ଓଡ଼ିଶାରେ ସାଧାରଣ କିମ୍ବା ଭଲ ବର୍ଷା ହୋଇପାରେ। କିନ୍ତୁ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ବର୍ଷାର ବିଚ୍ଛିନ୍ନତା ଦେଖାଯାଇପାରେ। ଏହାକୁ ବିଚାର କରି ଧାନଚାଷ ପାଇଁ ବର୍ଷା ଆଧାରିତ ଅଞ୍ଚଳରେ ଅପେକ୍ଷାକୃତ କମ୍ ଅବଧିର ବିହନ ବ୍ୟବହାର କରାଯିବା ଉଚିତ। ପାଣିପାଗ ବିଭାଗର ସାପ୍ତାହିକ ସୂଚନା ଅନୁସାରେ କୃଷି କର୍ମ କରିବା ଆବଶ୍ୟକ। କଥାରେ ଅଛି 'ହାଟୁଆ ହୁଡ଼ିଲେ ହାଟ ପାଳିଏ, ଚାଷୀ ହୁଡ଼ିଲେ ବରଷେ।'

ଏହି ପ୍ରସଙ୍ଗଟି ଉପସ୍ଥାପନ କରିବାର ଅସଲ ଉଦ୍ଦେଶ୍ୟ ହେଉଛି ସରକାର କୃଷି ଓ ଶିଳ୍ପ ତଥା ପୁଞ୍ଜି ନିବେଶ ପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରୁଛନ୍ତି ତାହା କିପରି କରାଯିବା ଆବଶ୍ୟକ ସେ ବିଷୟରେ ଗଭୀର ଚିନ୍ତା କରିବା ଆବଶ୍ୟକ। କୃଷି ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ କରାଗଲେ ନିଷ୍ପତ୍ତିଗୁଡ଼ିକ ତୁରନ୍ତ ହେବା ଆବଶ୍ୟକ। ସରକାର ଆଗତୁରା ବିହନ, ସାର ଓ ଯନ୍ତ୍ରପାତି ବିକ୍ରୟ କେନ୍ଦ୍ରଗୁଡ଼ିକରେ ଗଚ୍ଛିତ କରି ରଖିବା ଆବଶ୍ୟକ। ଅପରପକ୍ଷରେ କୃଷି ଯଦି ବ୍ୟବସାୟିକ ହିସାବରେ ବା ଉଦ୍ୟୋଗ ହିସାବରେ କରାଯାଏ, ତେବେ ଏଗୁଡ଼ିକୁ ଭାବିଚିନ୍ତି ନିଷ୍ପତ୍ତି ନେବାକୁ ହେବ। ଆବଶ୍ୟକସ୍ଥଳେ ବିଶେଷଜ୍ଞମାନଙ୍କ ପରାମର୍ଶ ଗ୍ରହଣ କରିବା ଆବଶ୍ୟକ। ସେହିପରି କୃଷି ଭିତ୍ତିଭୂମି ପାଇଁ ପୁଞ୍ଜି ନିବେଶ କରିବା ପୂର୍ବରୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବାକୁ ହେବ। ଉଦାହରଣ ସ୍ୱରୂପ ନୂତନ ଜଳସେଚନ ପ୍ରକଳ୍ପ ସ୍ଥାପନ ପୂର୍ବରୁ ଏହାର ବ୍ୟୟ ଅଟକଳ, ବିସ୍ଥାପନ ସମସ୍ୟା, ପ୍ରକଳ୍ପ ଦ୍ୱାରା ଲାଭକ୍ଷତି, ପରିବେଶ ସମସ୍ୟା ଓ ଅନ୍ୟାନ୍ୟ ବିକଳ୍ପ ବିଷୟରେ ଗଭୀର ଭାବରେ ଚିନ୍ତାକରି ନିଷ୍ପତ୍ତି ନେବାକୁ ହେବ।

କୃଷି କ୍ଷେତ୍ରରେ ହଠାତ୍ କୌଣସି ସମସ୍ୟା ଦେଖାଗଲେ ଏହାକୁ କାଳବିଳମ୍ବ ନକରି ସମାଧାନ କରିବାକୁ ହେବ। କାରଣ ଏଥିରେ ବିଳମ୍ବ କରିବା ଅର୍ଥ ସମସ୍ୟାକୁ ଅଧିକ ବଢ଼ାଇବା ସହ ସମାନ। ମନେକରାଯାଉ କ୍ଷେତ୍ରରେ ହଠାତ୍ ରୋଗପୋକ ଆକ୍ରମଣ ଦେଖାଗଲା। ତେବେ ଏପରି ପରିସ୍ଥିତିରେ ସମସ୍ତ ସମ୍ବଳ ଏକାଠି କରି ଏହାର ନିରାକରଣ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ସେହିପରି ନିର୍ମାଣ, ଭିତ୍ତିଭୂମି ସ୍ଥାପନ ଓ ବିଭିନ୍ନ ଶିଳ୍ପୋଦ୍ୟୋଗ ପାଇଁ ପୁଞ୍ଜିନିବେଶ କରିବା ପୂର୍ବରୁ ବିଶେଷଜ୍ଞମାନଙ୍କ ପରାମର୍ଶ ଅନୁଯାୟୀ ଗଭୀର ଅନୁଧ୍ୟାନ କରି ପରିବେଶ, ଜନସାଧାରଣଙ୍କ ଉପରେ ଏଗୁଡ଼ିକର ପ୍ରଭାବ ଇତ୍ୟାଦି ଉପରେ ଅନୁଶୀଳନ କରିବା ପରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ଏବଂ ପୁଞ୍ଜିନିବେଶ କରିବା ଆବଶ୍ୟକ। କାରଣ ତରତର ହୋଇ ପ୍ରକଳ୍ପ ସ୍ଥାପନ କଲେ ବହୁ ଅସମାହିତ ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିବନାହିଁ। ଚାଷରେ ତତ୍ପରତା ଏବଂ ବ୍ୟବସାୟରେ ଧୈର୍ଯ୍ୟ ଅବଲମ୍ବନ କଲେ ସଫଳତା ଲାଭ କରାଯାଇପାରେ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ପଖାଳର ଅଭିସାର

ଗୌରୀ ପ୍ରସାଦ ମହାପାତ୍ର

ବିଗତ ଶତାବ୍ଦୀର ଷାଠିଏ ଦଶକର ଶେଷ ଓ ସତୁରୀ ଦଶକର ଆଦ୍ୟଭାଗରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ପ୍ରୌଢ଼ଶିକ୍ଷା ଅଭିଯାନ ଅନ୍ତର୍ଗତ 'କାଳିଆ ବଳଦ ଗଲା ଗଲା' ପୁସ୍ତକରେ ଉପଦେଶ ଛଳରେ ଲିଖିତ 'ଚା' ଆଉ ପଖାଳ' ଗୀତଟିକୁ ଯେଉଁମାନେ ମନେ ରଖିଥିବେ ସେମାନଙ୍କ ପାଇଁ ଆଜିର 'ପଖାଳ ପାଇଁ ୨ କୋଟି ଖର୍ଚ୍ଚ' ଶୀର୍ଷକ ସମ୍ବାଦଟି ଭାବାନ୍ତର ଆଣିଥିବ। ସଂକ୍ଷେପରେ 'ଚା' ଆଉ ପଖାଳ' ଗୀତୋପଦେଶର ସାରାଂଶ ଏହିପରି -

କୌଣସି ଏକ ପରିବାରରେ ଦିନେ ସକାଳୁ ସକାଳୁ ଟେବୁଲ୍ ଉପରେ ବସିଥିବା ଚା' ଚଟାଣରେ ଥିବା ପଖାଳକୁ ଭର୍ତ୍ସନା କରିଚାଲିଛି। ଅସୂୟା ଓ ଅହଂକାରଭରା ଶବ୍ଦରେ ଚା' କହିଛି - 'ଗୁରୁତ୍ୱ ଦୃଷ୍ଟିରୁ ଓ ଉଚ୍ଚଶ୍ରେଣୀକୁ ପ୍ରତିନିଧିତ୍ୱ କରୁଥିବାରୁ ମୁଁ ସବୁବେଳେ ଟେବୁଲ୍ ଉପରେ ସମ୍ମାନିତ ସ୍ଥାନ ପାଉଛି; ମୋ ପାଖରେ ସୁନ୍ଦର ଫୁଲଦାନୀ, ଖବରକାଗଜ, ପତ୍ରିକା ଆଦି ଆଭିଜାତ୍ୟର ଉପାଦାନମାନ ରହିଛି। ଅଥଚ ମାମୁଲି ପଦବାଚ୍ୟ ହୋଇଥିବାରୁ ତୋର ସ୍ଥାନ କେବଳ ଚଟାଣ ଉପରେ।' ପ୍ରତ୍ୟୁତ୍ତରରେ ପଖାଳ ଅତି ସରଳ ଭାବରେ ନିଜର ହିତକାରୀ ଗୁଣ ଆଉ ଚା'ର ଅପକାରୀ ପ୍ରଭାବ ବଖାଣିଛି। ଶେଷରେ ପରିବାରର ସାନ ପୁଅ ଆସି ଚା' ପିଇବା ବଦଳରେ ପଖାଳ ଖାଇଛି। ଏଥିରୁ କିଏ ବଡ଼ କିଏ ଛୋଟ(ଉପକାରୀ ଓ ଅପକାରୀ) ପ୍ରମାଣିତ ହୋଇଛି।

ଏବେ ପଖାଳର ମନସ୍ତତ୍ତ୍ୱକୁ ପଢ଼ାଯାଉ। ପଖାଳ ସିନା ସେଦିନ ଚା'ଠାରୁ ତର୍କରେ ଜିତିଗଲା, କିନ୍ତୁ ତା' ମନ ଭିତରର କେଉଁ ଏକ ନିଭୃତ କୋଣରେ ନିଶ୍ଚୟ ଏକ ଅବସୋସ ରହିଯାଇଥିବ ଯେ ବିପୁଳ ପୌଷ୍ଟିକତା ଓ ହିତକାରୀ ଗୁଣ ସତ୍ତ୍ୱେ 'ଗରିବର ଖାଦ୍ୟ' ଭଳି ଅଲୋଡ଼ା ଓ ଅପରିହାର୍ଯ୍ୟ ପରିଚୟ(ଅପଖ୍ୟାତି)ଟିଏ ତା'ସହିତ ଚିରଦିନ ଯୋଡ଼ି ହୋଇଯାଇଛି। ହୁଏତ ସେଦିନ ତା'ମନରେ ମଧ୍ୟ ଟେବୁଲ୍ ଉପରେ ସ୍ଥାନ ପାଇବାର ଆକାଂକ୍ଷାଟିଏ ଜନ୍ମ ନେଇଥିବ। ଶ୍ରମଣା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ୱାଗତ ପାଇଁ ଯେଉଳି ନିତିଦିନ ଅଗଣାକୁ ସଫା କରି ପାଣି ଛିଞ୍ଚି ଫୁଲ ବିଞ୍ଚି ଚାହିଁ ବସୁଥିଲା, ପଖାଳ ମଧ୍ୟ ସେଭଳି ଚାହିଁ ରହିଥିବ କେବେ କେଉଁ ସମ୍ଭ୍ରାନ୍ତର ହାତ ଓ ମୁଖ ତା'କୁ ସ୍ପର୍ଶ କରିବ! ପୁଣି ସେ ପାଷାଣୀ ଅହଲ୍ୟା ଭଳି ଅପେକ୍ଷା କରି ରହିଥିବ କେବେ କେଉଁ ଜଣେ ମର୍ଯ୍ୟାଦାପୁରୁଷଙ୍କ ସ୍ପର୍ଶରେ 'ଗରିବର ଖାଦ୍ୟ' ଅଭିଶାପରୁ ସେ ମୁକ୍ତ ହେବ!

ପଖାଳର ସେହି ଶ୍ରମଣା-ଅହଲ୍ୟା ସୁଲଭ ଆକାଂକ୍ଷା ଓ ଅପେକ୍ଷାର ଅନ୍ତ ଘଟିଛି ଏବଂ ସେହି ଅଭିସାରର ସ୍ୱପ୍ନ ବିଧିବଦ୍ଧ ଭାବେ ବାସ୍ତବ ରୂପ ନେଇଛି ୨୦୨୬ ମାର୍ଚ୍ଚ ୨୦ ତାରିଖରେ। ସେଦିନ ରାଜଧାନୀ ଭୁବନେଶ୍ୱରର କୌଣସି ଏକ ଆଭିଜାତ୍ୟସମ୍ପନ୍ନ ଆଡ଼ମ୍ବରପୂର୍ଣ୍ଣ ଭୋଜନାଳୟରେ ଜଣେ ଭୋଜନପ୍ରିୟ ଶାସନମୁଖ୍ୟ ଓ ତାଙ୍କ ଧନାଢ଼୍ୟ ସତୀର୍ଥମାନଙ୍କ କର ଓ ମୁଖ ସ୍ପର୍ଶରେ ପଖାଳ କେବଳ ଧନ୍ୟ ହୋଇନାହିଁ, 'ଗରିବର ଖାଦ୍ୟ' ଅପଖ୍ୟାତିରୁ ମୁକ୍ତି ପାଇଛି। ସତେଯେମିତି ସୀତାଙ୍କ ସନ୍ଧାନରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଶ୍ରମଣାର କୁଟୀରକୁ ଆସିଛନ୍ତି ଏବଂ ଅଇଁଠା କୋଳି ଖାଇ ତା'ର ଶବରୀ ଜୀବନକୁ ଧନ୍ୟ କରିଛନ୍ତି। ଶ୍ରମଣା ଓ ପଖାଳ ଭିତରେ ତଫାତ୍ କେବଳ ଏତିକି ଯେ ସେମାନଙ୍କୁ ଉଦ୍ଧରିତ କରିଥିବା ପ୍ରଭୁମାନଙ୍କର ନାମ ଯୁଗାବତାର ଅନୁଯାୟୀ ଭିନ୍ନ। ପଖାଳ ଆହୁରି ମଧ୍ୟ ଉତ୍ଫୁଲ୍ଲିତ ହୋଇଥିବ 'ଗିନିସ୍ ବୁକ୍ ଅଫ୍ ୱାଲର୍ଡ ରେକର୍ଡ'ରେ ସ୍ଥାନିତ ହେବାର ଗର୍ବ ନେଇ, ଯାହାର ସାମଗ୍ରିକ ଆୟୋଜନ ପାଇଁ ଖର୍ଚ୍ଚ ହୋଇଛି ୨ କୋଟିରୁ ଅଧିକ ଟଙ୍କା।

ଗରିବ-ଓଡ଼ିଶାର ଭାତକଂସାର ସୀମା ଭିତରେ ବାନ୍ଧି ହୋଇ ରହିଥିବା ପଖାଳର ଏ ଉତ୍ତରଣରେ ଚା' ବୋଧହୁଏ ଆଜି ମ୍ରିୟମାଣ ହୋଇଯାଇଥିବ। କାରଣ ଓଡ଼ିଶା ଭଳି ଗରିବ ରାଜ୍ୟରେ ଚା'ଭୋଜିରେ ଏତେ ଟଙ୍କା ଖର୍ଚ୍ଚ ହୋଇଥିବା କେବେ ରେକର୍ଡଭୁକ୍ତ ହୋଇନାହିଁ କି ଏଭଳି ସରକାରୀ ସ୍ୱୀକୃତି ପାଇନାହିଁ। ଜାତିସଂଘରେ ଶ୍ରୀଅନ୍ନର ସ୍ୱୀକୃତି ପାଇଥିବା ଓଡ଼ିଶାର ଆଉ ଏକ ଗରିବର ଖାଦ୍ୟ ମାଣ୍ଡିଆ ମଧ୍ୟ ପଖାଳର ଏହି ଉପଲବ୍ଧିରେ ଈର୍ଷ୍ୟାକ ହୋଇଯାଇଥିବ। ପୂର୍ବ ସରକାର ଅମଳରେ ରାଜ୍ୟ ଓ ଜାତୀୟସ୍ତରରେ 'ମାଣ୍ଡିଆ ଦିବସ' ପାଳନ କରି ଏହାକୁ ବିଶ୍ୱାଦୃତ କରାଯାଇଥିଲେ ମଧ୍ୟ ଏଭଳି ବହ୍ୱାଡ଼ମ୍ବର ଓ ଖର୍ଚ୍ଚବହୁଳ ଆୟୋଜନର ଅନୁପସ୍ଥିତିରେ ମାଣ୍ଡିଆ ମନରେ ହୀନମନ୍ୟତା ଜନ୍ମ ନେଇସାରିଥିବ। ଆଜିର ଦିନରେ ଯଦି 'କାଳିଆ ବଳଦ ଗଲା ଗଲା' ଶୀର୍ଷକ ବହିଟିର ସଂଶୋଧିତ ସଂସ୍କରଣ ପ୍ରକାଶିତ ହୁଅନ୍ତା(ସାମ୍ପ୍ରତିକ ଏନ୍ସିଇଆରଟି ପାଠ୍ୟକ୍ରମ ଭଳି) ତେବେ ପଖାଳ ସେଦିନର ପ୍ରତିଦ୍ୱନ୍ଦ୍ୱୀ ଚା'କୁ ଦେଖେଇ ହୋଇ କହିବାର ସୁଯୋଗଟିଏ ପାଇଯାଆନ୍ତା।

ଉପରୋକ୍ତ ବ୍ୟଙ୍ଗ-ଶ୍ଳେଷଧର୍ମୀ ଆଲୋଚନାରୁ କିଛିସମୟ ପାଇଁ ଅବ୍ୟାହତି ନେଇ ବାସ୍ତବ ଦୁନିଆକୁ ଆସିବା। ମାର୍ଚ୍ଚ ୨୦ ତାରିଖରେ 'ପଖାଳ ଦିବସ'ର ଉତ୍ଥାନ ସହିତ ସମାଜର ବିଭିନ୍ନ ସ୍ତର ଏବଂ ଅର୍ଥନୀତିର ବିଭିନ୍ନ ବର୍ଗରେ 'ପଖାଳଖିଆ ଉତ୍ସବ'ମାନ ଗତ କିଛିବର୍ଷ ହେଲା ବିଭିନ୍ନ ସ୍ଥାନରେ ବିଭିନ୍ନ ଢଙ୍ଗରେ ଆୟୋଜନ ହୋଇଆସୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପୂର୍ବତନ ରାଷ୍ଟ୍ରପତିଙ୍କ ପରି ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ମଧ୍ୟ ପଖାଳ ଖାଇଛନ୍ତି। ତେଣୁ ୨୦୨୬ ମାର୍ଚ୍ଚ ୨୦ ତାରିଖ ସେଭଳି ଅନନ୍ୟ ନଥିଲେ ମଧ୍ୟ ସରକାରୀ ସ୍ତରରେ 'ପଖାଳ ଦିବସ' ପାଳନ ପାଇଁ ଗରିବ ଓଡ଼ିଶାର ଲୋକଙ୍କ ଟିକସ ପଇସାରେ ଗଠିତ ରାଜ୍ୟ ରାଜକୋଷରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ଅଭୂତପୂର୍ବ ନିଶ୍ଚୟ। ଏହା ଓଡ଼ିଶାର ଗରିବ ବର୍ଗ ପ୍ରତି ଉପହାସ ନୁହେଁ ତ? ପୁଣି ଓଡ଼ିଆ ଜନଜୀବନର ପ୍ରାଣ ଓ ଜୀବଧନ ପଖାଳର ଉତ୍ତରଣ ପାଇଁ କୁଆଡ଼େ ଅଣଓଡ଼ିଆଙ୍କ ସାହଚର୍ଯ୍ୟ ଏକାନ୍ତ ଅପରିହାର୍ଯ୍ୟ ଥିଲା। ତେଣୁ ସରକାରଙ୍କ 'ପଖାଳଖିଆ କାର୍ଯ୍ୟକ୍ରମ'ରେ ଦଳଦଳ ଅଣଓଡ଼ିଆ ନିମନ୍ତ୍ରିତ ହୋଇ ପଞ୍ଚତାରକା ହୋଟେଲ୍‌ରେ ଆତିଥେୟ ଲଭିଲେ। ପୁଣି ଓଡ଼ିଆ ଅସ୍ମିତାର ଅନ୍ୟତମ ପରିଚୟ ପଖାଳକୁ ରାନ୍ଧିବା ଓ ପରସିବା ଦାୟିତ୍ୱ ନେଲେ ଅଣଓଡ଼ିଆ ନାମୀଦାମୀ ରୋଷେୟାମାନେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାରକୁ ବିଶ୍ୱାଦୃତ କରିବା ଲକ୍ଷ୍ୟରେ ଆମେରିକା/ରୁଷ ରାଷ୍ଟ୍ରପତିଙ୍କ ଦ୍ୱାରା ରଥରେ ଛେରାପହଁରା ଦାୟିତ୍ୱ ସମର୍ପି ଦେଲା ଭଳି କଥା ଏ ହେଲା। 'ପଖାଳ ଦିବସ'ର ଏଭଳି ଖର୍ଚ୍ଚବହୁଳ ଆୟୋଜନ ଦେଖି ଏବେ ପଖାଳ ବୋଧହୁଏ କହୁଥିବ ମୁଁ ତ ଗରିବର ଖାଦ୍ୟର ଅପଯଶ ଅର୍ଜିଛି। କିନ୍ତୁ ମନ୍ତ୍ରୀ-ନେତା-ବାବୁମାନେ ମଧ୍ୟ କ'ଣ ଏତେ ଗରିବ ଯେ ନିଜ ପକେଟ୍‌ରୁ ଖର୍ଚ୍ଚ କରି ପଖାଳ ଖାଇବା ପାଇଁ ସେମାନଙ୍କ ପାଖରେ ପଇସା ନ ଥିଲା!

ପଖାଳର ଆଭିଜାତ୍ୟ-ଅଭିସାରର ସ୍ୱପ୍ନ ସାକାର ହୋଇଛି ସତ; କିନ୍ତୁ ଏବେ ଯଦି ତା'ର ମନସ୍ତତ୍ତ୍ୱ ପଢ଼ି ହୁଅନ୍ତା ତେବେ ଜଣାପଡ଼ନ୍ତା - ହୁଏତ ପୁଣି ସେ ଫେରିଯିବାକୁ ଚାହୁଁଥିବ ସେହି ପୁରୁଣା ଗାଁଗହଳିର ଚାଳଛପର ଘରକୁ, ଯେଉଁଠି ଲେଖାଯାଇଥିବ ତା' ଷଠିଘର; ଯେଉଁଠି ନ ଥିବ ଆଭିଜାତ୍ୟର ଅହଂକାର; ଥିବ କେବଳ ଅନ୍ନକୁ ବ୍ରହ୍ମ ଜ୍ଞାନ କରୁଥିବା ଅପାଠୁଆ ନିପଟ ଓଡ଼ିଆଙ୍କ ଅମୂଲ୍ୟ ଆତ୍ମୀୟତା। ପଞ୍ଚତାରକାର ଅଭିସାରିଣୀ ପଖାଳ ଏବେ କହୁଥିବ - ସେହି ପତ୍ରକୁଡ଼ିଆ ମୋ ପାଇଁ ଶତଗୁଣେ ଶ୍ରେୟସ୍କର, ଯେଉଁଠି ମାଟିଖପରାରେ ଲଙ୍କା, ଲୁଣ, ତେନ୍ତୁଳି ହେଉ ପଛେ ନିଜ କଷ୍ଟାର୍ଜିତ ପଇସାରେ ଲୋକେ ପଖାଳ ଖାଉଛନ୍ତି, ରାଜସ୍ୱ ଲୁଟି ନାହାନ୍ତି। ପଖାଳ ଆଜି ପୁଣି ଆତଙ୍କିତ ହୋଇଯାଇଥିବ ଯେ ତା'ର ଟେବୁଲ୍-ଅଭିସାରର ଖର୍ଚ୍ଚବହୁଳ ଆଡ଼ମ୍ବର ପରେ ଟିକସ-ସର୍ବସ୍ୱ ଭାରତରେ ହୁଏତ 'ପଖାଳ କର' ଓ 'ଉପକର' ଆଦି ଲାଗୁ ହୋଇ ଗରିବର ପଖାଳକଂସାକୁ ଆଉ ମହଙ୍ଗା କରିଦେବ ନାହିଁ ତ! ଯଦି ସେଭଳି କେବେ ହୁଏ ତେବେ ପଖାଳର ଅଭିସାର ଅଭିଶାପ ହୋଇଯିବ ଆଉ ତା'ର ଏହି ମହାର୍ଘ ଉପଲବ୍ଧି ତା'କୁ ପଶ୍ଚାତାପ ପାଇଁ ବାଧ୍ୟ କରିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ରହସ୍ୟମୟ ଶ୍ରୀଜଗନ୍ନାଥ

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଡଃ ସମୀର କୁମାର ନନ୍ଦ



ଭାରତରେ ଚାରିଧାମ ରହିଛି। ବଦ୍ରିନାଥ ଧାମରେ ବଦ୍ରିନାରାୟଣ, ଦ୍ୱାରିକାଧାମରେ ଦ୍ୱାରିକାଧୀଶ ଓ ରାମେଶ୍ୱରଧାମରେ ରାମେଶ୍ୱରମ ବିରାଜିତ ଓ ପୂଜିତ। କିନ୍ତୁ ପୁରୀ ଧାମରେ ସେ ନା ପୁରୀନାଥ, ନା ଓଡ଼ିଶାନାଥ, ନା ଭାରତନାଥ। ସେ ଜଗତରନାଥ ଜଗନ୍ନାଥ ନାମରେ ପରିଚିତ। ସମଗ୍ର ଜଗତର କଲ୍ୟାଣ ପାଇଁ ସେ ଜଗତକର୍ତ୍ତା, ଜଗତହର୍ତ୍ତା, ଜଗତବିଧାତା ଓ ଜଗତରକ୍ଷାକର୍ତ୍ତା। ଯେତେବେଳେ ଯିଏ ଜଗତପିତା ଓ ଜଗତମାତାଙ୍କୁ ଆରାଧନା କରେ ସେତେବେଳେ ସେ ହୋଇଯାଏ ଜଗତଜିତା। ବେଦର ଆଦିପୁରୁଷ ଜଗତର ନାଥ ଜଗନ୍ନାଥ। ତାଙ୍କର ଅନନ୍ତ ମସ୍ତକ, ଅନନ୍ତ ଚକ୍ଷୁ ଓ ଅନନ୍ତ ପାଦ। ଭୌତିକ ଓ ଆଦିଭୌତିକ ଜଗତରେ ପରିବ୍ୟାପ୍ତ ସେ ପରାତ୍ପର। ଚରାଚରର ସମସ୍ତ ଦୃଷ୍ଟ ଓ ଅଦୃଷ୍ଟ ସୃଷ୍ଟି ତାଙ୍କର ଚେତନାର ସୌନ୍ଦର୍ଯ୍ୟରେ ରସାଣିତ। ମହାଜାଗତିକ ସମସ୍ତ ପ୍ରକାଶର ଊର୍ଦ୍ଧ୍ୱରେ ସେ ସୀମାହୀନ କର୍ତ୍ତା, କାର୍ଯ୍ୟ ଓ କାରଣ। ସେ ସମସ୍ତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର କର୍ଣ୍ଣଧାର। ସୃଷ୍ଟି ଓ ବିବର୍ତ୍ତନର ସେ ନିୟାମକ। ଯନ୍ତ୍ରଣା-ଜର୍ଜରିତ ନିଖିଳ ମାନବର ପାର୍ଥିବ ଚେତନାର ସେ ସଦାଜାଗ୍ରତ ନିୟନ୍ତା। ସେ ସମସ୍ତ ଅସ୍ତିତ୍ୱର ରହସ୍ୟ। ସେ ଶେଷହୀନ ବାସ୍ତବତା। ସେ ତଦେକମ୍। ସେ ବିଧାତାର ବିଧାତା। ସେ ପରିଚିତ ଅପରିଚେୟ, ନାମହୀନ ସର୍ବନାମ। ମହାଜାଗତିକ ବିବର୍ତ୍ତନରେ ସେ ଦେବମୂହୂର୍ତ୍ତମାନଙ୍କର ଉତ୍ସ। ଭଗବତ ଗୀତାର ସେ ପୁରୁଷୋତ୍ତମ। ସେ ପୂର୍ଣ୍ଣ ଚେତନାର ବାସ୍ତବତା, ସ୍ଥିର ଓ ଅସ୍ଥିର। ଭଙ୍ଗୁର ଓ ଚିରନ୍ତନର ଊର୍ଦ୍ଧ୍ୱରେ ତାଙ୍କର ଗତି। ସେ ଅନତିତମ ଦୂରତା, ପୂର୍ଣ୍ଣତମ ରହସ୍ୟ।

ସେ ସମସ୍ତଙ୍କୁ ହାତ ଦେଇଦେଇ ହସ୍ତହୀନ। ଯିଏ ତାଙ୍କୁ ହସ୍ତ ପ୍ରସାରଣ କରି ଆଲିଙ୍ଗନ କରେ ସେ ହୁଏ ନିଜର। ସେ ବିଲୀନ ହୋଇଯାଏ ଅନନ୍ତ ପିଣ୍ଡମୟ ବ୍ରହ୍ମରେ। ସେ ସମସ୍ତ କାଳକୁ ଅତିକ୍ରମ କରି କାଳାଧୀଶ। ତେଣୁ ସେ ଅପଲକ ନେତ୍ର, ସେ ଅନନ୍ତ ଗତିହୀନ ଗତିଶୀଳତା। ଏଣୁ ସେ ପାଦବିହୀନ, ସ୍ଥାଣୁ, ସେ ଅକ୍ଷର, ସେ ବାଙ୍ମୟ। ଓଡ଼ିଶାର ଆଦିବାସୀ ଶବରମାନଙ୍କ ସହିତ ତାଙ୍କର ସଂଯୋଗ ମାନବିକ ବିଭୂତିର ଏକ ମହନୀୟ ଉପାଖ୍ୟାନ। ଶବରମାନେ ତାଙ୍କ ଦେବତାକୁ ବନ୍ଧୁ ଓ ଜ୍ଞାତି ହିସାବରେ ଗ୍ରହଣ କରି ନେଇଛନ୍ତି। ସେମାନଙ୍କ ଆଖିରେ ଜଗନ୍ନାଥ ମଣିଷ, ଅତିମାତ୍ରାରେ ମଣିଷ। ଯିଏ ସେମାନଙ୍କ ସହିତ ହସନ୍ତି, ଖେଳନ୍ତି ଓ ସେମାନଙ୍କ ସୁଖ-ଦୁଃଖରେ ଭାଗ ନିଅନ୍ତି।

ଶ୍ରୀଜଗନ୍ନାଥଙ୍କ ଲୀଳା ମାନବ ସ୍ୱରୂପୀ। ଶ୍ରୀଜଗନ୍ନାଥଙ୍କ ଆଦି ଓ ଅନ୍ତ କେଉଁଠି ତାହା ରହସ୍ୟାବୃତ। ଓଡ଼ିଆଙ୍କ ଭାବମାନସରେ ସେ ମନୁଷ୍ୟ ପରି ଖାଆନ୍ତି, ଶୁଅନ୍ତି, ଧୂଳିଧୂସରିତ ହୁଅନ୍ତି। ଓଡ଼ିଆଙ୍କ ପିଠା ଓ ମିଠା ଏବଂ ମାଉସୀଙ୍କ ଘରେ ପୋଡ଼ପିଠା ମଧ୍ୟ ଖାଆନ୍ତି। ଭାବରେ ବାଇଗଣ କିଆରିରେ ଖଣ୍ଡିଆଖାବରା ହୋଇ ବୁଲନ୍ତି। ପୁଣି ବନ୍ଧୁ ବୋଲି କହି କାହାକୁ ରାତିରେ ଖାଇବାକୁ ଆଣିଦେଇ ଅତିଥି ଚର୍ଚ୍ଚା କରନ୍ତି। ଭକ୍ତଙ୍କ ସାଙ୍ଗରେ ମେଳା ମଉଛବ କରନ୍ତି। ମାନ-ଅଭିମାନ, ରାଗ-ରୁଷା ଓ ଥଟ୍ଟା-ପରିହାସରେ ନିଜକୁ ମଜାଇ ଦିଅନ୍ତି। ଆମ ପରି ପଖାଳ ଖାଆନ୍ତି। ଖାଇସାରି ପାନ ମଧ୍ୟ ଗ୍ରହଣ କରନ୍ତି। ପ୍ରାତଃରୁ ଉଠି ମୁଖ ପ୍ରକ୍ଷାଳନ, ଦନ୍ତମାର୍ଜନ, ସ୍ନାନଶୌଚ, ପୋଷାକ ପରିଧାନ କରନ୍ତି। ରାତିରେ ପହଡ଼ ପାଇଁ ଗୀତଗୋବିନ୍ଦ ଶୁଣନ୍ତି।

ଜଗନ୍ନାଥ କେବଳ ଏକ ପୂଜିତ ପ୍ରତିମୂର୍ତ୍ତି ନୁହନ୍ତି। ସେ ପୁରୁଷମାନଙ୍କ ମଧ୍ୟରେ ପୁରୁଷୋତ୍ତମ, ବେଦମାନଙ୍କ ମଧ୍ୟରେ ସାମବେଦ ଓ ଦେବତାମାନଙ୍କ ମଧ୍ୟରେ ଜଗନ୍ନାଥ।

ଦେବଗଡ଼, ମୋ: ୯୪୩୭୨୧୮୯୧୭

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବତନ ବିଧାୟକ ବିକ୍ରମଙ୍କ ପରିବାର ବର୍ଗଙ୍କୁ ଭେଟିଲେ ବିଜେଡିର ବରିଷ୍ଠ ନେତୃମଣ୍ଡଳୀ

## ବରିଷ୍ଠ ନେତା ଦେବୀ ଓ ଅତନୁଙ୍କ ସହ ସାମିଲ ହେଲେ ଚନ୍ଦ୍ରଶେଖର, ଚ୍ୟାଉପଟ୍ଟନାୟକ



ବ୍ରହ୍ମପୁର,୬।୭(ସମିସ): ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳର ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ପରିବାର ସଦସ୍ୟଙ୍କ ସହ ତାଙ୍କ ବାସଭବନରେ ସାକ୍ଷାତ ଆଲୋଚନା କରିଛନ୍ତି ବିଜେଡିର ବରିଷ୍ଠ ନେତୃମଣ୍ଡଳୀ। ରାଜନୈତିକ ଆକ୍ରୋଶର ଶୀକାର ହୋଇଥିବା ଯୁବ ନେତା ବିକ୍ରମଙ୍କ ସହିତ ଦଳ ସଦାସର୍ବଦା ରହିଛି ଏବଂ ରହିବ ମଧ୍ୟ। ଏହି ବାର୍ତ୍ତା ଦେବା ପାଇଁ ବିଜେଡିର ନେତୃମଣ୍ଡଳୀ ତାଙ୍କ ପରିବାର ସଦସ୍ୟଙ୍କ ସହ ଭେଟି ଆଶ୍ୱାସନା ଦେଇଥିବା ଜଣାପଡିଛି। ବିଜେଡିର ବରିଷ୍ଠ ରାଜ୍ୟ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଦିନିକିଆ ଗଞ୍ଜାମ ଗସ୍ତ କାଳରେ ଏହି ସାକ୍ଷାତ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବତନ ସାଂସଦ ତଥା ବରିଷ୍ଠ ରାଜ୍ୟ ଉପ ସଭାପତି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା, ଯୁବ ବିଜେଡି ଜୋନ ସଭାପତି ଜ୍ୟୋତିରଂଜନ ସାହୁଙ୍କ ସମେତ ବହୁ କର୍ପୋରେଟର ଓ ପୂର୍ବତନ କର୍ପୋରେଟର ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ନେତୃବୃନ୍ଦ ବିକ୍ରମଙ୍କ ଅନୁପସ୍ଥିତିରେ ତାଙ୍କ ବୃଦ୍ଧ ବାପା ଓ ମାଆଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ ଆଇନଜୀବୀ ପିତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗତ ଅକ୍ଟୋବର ୨୨ତାରିଖରୁ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଅଛନ୍ତି।

# ବେଆଇନ ଖଣି ଖନନ ବିରୋଧରେ ପଦକ୍ଷେପ ଜଣାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୬।୭(ସମିସ): ରାଜ୍ୟରେ ବେଆଇନ ଖଣି ଖନନ ରୋକିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପୁରୀ ଜିଲ୍ଲାର ପିପିଲି ତହସିଲ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମବାସୀଙ୍କ ତରଫରୁ ଦାଖଲ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ହାଇକୋର୍ଟଙ୍କୁ ଅବଗତ କରିଥିଲେ ଯେ ବେଆଇନ ଖଣି ଖନନରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ପଦକ୍ଷେପ ଆରମ୍ଭ ହୋଇଛି ଏବଂ ସମଗ୍ର ରାଜ୍ୟରେ ବେଆଇନ ଖଣି ଖନନକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆଇନ ଅନୁଯାୟୀ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା କୌଣସି ବ୍ୟକ୍ତିଙ୍କୁ ବେଆଇନ ଖଣି ଖନନ କରିବାକୁ କଦାପି ଅନୁମତି ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିବା ସହ ଓଡ଼ିଶାରେ ବେଆଇନ ଖଣି ଖନନ ରୋକିବା ପାଇଁ ଏପର୍ଯ୍ୟନ୍ତ କି ପଦକ୍ଷେପ ନିଆଯାଇଛି ଏବଂ ଆଗାମୀ ଦିନରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରାଯିବ, ସେ ସମ୍ପର୍କରେ ତିନି ସପ୍ତାହ ମଧ୍ୟରେ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ପରବର୍ତ୍ତୀ ଏକ ସପ୍ତାହ ମଧ୍ୟରେ ପ୍ରତିଜବାବ ଦାଖଲ କରିବାକୁ କୁହାଯାଇଛି।

ମାମଲାରୁ ପ୍ରକାଶ ଯେ, ଗୋବର୍ଦ୍ଧନପୁର ନିକଟ ଦୟା ନଦୀରୁ କିଛି ଅସାମାଜିକ ଓ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ବାଲି ଉତ୍ତୋଳନ ଏବଂ ପରିବହନ କରାଯାଉଥିବା ନେଇ ପ୍ରଭାବିତ ଗ୍ରାମବାସୀମାନେ ଗତ ୨୦୨୫ ଡିସେମ୍ବର୨୬ ତାରିଖରେ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଏ ନେଇ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇନଥିଲା।

**RURAL WOMEN'S HIGHER SECONDARY SCHOOL**
At /PO.: Banpur, Dist.: Khordha, PIN-752031

**Walk-in-Interview**

Wanted Contractual Teaching Faculties for PGT ENGLISH. A walk-in-interview will be held on **21.07.2026(Tuesday)at 10.30 A.M.** in the office of the undersigned. Candidate having 55% marks in concerned subject are requested to send their resume, photo copies of original certificates and their testimonials (Having B.Ed. Preference will be given first) before **21.07.2026** through our E-mail: rwc.banpur@gmail.com. and produce all original documents at the time of Interview.

**Sd/- Principal Rural Women's Higher Secondary School, Banpur**

Office of the Principal
**KANSBAHAL HIGHER SECONDARY SCHOOL LAING, SUNDARGARH**
Mail-principalkblcollege@yahoo.in, Mobile No- 9439104355

**Walk-in-Interview**

A walk-in-interview for the selection a post of Lecturer in Odia (Management Post) will be held in the office of the undersigned on 14/07/2026 at 11:00 am. Interested candidates with 50% or above mark in the concerned subject may attend the interview with their bio-data,originals and a set of xerox copies of their educational documents. No TA/DA will be given.

**Principal**
**Kansbahal H.S School Laing**
**Sundargarh**

GOVERNMENT OF ODISHA 25001/659/2627
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
L.I. No. 4605 Dt. 01.07.2026

**CANCELLATION OF TENDER**

The tender for the work Sl. No. 06 – Maintenance and Repair of R.I. Office-cum-Residence at Santoshpur in the Tender Call Notice Bid Identification No. Online-EERKL-15 of 2026-27 invited by the Executive Engineer, Rural Works Division-II, Sundargarh is hereby cancelled due to technical issues.

OIPR-25001/25193/1/26-27/0034
**Executive Engineer**
**R.W. Division-II, Sundargarh**

**AFFIDAVIT**

I, JASPAL SINGH, S/O SOHAN SINGH BHOGAL resident of At - Nua Sahi First Lane, PO/PS - Jeypore, Dist - Koraput - 764001, Odisha declare by this Affidavit No. 2994, Dated - 06/07/2026, that now onwards I shall be known as **JASPAL SINGH BHOGAL** for all future purposes.

# ବହୁଚର୍ଚ୍ଚିତ ପିଲାଚୋର ଭିଡ଼ହିଂସା ମାମଲା

# ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ ଗିରଫ

ବିଷମକଟକ/କଲ୍ୟାଣସିଂହପୁର, ୬।୭(ସମିସ): ବହୁଚର୍ଚ୍ଚିତ ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଭିଡ଼ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ଭଜରାନ ନାଇକ ସହ ରାଜେଶ ଉଲ୍ଲକାକୁ ପୁଲିସ ଗିରଫ କୋର୍ଟ ଚାଲାଣ କରିଛି। ଏଥିସହ ଗିରଫ ସଂଖ୍ୟା ୨୪କୁ ବୃଦ୍ଧି ପାଇଛି। ମୁଖ୍ୟ ଅଭିଯୁକ୍ତ ଭଜରାନଙ୍କ ଘର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଦୁରିପଦର ଗ୍ରାମରେ ଏବଂ ରାଜେଶଙ୍କ ଘର ଧାମୁଣିପଙ୍ଗା ପଞ୍ଚାୟତ କଟିକିନାଳ ଗ୍ରାମରେ। ସୋମବାର ବିଷମକଟକ ଉପକାରାଗାରରେ ପୀଡ଼ିତାଙ୍କ ଉପସ୍ଥିତିରେ ଏହି ଅଭିଯୁକ୍ତମାନଙ୍କର ଟେଷ୍ଟ ଆଇଡେଣ୍ଟିଫିକେସନ୍ (ଟିଆଇ) ପ୍ୟାରେଡ୍ କରାଯାଇଛି। ସୋମବାର ସନ୍ଧ୍ୟାରେ ବିଷମକଟକ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପୂଜା ଜୈନଙ୍କ ଉପସ୍ଥିତିରେ ଟିଆଇ ପ୍ୟାରେଡ୍ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିଲା। ଏହି ସମୟରେ ପୀଡ଼ିତା ଘଟଣା ସମ୍ପର୍କରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ସୂଚନା ଦେଇଥିଲେ। ଘଟଣା ଦିନ ଭିଡ଼ହିଂସାରେ ସାମିଲ ଥିବା କିଛି ଅଭିଯୁକ୍ତଙ୍କୁ ପୀଡ଼ିତା ଟିଆଇ ପ୍ୟାରେଡ୍‌ରେ ଚିହ୍ନଟ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗତ ଜୁନ୍ ୧୬ ତାରିଖ ଫେଲୋସିପ କାର୍ଯ୍ୟରେ ଯାଉଥିବା ଦିଲ୍ଲୀ ଆଜାଦପୁର ଅଞ୍ଚଳର ସୁମନ ଝାପ ଓ ଗୁଜୁରାଟ ସୁରତର ଅର୍ପିତା ସୂତାରିଆଙ୍କୁ ପିଲାଚୋର ବୋଲି ବିଭିନ୍ନ ଗ୍ରାମରେ ଭଜରାନ ଓ ରାକେଶ ଅପପ୍ରଚାର କରିଥିଲେ। ସୁମନ ଓ ଅର୍ପିତା ଦାଣ୍ଡପଦର, ସିଲେଟ, ବଣ୍ଡେଲି, କଲ୍ୟାଣସିଂହପୁର ବ୍ଲକ ତାଡିଝୋଲା, ଧାମୁଣିପଙ୍ଗା, କଟିକିନାଳ, ଇନ୍ତାଲିଗୁଡା ଗ୍ରାମ ଦେଇ ଆସୁଥିବା ବେଳେ ସାହିନଗର ନିକଟରେ ଯୁବକ ମାନେ ସଂଘବଦ୍ଧ ଭାବେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଯୁବତୀଙ୍କୁ ବିବସ୍ତ୍ର କରି ମାଡ଼ ମାରିବା ସହ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସୋମବାର ସନ୍ଧ୍ୟାରେ ପୀଡ଼ିତା ବିଷମକଟକ ଥାନାରେ ପହଞ୍ଚିବା ପରେ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଓ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କୁ ବିଷମକଟକ ଉପକାରାଗାରକୁ ନିଆଯାଇଥିଲା। ସେଠାରେ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ଟିଆଇ ପ୍ୟାରେଡ୍ ସମ୍ପନ୍ନ ହୋଇଥିଲା। ପୁଲିସର ତଦନ୍ତ ଜାରି ରହିଥିବା ବେଳେ ଏହି ଟିଆଇ ପ୍ୟାରେଡ୍ ମାମଲାର ବିଚାର ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ସାକ୍ଷ୍ୟ ଭାବେ ବିବେଚନା କରାଯାଉଛି।

**ବିଷମକଟକ ଉପକାରାଗାରରେ ୨୪ ଅଭିଯୁକ୍ତଙ୍କ ଟିଆଇ ପ୍ୟାରେଡ**



# ଚନ୍ଦ୍ରିକା ମୃତ୍ୟୁ ମାମଲାରେ ଜାମିନ ପାଇଁ ହାଇକୋର୍ଟରେ ଭୀମସେନ

କଟକ,୬।୭(ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ତାଙ୍କର ପୁରୁଷ ବନ୍ଧୁ ଭୀମସେନ ପ୍ରସାଦ ଟୁଡୁ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ଗତ ଜୁଲାଇ ୧ରେ କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ଟୁଡୁଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶଥାଉକି ଚନ୍ଦ୍ରିକାଙ୍କ ମୃତଦେହ କାଠଯୋଡ଼ି କୂଳରୁ ମିଳିବା ପରେ ଗତ ଜୁନ ୪ରେ ବାରଙ୍ଗ ଥାନାରେ ଚନ୍ଦ୍ରିକାଙ୍କ ପରିବାର ତରଫରୁ ଏତଲା ଦିଆଯାଇଥିଲା। ବାରଙ୍ଗ ଥାନା ପୁଲିସ ମାମଲା ରୁଜୁ କରିବା ସହିତ ଅଭିଯୋଗ ଆଧାରରେ ଜୁନ ୧୩ରେ ଶ୍ରୀ ଟୁଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ହେବା ପରେ ଗତ ଜୁନ ୨୭ରେ ଶ୍ରୀ ଟୁଡୁଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯାଇଥିଲା। ସେ ଓଡ଼ିଶା ଟାକ୍ସେସନ ଓ ଆକାଉଣ୍ଟସ ସର୍ଭିସର ଅଧିକାରୀ ଭାବେ ନିଯୁକ୍ତି ପାଇ କାର୍ଯ୍ୟରତ ଥିଲେ।

**ODISHA MINING ADARSHA VIDYALAYA**
At- Phulbad, PO-Umuri, Jeypore, Dist-Koraput (Odisha) -764002
(An English Medium Secondary School under Ministry of S & M E,
Govt. of Odisha, Sponsored by Odisha Mining Corporation)
Phone: 7978897651 | E-mail: principalomavjeypore@gmail.com

**SHORT TENDER CALL NOTICE No. 01/26**

Sealed tenders are invited from registered firms having GST number and Tax Clearance for the supply of Grocery Items, Daily Use Toiletries, Perishable Items, Students' TLM, School Uniforms and Sports Items. The completed tender documents must reach The Principal, Odisha Mining Adarsha Vidyalaya, At-Phulbad, PO-Umuri, Dist-Koraput, PIN-764002 by Registered/Speed Post on or before **15 July 2026 at 5.00 P.M.** The envelope should be superscribed **"TENDER SUBMITTED FOR ______ ITEM."** The tender paper for each item along with the terms and conditions may be downloaded from the school website: https://oav.edu.in/OMAVRAY. The tenders will be opened in the presence of the tenderers or their duly authorised representatives at **11.00 A.M. on 17 July 2026.** The Principal, Odisha Mining Adarsha Vidyalaya, Jeypore, reserves the sole right to reject any or all tenders without assigning any reason and may also change the date of opening of the tender through notification on the above-mentioned website. Tenderers should not submit more than one item in a single envelope. Separate envelopes must be submitted for each item for which the tenderer wishes to apply.

**Sd/-Principal, OMAV, Jeypore**

**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: SnT_RTM_W_26_15_Signal • ତାରିଖ: 02.07.2026 • କାର୍ଯ୍ୟର ନାମ: ରତଲାମ ମଣ୍ଡଳର ନାଗଦା–ଭୋପାଳ ସେକ୍ସନ୍‌ର ୯ଟି ଷ୍ଟେସନ (ଆକୋଡିଆ, ଶୁଜାଲପୁର, କାଲାପିପାଲ, କାଛି, ପରବତୀ, ବାକାଲ, ସେହୋର, ପଞ୍ଚାୱାନ ଏବଂ ବକାନିଆନ ଭାଉନ୍ରୀ) ଠାରେ ବର୍ତ୍ତମାନର PI ସିଷ୍ଟମ୍‌କୁ ନୂତନ EI ସିଷ୍ଟମ୍‌ରେ ପରିବର୍ତ୍ତନ ସହିତ ସମ୍ବନ୍ଧିତ ବାହ୍ୟ ସିଗ୍ନାଲିଂ କାର୍ଯ୍ୟ ପାଇଁ S&T ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ କାର୍ଯ୍ୟ। • ଟେଣ୍ଡରର ଆନୁମାନିକ ମୂଲ୍ୟ: ଟ.33,02,93,402.53/- • ବିଡ୍ ସିକ୍ୟୁରିଟି/ଅର୍ନେଷ୍ଟ ମନି: ଟ.66,05,900.00/- • ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: 31.07.2026 ତାରିଖ ଅପରାହ୍ନ 3.00 ଘଣ୍ଟା • ଟେକ୍ନିକାଲ୍ ବିଡ୍ ଖୋଲିବାର ତାରିଖ ଓ ସମୟ: 31.07.2026 ତାରିଖ ଅପରାହ୍ନ 3.30 ଘଣ୍ଟା ପରେ • କମର୍ସିଆଲ୍ ବିଡ୍ ଖୋଲିବାର ତାରିଖ ଓ ସମୟ: ଟେକ୍ନିକାଲ୍ ବିଡ୍‌ର ମୂଲ୍ୟାଙ୍କନ ପରେ ପୃଥକ ଭାବେ ସୂଚିତ କରାଯିବ। • କାର୍ଯ୍ୟ ସମାପ୍ତିର ଅବଧି: 24 ମାସ। • ଟେଣ୍ଡରିଂ ବିଭାଗର ଦାୟିତ୍ୱପ୍ରାପ୍ତ ଅଧିକାରୀ ଓ ବିଡ୍ ଖୋଲିବାର ସ୍ଥାନ: ଉପ ମୁଖ୍ୟ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର (କାର୍ଯ୍ୟ), ଡିଆରଏମ୍ କାର୍ଯ୍ୟାଳୟ, ରତଲାମ (ମଧ୍ୟପ୍ରଦେଶ)। ଟେଣ୍ଡରଟି www.ireps.gov.in ଇ-ଟେଣ୍ଡର ପୋର୍ଟାଲରେ ଦେଖିହେବ ଏବଂ ଅଫର୍ ସେହି ଇ-ଟେଣ୍ଡର ପୋର୍ଟାଲ ମାଧ୍ୟମରେ ହିଁ ଦାଖଲ କରିବାକୁ ପଡ଼ିବ। CRY/06/126

Like us on: facebook.com/WesternRly

**କବଲା ହଜିଛି**

ଏତଦ୍ୱାରା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, କଟକଙ୍କ ଇଜଲାସରେ ସତ୍ୟାପନ ହୋଇଥିବା ସତ୍ୟପାଠ ପ୍ରକାରେ ମୁଁ ଅମାୟିକ ଦେବାଶିଷ ପ୍ରଭୁପାଦ ସ୍ୱାଇଁ, ପିତା- ନକୁଳ ଚରଣ ସ୍ୱାଇଁ, ସା- ଜ୍ୟୋତ୍ସ୍ନା ବିହାର, ପୋ- ଭାଣପୁର, ଥାନା- କଟକ ସଦର, ଜିଲ୍ଲା- କଟକ-୭୫୩୦୦୧ ଏହା ଘୋଷଣା କରେକି ମୁଁ ଅଟୋରିକ୍ସାରେ କଟକ ଯାତ୍ରା କରିବା ସମୟରେ ସୁକାନ୍ତି ଦାସଙ୍କ ନାମରେ ପଞ୍ଜୀକୃତ ପ୍ଲଟ୍ ନଂ୧୮୬୮/୪୨୭୧, ଖାତା ନଂ.୧୧୬୨/୩୫୪୦, ମୌଜା- ଭାଣପୁର, ଥାନା- କଟକ ସଦର, ଜିଲ୍ଲା- କଟକର ଅସଲ ବିକ୍ରି କବଲା ସଂ୧୦୩୯୧୮୦୩୦୩୭ କେଉଁଠାରେ ହଜାଇ ଦେଇଛି, ଯାହାର ଅଶେଷ ପ୍ରୟାସ ସତ୍ତ୍ୱେ ସନ୍ଧାନ ମିଳୁନାହିଁ। ଯଦି ସନ୍ଧାନ ମିଳେ, ତେବେ ଯୋଗାଯୋଗ କରନ୍ତୁ: ସୋମନାଥ ପଟ୍ଟନାୟକ- 8420011985

GOVT. OF ODISHA 25001/661/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail: eerw_anandapur@yahoo.co.in
No. 5051 Date: 03.07.2026

**2nd Corrigendum Notice**

Under unavoidable circumstances, online availability of tender for **Annual Maintenance Plan of Rural Roads under Administrative Expenditure** of the tender invited vide **e-Procurement Notice No. 3998 dated 10.06.2026** & **1st Corrigendum Notice No. 4560 dated 25.06.2026 / Bid Identification No. NCB-Online 09/EE/RW/AND/2026-27** of the Executive Engineer, Rural Works Division, Anandapur is hereby rescheduled as below.

| Procurement Officer | Bid Identification No. | Availability of Tender Online for bidding | | Last Date & Time of Seeking Tender Clarification | Date & Time of Opening of Tender in: O/o the S. E.R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division, Anandapur | NCB-Online 09/EE/RW/AND /2026-27 | 17.07.2026 at 10.00 A.M. | 27.07.2026 up to 5.00 P.M. | 24.07.2026 up to 5.00 P.M. | 28.07.2026 at 11.30 A.M. in the |

All other contents remain unchanged.
OIPR-25001/25055/1/26-27/0012
Sd/- Superintending Engineer
R.W. Division, Anandapur

**AFFIDAVIT**

By virtue of an affidavit sworn before the Notary Public, Rayagada, No. 7147 dated 06.07.2026, I, Kamala Kanta Dandasena, S/o- Nalini Ranjan Dandasena, At-Paiko Street, Kashipur, PO/PS-Kashipur, Dist-Rayagada, Odisha-765015, declare that my father's name is wrongly recorded as Nalini Dandasena instead of Nalini Ranjan Dandasena in my Passport. Henceforth, my father shall be known as **Nalini Ranjan Dandasena** for all purposes.

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/SD/O/SER/ 2500001236: Rate Contract for General Civil Works.**
2. **TPWODL/AK/O/SU/ 2500001237: Rate Contract for MCCB With enclosure of various ratings.**
3. **TPWODL/VP/O/SU/2500001233: Rate Contract for supply of Earthing Coil and Earthing Pipe.**
4. **TPWODL/SA/O/SITC/2500001232: Supply, Installation, Testing and Commissioning of 11 KV & 33KV Single circuit towers at river crossing locations under ODSSP-IV**

Interested bidders to submit Tender Participation Fee and Authorization Letter through email **before 18th July 2026, 15:00 Hrs.** for **SL. NO. 1,3 &4** and on and **before 14th July 2026 for SL. No. 2** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Chief-TS, Contracts & Stores**

GOVERNMENT OF ODISHA 25001/654/2627
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
L.I. No. 4678 / Dt. 04.07.2026
1st Corrigendum to Bid Identification No. Online – EERKL-16/2026-27

Due to some unavoidable circumstances in respect of the tender for Building Works invited in Tender Call Notice **Bid Identification No. Online – EERKL-16/2026-27** by the Executive Engineer, Rural Works Division-II, Sundargarh, the date of online bidding and opening of the tender, which was scheduled from **30.06.2026 to 07.07.2026**, is hereby extended as follows:

| Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender (Technical Bid) |
|---|---|---|---|
| From: | To | | Online-EERKL-16/2026-27 |
| 06.07.2026 at 10.00 A.M. | 14.07.2026 up to 5.00 P.M. | 13.07.2026 up to 5.00 P.M. | 15.07.2026 at 11.00 A.M. |

OIPR-25001/25193/1/26-27/0033
Executive Engineer
R.W. Division-II, Sundargarh

**AFFIDAVIT**

I, Sandhyarani Dash, D/o. Late Umesh Chandra Dash, W/o. Manas Ranjan Mahapatra, resident of at 40/B, BDA HIG Duplex, Baramunda, Bhubaneswar, Ps- Bharatpur, Dist-Khurda, Odisha, hereby declare that, I have changed my name from **Sandhyarani Dash** to **Sandhyarani Mahapatra** is one and same person for all purpose, by way of vide affidavit No.20/ 18.02.2026 at Executive Magistrate Bhubaneswar.

**AFFIDAVIT**

By Virtue of an Affidavit before the Executive Magistrate, Bhadrak, vide Affidavit No.-7949, on dt. 03.07.2026, I Sk. Hedatulla, aged 50 years, S/o Sk. Baraktulla, At-Bankamohalla, P.O./P.S.-Purunabazar, Dist- Bhadrak, Odisha, on behalf of my minor son SK. MAHEMOOD, in his Birth Certificate but wrongly it has been mentioned as SK. MAHIUDDIN in Aadhaar Card bearing No. 3205 2157 8158. SK. MAHEMOOD & SK. MAHIUDDIN is one and same. This Affidavit is for Aadhaar Correction.

25001/663/2627
E.Mail – rw_sundargarh@yahoo.co.in
Ph – 06622-272280 (off)
**OFFICE OF THE SUPERINTENDING ENGINEER**
**RURAL WORKS DIVISION: SUNDARGARH**
**1st Corrigendum to Bid Identification No Online-SESNG-07 of 2026-27**

In continuation to this office bid Identification No: Online-SESNG-07 of 2026-27 invited vide this office notice no. 4445 dt. 18.06.2026 is partially modified for the work TCN has been made as follows:-

| Sl No. | | Time Schedule as per original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 29.06.2026 at 11.00 A.M to 09.07.2026 up to 06.00 P.M | Extended up to 15.07.2026 up to 5.00 P.M |
| 2 | Last date of seeking clarification | 08.07.2026 at 11.00 A.M | Extended up to 14.07.2026 up to 11.00 A.M |
| 3 | Date of Opening of Tender | 10.07.2026 at 10.00 A.M | Extended up to 15.07.2026 at 05.10 P.M |

All other terms & conditions remain unchanged.
OIPR-25001/25046/1/26-27/0011
Superitending Engineer
R.W. Division, Sundargarh

ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ,ବାମରା ବନ୍ୟପ୍ରାଣୀ ବନଖଣ୍ଡ
8001/187/2627
**OFFICE OF THE DIVISIONAL FOREST OFFICER: BAMRA WILDLIFE DIVISION**
**AT/PO:** Bamra, **Dist:** Sambalpur, Odisha – 768221
**Mob. No.:** 9437960711
**E-mail ID:** dfo.bamrawl@odisha.gov.in
**EoI No. 04 Dated: 06.07.2026**

**INVITATION FOR EXPRESSION OF INTEREST (EoI)**

For engagement of scientific consultant NGO / Non-profit Organization / Agency for preparation of Zonal Master Plan of Eco Sensitive Zone (ESZ) around Khalasuni and Badrama Wildlife Sanctuaries under Bamra Wildlife Division.

The Divisional Forest Officer, Bamra Wildlife Division, Bamra, Sambalpur invites applications from NGOs / Non-profit organizations / agencies for preparation of the Zonal Master Plan of Eco Sensitive Zone (ESZ) of Khalasuni and Badrama Wildlife Sanctuaries.

NGOs / Non-profit organizations / Agencies fulfilling the eligibility requirements may submit their applications to the Divisional Forest Officer, Bamra Wildlife Division, Bamra, Sambalpur, latest by 05.00 P.M. on 30.07.2026, as per the EoI document.

The Technical Bids shall be opened on 31.07.2026 at 11.00 A.M. The detailed EoI is available on the following websites: www.sambalpur.odisha.gov.in, www.odishaforest.in

OIPR-8001/8144/1/26-27/0004
Divisional Forest Officer
Bamra Wildlife Division

**AFFIDAVIT**

By virtue of an affidavit sworn before Notary Public: Bargarh vide no.386 dtd.04.07.2026, I, Sabnam Khatun, W/o- Mohammad Jilani, D/o- Resau Chandra Behera, resident of At- Barahaguda Canal, Po.- Barahaguda, Ps.- Rural, Dist.- Bargarh state that, my father's original name is **Resau Chandra Behera** but in my Pass Port I.D.Card bearing no. L3220083 my father's name has been wrongly mentioned as Keshab Behera, whereas in my Voter's ID no. ACU1622745 my father's name reflected as Subal Sahu. That **Resau Chandra Behera, Keshab Behera** and **Subal Sahu** belongs to same and one person.

**OFFICE OF THE PRINCIPAL**
**SINDHA DEVI HIGHER SECONDARY SCHOOL, NANDAPUR**
DIST.- KORAPUT, PIN: -764037
PH. NO.: 06868-273554, MOB.: 08763240445, Email: sdm.ndp@gmail.com
Letter No. 242/SDHSS/2026 Date: 06.07.2026

**ADVERTISEMENT**

Application with Bio-Data is invited from interested candidates along with relevant certificates and a passport size recent coloured photo by registered/speed post/in person for appointment for the academic session **2026-27**. Age as per the Govt. of Odisha norms. The last date of receipt of application is **Dt. 21.07.2026**. Applications received after the last date of application shall be summarily rejected. The candidates are requested to remain present at **11.00 A.M. on 29.07.2026** at **SDHSS, Nandapur, Dist.-Koraput** along with all the original certificates for verification & interview. **No TA/DA will be paid for attending the interview.**

| Post | Essential Qualification | Consolidated Remuneration per month |
|---|---|---|
| Guest Faculty in Odia, History and Commerce | Master's Degree in the subject concerned with at least **55% marks** or equivalent Grade. | Rs. 13,500/- (Thirteen Thousand Five Hundred) |
| Assistant Librarian (Contractual) | Graduation in Arts/Commerce/Science with Bachelor Degree in Library and Information Science. | Rs. 11,000/- (Eleven Thousand) |

**Principal-cum-Secretary**
Sindha Devi Higher Secondary School
Nandapur, Dist. Koraput
Odisha, Pin - 764037

**OFFICE OF THE SUPERINTENDING ENGINEER**
**EARTH DAM DIVISION, CHITRAKONDA**
**DISTRICT: MALKANGIRI**
32001/503/2627
**E-mail ID:** executiveengineereddckd@gmail.com
**e-Procurement Notice No. SE-EDD-CKD-03/2026-27**

1. **Type of Works:** River Bank Flood Protection Work
2. **Total No. of Works:** One (01) No.
3. **Estimated Cost:** Rs. 98.63 Lakh
4. **Period of Completion:** Six (6) Calendar Months
5. **Class of Contractor:** 'B' Class

| Procurement Officer | Bid Identification No. | Availability & Submission of Bids online | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Earth Dam Division, Chitrakonda | SE-EDD-CKD-03(1)/2026-27 | 10.07.2026 at 10.00 A.M. | 24.07.2026 up to 5.00 P.M. |

**Date of Opening of Tender/Bid: 27.07.2026 at 10.30 A.M.** in the office of the **Superintending Engineer, Earth Dam Division, Chitrakonda.**
**Further details can be seen from the Government Website:** www.tendersodisha.gov.in

**(Er. K. C. Sheti)**
**Superintending Engineer**
OIPR-32001/32019/1/26-27/0005 **Earth Dam Division, Chitrakonda, Malkangiri (Odisha)**

**AFFIDAVIT**

By virtue of an affidavit CF No. 46, dtd- 02.07.2026 sworn before The Executive Magistrate, Bhubaneswar. I, **Manas Kumar Mallik,** S/o Late Bira Kishore Mallik, resident of AT/PO-Khujenpali, PS: Balangir, Odisha, PIN: 767002 have changed my name & my wife name from (**M.K. Mallik** to **Manas Kumar Mallik**) & (**Janki Mallik** to **Janaki Mallik**) in my daughter's (**Arpita Mallik**) birth certificate vide Regd. No. 137, dtd- 28.02.2009.

# ବିଲେଶୁ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



ରାୟଗଡ଼,୬।୭(ସମିସ): ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଲେଷୁଠାରେ ବନ ମହୋତ୍ସବ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ପ୍ରକୃତି ସୁରକ୍ଷାର ବାର୍ତ୍ତା ବହନ କରୁଥିବା କୃତ୍ରିମ ବୁଦ୍ଧିମତା (ଏଆଇ) ଆଧାରିତ ଅଭିନବ ବେତାର ରୂପକ 'ଏଆଇର ସବୁଜ ସ୍ୱପ୍ନ'ର ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀନିବାସ ରାଓ ଲାଡିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବନପାଳ ଗୌରୀଶଙ୍କର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ କାଞ୍ଚିକାବାଲସାବିଲେଷୁ ମୁଖ୍ୟ ରାସ୍ତା ଏବଂ ବିଦ୍ୟାଳୟ ପ୍ରବେଶ ପଥର ଉଭୟ ପାଶ୍ୱର୍ରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାୟ ୧୫୦ଟି ଚାରା ରୋପଣ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ଆୟୋଜିତ ସାଧାରଣ ସଭାରେ ଶିକ୍ଷାର୍ଥୀମାନେ ବନ ମହୋତ୍ସବର ମହତ୍ତ୍ୱ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହାପରେ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ବନ ବିଭାଗର କର୍ମଚାରୀଙ୍କ ଉପସ୍ଥିତିରେ 'ଏଆଇର ସବୁଜ ସ୍ୱପ୍ନ' ବେତାର ରୂପକର ସ୍କ୍ରିନିଂ କରାଯାଇଥିଲା। ପ୍ରାୟ ୧୧ ମିନିଟର ଏହି ବେତାର ରୂପକରେ ପୋଡୁ ଚାଷର କୁପ୍ରଭାବ, ପରିବେଶ ସୁରକ୍ଷାର ଆବଶ୍ୟକତା ଏବଂ ପ୍ରକୃତି ବିନା ପ୍ରଯୁକ୍ତି କିମ୍ବା ଜୀବନର ଅସ୍ତିତ୍ୱ ସମ୍ଭବ ନୁହେଁ ବୋଲି ସଶକ୍ତ ବାର୍ତ୍ତା ପ୍ରଦାନ କରାଯାଇଛି। ପ୍ରତ୍ୟେକ ପରିବାରଅତିକମ୍‌ରେ

## 'ଏଆଇର ସବୁଜ ସ୍ୱପ୍ନ' ଉନ୍ମୋଚିତ

ପାଞ୍ଚଟି ଗଛ ଲଗାଇ ତାହାର ସୁରକ୍ଷା କରିବାକୁ ଏଥିରେ ଆହ୍ୱାନ ଜଣାଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ଦ୍ୱିତୀ ଚନ୍ଦ୍ର ସାହୁଙ୍କ ରଚନା ଓ ନିର୍ଦ୍ଦେଶନାରେ ବେତାର ରୂପକଟି ପ୍ରସ୍ତୁତ ହୋଇଥିବାବେଳେ ଶିକ୍ଷକ ସ୍ମୃତି ରଞ୍ଜନ ମହାରଣା ଏହାର ଶବ୍ଦ ଗ୍ରହଣ ଓ ସମ୍ପାଦନା କରିଛନ୍ତି। ଶିକ୍ଷକ ବିରାଟ ହିଆଲ, ଶିବରାମ ହରିଜନଙ୍କ ସମେତ ଶିକ୍ଷାର୍ଥୀ ଶ୍ରୀୟା, ସ୍ୱପ୍ନା, ମିତାଲି, ଭରତ, ଅର୍ଜୁନ, ରିଙ୍କୁ, ସିମାଞ୍ଚଳ ଓ ହିମାଂଶୁ ବିଭିନ୍ନ ଚରିତ୍ରରେ ସ୍ୱର ସଂଯୋଜନା କରିଛନ୍ତି। ବେତାର ରୂପକର ବିଷୟବସ୍ତୁକୁ ଉପସ୍ଥିତ ଅତିଥି ଓ ଦର୍ଶକମାନେ ଉଚ୍ଚ ପ୍ରଶଂସା କରିଥିଲେ। ବନପାଳ ଗୌରୀଶଙ୍କର ସାହୁ କହିଥିଲେ ଯେ, ବନ ବିଭାଗ ପକ୍ଷରୁ ଏହି ବେତାର ରୂପକକୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରସାରିତ କରିବାକୁ ପ୍ରୟାସ କରାଯିବ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ବନ ରକ୍ଷକ ପ୍ରଦୀପ କୁମାର ସାହୁ, ମନସ୍ମିତା ପାଣିଗ୍ରାହୀ, ଶିବ ପ୍ରସାଦ ପାଣିଗ୍ରାହୀ ଓ ସ୍ମରଣିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### କଲିଙ୍ଗି ନାଳରେ ଚେକ୍ ଡ୍ୟାମ୍ ନିର୍ମାଣ ଦାବି

# ଉପକୃତ ହେବେ ୬ ପଞ୍ଚାୟତର ଲୋକେ



ରାୟଗଡ,୬।୭(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକର ପିତାମହଲ, ତାଡ଼ମା, ବଡ଼ ଇରକୁବାଡ଼ି, ଗାଜିଗାଁ, କେରଡ଼ା ଓ ଜେମାଦେଇପେଣ୍ଠ ପଞ୍ଚାୟତର ୧ ହଜାରରୁ ଅଧିକ ଏକର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ତାଡ଼ମା ଗ୍ରାମପଞ୍ଚାୟତ ଅଧୀନ କଲିଙ୍ଗି ଗାଁ ନିକଟରେ ପ୍ରବାହିତ ନାଳ ଉପରେ ଏକ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ଜନପ୍ରତିନିଧି ଓ ଚାଷୀମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ଶୁଣାଣିରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଅନ୍ତତଃ ବର୍ଷକୁ ଗୋଟିଏ ଫସଲ ଅମଳ କରିବା ପାଇଁ ମଧ୍ୟ ଅଞ୍ଚଳରେ ପର୍ଯ୍ୟାପ୍ତ ଜଳସେଚନ ବ୍ୟବସ୍ଥା ନାହିଁ। ବର୍ଷା ଋତୁରେ ମଧ୍ୟ ଜଳ ଅଭାବ ଯୋଗୁଁ ଧାନ ସହ ଅନ୍ୟାନ୍ୟ ଫସଲ ସମ୍ପୂର୍ଣ୍ଣ ଭାବେ ଅମଳ ହୋଇପାରୁ ନଥିବାରୁ ଚାଷୀମାନେ ବାରମ୍ବାର କ୍ଷତି ସହୁଛନ୍ତି। କଲିଙ୍ଗି ଗାଁ ନିକଟରେ ନାଳ ଉପରେ ଚେକ୍ ଡ୍ୟାମ୍ ନିର୍ମାଣ କରାଗଲେ ୬ଟି ପଞ୍ଚାୟତର ୧ ହଜାରରୁ ଅଧିକ ଏକର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବା ସହ ଶହ ଶହ ଚାଷୀ ଉପକୃତ ହେବେ ବୋଲି ଜନପ୍ରତିନିଧିମାନେ କହିଛନ୍ତି। ଦାବିପତ୍ରରେ ଆହୁରି ଦର୍ଶାଯାଇଛି ଯେ, ୧୯୭୩ ମସିହାରୁ ଆରମ୍ଭ କରି ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଓ ମନ୍ତ୍ରୀମାନଙ୍କ ନିକଟରେ ଏହି ଦାବି ଉପସ୍ଥାପନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଫଳରେ ଚାଷୀମାନେ ପ୍ରତିବର୍ଷ ଜଳ ଅଭାବ ଯୋଗୁଁ କ୍ଷତିଗ୍ରସ୍ତ ହେଉଛନ୍ତି। ଅଭିଯୋଗ ଶୁଣାଣି ସମୟରେ ବିଭାଗୀୟ ଅଧିକାରୀମାନେ ପ୍ରସ୍ତାବକୁ ଗୁରୁତ୍ୱର ସହ ଗ୍ରହଣ କରି ଖୁବଶୀଘ୍ର ବିଭାଗୀୟ ଯନ୍ତ୍ରୀଙ୍କୁ ସ୍ଥଳ ପରିଦର୍ଶନ ପାଇଁ ପଠାଯିବ ଏବଂ ଅନୁଧ୍ୟାନ ପରେ ରିପୋର୍ଟ ଦାଖଲ କରାଯିବ ବୋଲି ସୂଚନା ଦେଇଛନ୍ତି। ତେବେ

## ନ ହେଲେ ଆମରଣ ଅନଶନ

ଜଳସେଚନ ପାଇଁ ଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ ନ କରାଗଲେ ଆସନ୍ତା ୧୫ ଦିନ ମଧ୍ୟରେ ଗୌଡ଼ଖୁଲମ ଗାଁ ଛକରେ ୬ଟି ପଞ୍ଚାୟତର ଚାଷୀ ଓ ଜନପ୍ରତିନିଧିମାନେ ଶାନ୍ତିଶୃଙ୍ଖଳାର ସହ ଆମରଣ ଅନଶନରେ ବସି ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ପିତାମହଲ ପାଣି ପଞ୍ଚାୟତ ସଭାପତି ଗୋବିନ୍ଦ ଚନ୍ଦ୍ର ବିଡ଼ିକା, ପିତାମହଲ ସରପଞ୍ଚ ଟୁଟୁ ତାଡିଙ୍ଗି, ବଡ଼ ଇରକୁବାଡ଼ି ସରପଞ୍ଚ କାମେଶ୍ୱର ତାଡିଙ୍ଗିଙ୍କ ସମେତ ବହୁ ଜନପ୍ରତିନିଧି ଓ ଚାଷୀ ଉପସ୍ଥିତ ଥିଲେ।

### ■ ୨୦ ପରିବାରଙ୍କୁ ଘରଡିହ ପ୍ରଦାନ ଦାବି

# ଜିଲ୍ଲାପାଳଙ୍କୁ ପୁଣି ଦାବିପତ୍ର ଦାଖଲ

ରାୟଗଡ,୬।୭(ସମିସ): ରାୟଗଡ଼ ପୌର ପରିଷଦର ୨୪ ନମ୍ବର ୱାର୍ଡର ୨୦ ଜଣ ଜମିହୀନ ଆଦିବାସୀ ଓ ଦଳିତ ପରିବାରଙ୍କୁ ସରକାରୀ ନିୟମ ଅନୁଯାୟୀ ଘରଡିହ ପ୍ରଦାନ କରିବା ଦାବିରେ ସୋମବାର ରାୟଗଡ ଆଦିବାସୀ ମହାସଂଘ (ରାଆମ) ପକ୍ଷରୁ ଜିଲ୍ଲାପାଳଙ୍କ ମାସିକ ଜନ ଅଭିଯୋଗ ଶୁଣାଣିରେ ପୁନର୍ବାର ଏକ ଲିଖିତ ଦାବିପତ୍ର ଦାଖଲ କରାଯାଇଛି। ମହାସଂଘର ଜିଲ୍ଲା ସଭାପତି ବିଜୟ କୁମାର ମେଲାକା କହିଛନ୍ତି ଯେ, ଏହି ୨୦ଟି ପରିବାର ଦୀର୍ଘ ବର୍ଷ ଧରି ଜମିହୀନ ଭାବେ ବସବାସ କରୁଥିବାବେଳେ ୨୦୨୫ ମସିହାରେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଓ ସମ୍ପୃକ୍ତ ବିଭାଗଗୁଡ଼ିକ ନିକଟରେ ଲିଖିତ ନିବେଦନ କରାଯାଇଥିଲା। ଏହାପରେ ବିଭାଗ ପକ୍ଷରୁ ଚିଠି ନଂ୧୬୧୩/୨୦୨୫ ମାଧ୍ୟମରେ ପିତାମହଲ ଗ୍ରାମପଞ୍ଚାୟତରେ ଘରଡିହ ପ୍ରଦାନ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। କିନ୍ତୁ ସେରିଗୁଡ଼ା ବାସିନ୍ଦାମାନେ ବର୍ତ୍ତମାନ ବସବାସ କରୁଥିବା ସ୍ଥାନରେ ହିଁ ଘରଡିହ ଯୋଗାଇ ଦେବାକୁ ଦାବି କରିଛନ୍ତି। ଜନ ଅଭିଯୋଗ ଶୁଣାଣି ସମୟରେ ତହସିଲଦାରଙ୍କ ସହ ଏହି ପ୍ରସଙ୍ଗରେ ଆଇନଗତ ଦିଗକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ତହସିଲଦାର ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଶ୍ରୀ ମେଲାକା କହିଛନ୍ତି ଯେ, ଆଦିବାସୀ ଓ ଅନ୍ୟ ବଞ୍ଚିତ ବର୍ଗଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଂଘ ନିରନ୍ତର କାର୍ଯ୍ୟ କରିଆସୁଛି। ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ବ୍ୟକ୍ତିଗତ ଓ ସାମୂହିକ ଜନସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିବାବେଳେ ଅନେକ ସମସ୍ୟାର ସମାଧାନ ମଧ୍ୟ ହୋଇଛି। ତେବେ ଏହି ଘରଡିହ ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ରାୟଗଡ଼ା ଆଦିବାସୀ ମହାସଂଘ ପକ୍ଷରୁ ପୁନର୍ବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ରାୟଗଡ଼, ୬।୭(ସମିସ): ରାୟଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ବନଖଣ୍ଡ ଅଧିକାରୀ ସଚିନ୍ ଆନ୍ନା ସାହେବ ଓହଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ନରେନ୍ଦ୍ର ନାଥ ମହାପାତ୍ର, ଉପ ଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଚନ୍ଦ୍ରକାନ୍ତ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗକାରୀଙ୍କ ସମସ୍ୟା ଶୁଣି ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ଶିବିରରେ ମୋଟ ୬୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଓ ୧୮ଟି ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ସମସ୍ତ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ଘରୁ ଚୋରି ଘଟଣାରେ ୬ ଗିରଫ

କଲ୍ୟାଣସିଂହପୁର,୬।୭(ସମିସ) ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ବଡ଼ଧରଣର ଚୋରି କରିଥିଲେ। ଏହି ଘଟଣାରେ ୬ଜଣଙ୍କୁ ପୁଲିସ ଗିରଫ କୋର୍ଟ ଚାଲାଣ କରିଛି। ଚୋରି ହେବାର ତିନିଦିନ ମଧ୍ୟରେ ସ୍ଥାନୀୟ ପୁଲିସ ତଦନ୍ତ କରି କଲ୍ୟାଣସିଂହପୁର ବ୍ଲକ ଶିଙ୍ଗାରି ପଞ୍ଚାୟତର ଖୋରଜଡ଼ା ଗ୍ରାମର ଜିତେନ୍ଦ୍ର ନାୟକ, ସହଦେବ ଛତ୍ରୀୟା, ଗୁରୁଦେବ ଗାଣ୍ଟା, ନାଥ ମହାନନ୍ଦିଆ, ବରବିଲ ନାୟକ ଓ ରାଜେଶ ବାଗଙ୍କୁ ରବିବାର ଦିନ ଅଟକ ରଖି ପଚାରଉଚରା କରିଥିଲେ। ଏହି ୬ଜଣ ମଧ୍ୟରୁ କୋଲନାର ବ୍ଲକ ମୁକୁନ୍ଦପୁର ଗ୍ରାମରେ ହୋଇଥିବା ଚୋରି ଘଟଣାରେ ଜିତେନ୍ଦ୍ର ନାୟକ, ସହଦେବ ଛତ୍ରୀୟା ଙ୍କୁ ଚାନ୍ଦିଲି ଥାନାକୁ ନେଇଥିଲେ। ସେଠାରେ ପଚରାଉଚାରା କରାଯିବା ପରେ ସୋମବାର ଦିନ କୋର୍ଟ ଚାଲାଣ କରାଯାଇଛି। କଲ୍ୟାଣସିଂହପୁର ଥାନାରେ ଥିବା ୪ଜଣଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚୋରି କରିଥିବା ସାମଗ୍ରୀ ପୁଲିସ ଜବତ କରିଥିବା ଥାନା ଅଧିକାରୀ ଅଜିତ ପରିଡା ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ଚଳିତ ମାସ ୨ ତାରିଖ ଦିନ ସୁନାଖଣ୍ଡି ପଞ୍ଚାୟତ ଆଲଜିନ୍ ଗୁଡ଼ା ଛକ ଶିବ ମନ୍ଦିର ସାହିରେ ସ୍ଥାନୀୟ ବାସିନ୍ଦା ବୀରେନ୍ଦ୍ର ନାଗ ଓ ତାଙ୍କ ପରିବାର ବୁଧବାର ଦିନ କୌଣସି କାମରେ ରାୟଗଡ଼ା ଯାଇଥିଲେ। ପରଦିନ ସକାଳେ ଘରକୁ ଫେରି ଦେଖିବା ବେଳକୁ ଘରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ଘର ପଛପଟ ପାଚେରୀ ଡେଇଁ କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ପରେ ଘର ଭିତରେ ଥିବା ଆଲମାରୀ ଭାଙ୍ଗି ସୁନା ଚେନ୍, ଦୁଇଟି ମୁଦି, କାନଫୁଲ, ପ୍ରାୟ ସାତ ତୁଳା ରୂପା ଗହଣା, ନଗଦ ଦୁଇ ଲକ୍ଷ ଟଙ୍କା, ଏଲ୍‌ସିଡି ଟିଭି ସହ ଘରେ ଥିବା ମାଟି କୁଣ୍ଡି ରଖାଯାଇଥିବା ଟଙ୍କା ମଧ୍ୟ ନେଇ ଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ପରିବାର ପକ୍ଷରୁ କଲ୍ୟାଣସିଂହପୁର ଥାନାରେ ଅଭିଯୋଗ ଦାଖଲ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅନୁସନ୍ଧାନ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ। ସେଥିରେ ୬ଜଣଙ୍କୁ ଅଟକ ରଖି ପଚରା ଉଚରା ଚଳାଇଥିଲେ। ସେମାନଙ୍କ ଠାରୁ ଚୋରି ଜିନିଷ ଜବତ କରି କୋର୍ଟ ଚାଲାଣ କରାଯାଇଛି।

# ହନୁମାନ ଚାଳିଶା, ପାଠ୍ୟ ଉପକରଣ ବଣ୍ଟନ



ରାୟଗଡ,୬।୭(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ୍ ତାଡ଼ମା ପଞ୍ଚାୟତ ଅଧିନସ୍ଥ ଲୁହାଖାଲ ଗ୍ରାମର ବୃଦ୍ଧ ଆଦିବାସୀ ପିତାମାତାଙ୍କୁ ଅଣ ଆନୁଷ୍ଠାନିକ ଭାବେ ଅଙ୍ଗବସ୍ତ୍ର ବଣ୍ଟନ କରାଯାଇଥିଲା। ଯୁବ ଶିକ୍ଷିତ ଗ୍ରାମବାସୀ ଓ ଲୋକ ମାନଙ୍କୁ ହନୁମାନ ଚାଳିଶା ବଣ୍ଟନ କରାଯାଇ ପଠନ କରିବାକୁ ପରାମର୍ଶ ଦେବା ସହ ତାହାର ଉପାଦେୟତା ଆଲୋଚନା କରିବା ଓ ସନାତନ ଧର୍ମ, ଗୋ ସୁରକ୍ଷା, ବାଡ଼ି ବଗିଚାରେ ତୁଳସୀ, ବେଲ, ଅଁଳା ଗଛ ଲଗାଇ ପୂଜା କରିବା, ପରିବେଶ ସୁରକ୍ଷା କରିବା, ବର୍ଜ୍ୟ ପାନୀୟ ଗ୍ରହଣ ନକରିବା, ପାରସ୍ପରିକ ସଦ୍‌ଭାବନା, ସମରସତା, ସମଦର୍ଶିତା ଭାବ ରଖିବା, ଆଧାତ୍ମିକ ଚିନ୍ତା ଚେତନାରେ ମଜ୍ଜି ରାଷ୍ଟ୍ରୀୟ ସେବା ପାଇଁ ତଥା ମାଆ ଭାରତୀର ଟେକ ରଖିବା ପାଇଁ ସଂକଳ୍ପ ଗାଁ ଲୋକେ କରିଥିଲେ। ତତ୍ ପରେ ଗାଁ ପ୍ରାଥମିକ ବିଦ୍ୟାଳୟର କମିଟି ସଭାପତି, ଗ୍ରାମବାସୀ ଓ ପ୍ରଧାନ ଶିକ୍ଷକଙ୍କ ଅନୁମତି ନେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଉକ୍ତ ସମସ୍ତ କାର୍ଯ୍ୟକ୍ରମ ସମାଜ ସେବୀ ସେବା ନିବୃତ୍ତ ଶିକ୍ଷକ ଜୟଦେବ ସିଠଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସେବା ନିବୃତ୍ତ ଶିକ୍ଷକ, ସମାଜ ସେବକ, କବି ଡ. ରତି ରଞ୍ଜନ ଦାଶଙ୍କ ସହାୟତା ଓ ବିଦ୍ୟାଳୟର ଶିକ୍ଷକ/ଶିକ୍ଷିକା, ଗାଁ ମୁଖିଆ ଲକି ହିମିରିକା ସହଯୋଗ କରିଥିଲେ।

### ■ କାର୍ଲାକଣା ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

# ଜେକେ କାଗଜକଳ ପକ୍ଷରୁ ଚାରାରୋପଣ



ରାୟଗଡ଼,୬।୭(ସମିସ): ୭୭ ତମ ବନ ମହୋତ୍ସବ ପାଳନ ଅବସରରେ ଜେକେ କାଗଜ କଳର ସାମାଜିକ ଦାୟିତ୍ୱ ବିଭାଗ (ସିଏସଆର) ତରଫରୁ ସ୍ଥାନୀୟ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ, କାର୍ଲାକୋନା ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଲାକଣା ପଞ୍ଚାୟତର ସରପଞ୍ଚ ନୀଳାମ୍ବର ବିଡ଼ିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷର ମହତ୍ତ୍ୱ ଉପରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇବା ସହ ଜେକେ କାଗଜକଳର ଏହି ସୁନ୍ଦର ପ୍ରୟାସକୁ ବେଶ୍ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦାନୀ ସରଳା ଏବଂ ଅଭିଭାବକମାନଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ମିଶି ପାଖାପାଖି ୧୫୦ଟି ଆମ୍ବ, ପିଜୁଳି, ଜାମୁ, ପଣସ, ବାଦାମ ଏବଂ ଟଗର ଆଦି ବିଭିନ୍ନ କିସମର ଚାରାରୋପଣ କରିଥିଲେ। ଜେକେ କାଗଜକଳର ଡେପୁଟି ମ୍ୟାନେଜର (ପିଆର ଆଣ୍ଡ ସିଏସଆର) ହରିହର ଖମାରୀ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ଏହି ଅବସରରେ ସେ ପ୍ରକାଶ କରିଥିଲେ ଯେ, ଆଗାମୀ ଦିନରେ ଅଞ୍ଚଳର ଆହୁରି ଅନେକ ସ୍ଥାନରେ ଏଭଳି ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯିବ।

# ଶ୍ରୀ ସିଦ୍ଧେଶ୍ୱର ମନ୍ଦିର ପକ୍ଷରୁ ଶ୍ରୀଜିଉଙ୍କୁ ଅଣସର ସେବା ପ୍ରଦାନ



ଦାମନଯୋଡ଼ି,୬।୭(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ମହାସ୍ନାନ ପର ଠାରୁ ଜ୍ୱରରେ ପୀଡ଼ିତ ହୋଇ ଶ୍ରୀଜିଉ ଅଣସର ଘରେ ରହୁଛନ୍ତି। ଏହି ସମୟ ମଧ୍ୟରେ ଠାକୁର ମାନଙ୍କୁ ପ୍ରତିଦିନ ସ୍ୱତନ୍ତ୍ର ସେବା ପ୍ରଦାନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଭେଜାପୁଟ ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମନ୍ଦିର ପକ୍ଷରୁ ଗୋଟିଏ ଦିନର ସେବା ପ୍ରଦାନ କରାଯାଇଥାଏ। ଏଥିରେ ପାଟ ସୂତା, ଘଣାପେଡ଼ା ରାଶିତେଲ, ଝୁଣା, କସ୍ତୁରୀ,କେଶର, କର୍ପୁର, ଚନ୍ଦନ, ଧଳା ସୂତା ଲୁଗା ସହିତ ବିଭିନ୍ନ ପ୍ରକାରର ପାଚିଲା ଫଳମୂଳ ଆଦି କୀର୍ତ୍ତନ ମଣ୍ଡଳୀ, ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନୀ ସହ ନେଇ ସେକ୍ଟର ୧ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଦାନ କରିଥିଲେ। ମନ୍ଦିର ପୂଜକ ମାନସ କୁମାର ଦାଶ ପୂଜାର୍ଚ୍ଚନା କରିବା ପରେ ବାଉଁଶ ତାଟରେ ସେହି ସାମଗ୍ରୀ ଗୁଡ଼ିକୁ ନିଆଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ବିପିନ ବିହାରୀ ପଣ୍ଡା ଫୁଲ, ଚନ୍ଦନ ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମ୍ପାଦକ କୈଳାସ ସେନାପତିଙ୍କ ସହିତ ସଦସ୍ୟ ଉପସ୍ଥିତ ରହି ସମସ୍ତଙ୍କୁ ପାଛୋଟି ନେଇଥିଲେ। ପ୍ରକାଶ ଥାଉକି, ଦାମନଯୋଡ଼ି ତଥା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର ପକ୍ଷରୁ ଅଣସର ସମୟରେ ଭିନ୍ନଭିନ୍ନ ଦିବସରେ ସେବା ପ୍ରଦାନ କରାଯାଇଥାଏ।

# ୨୬ ନଂ ଜାତୀୟ ରାଜପଥ ମରଣଯନ୍ତା



ପଟ୍ଟାଙ୍ଗି,୬।୭(ସମିସ): ଛତିଶଗଡ, ଓଡ଼ିଶା ଓ ଆନ୍ଧ୍ରକୁ ସଂଯୋଗ କରୁଥିବା ୨୬ନଂ ଜାତୀୟ ରାଜପଥର ପଟ୍ଟାଙ୍ଗି ଠାରୁ ଆନ୍ଧ୍ର ସୀମାନ୍ତ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଖାଲ ଖମ୍ବାର ଯୋଗୁଁ ବର୍ଷା ଦିନରେ ରାସ୍ତା ଖାଲରେ ଭରି ରହୁଛି ପାଣି । ଗାଡ଼ି ଦୁର୍ଘଟଣାର ରହୁଛି ସମ୍ଭାବନା। ରାସ୍ତା କାର୍ଯ୍ୟ ନିମ୍ନ ମାନର ହେବା ସହ ବିଭାଗୀୟ ଅଧିକାରୀ ବର୍ଷା ଦିନ ଆସିବା ପୂର୍ବରୁ ମରାମତି କରୁନଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ଛତିଶଗଡ, ଓଡ଼ିଶା ଏବଂ ଆନ୍ଧ୍ରର ବିଶାଖାପାଟଣାର ପୋର୍ଟକୁ ସଂଯୋଗ କରୁଛି ୨୬ ନଂ ଜାତୀୟ ରାଜପଥ। ଛତିଶଗଡ ଠାରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜାତୀୟ ରାଜପଥ ସଂଯୋଗ କରୁଛି। ଉକ୍ତ ରାସ୍ତା ମଧ୍ୟ ଦେଇ ଛତିଶଗଡ ରାଜ୍ୟରେ ଏନ୍‌ଏମ୍‌ଡିସି ନଗର୍ନାର ଷ୍ଟିଲ ପ୍ଲାଣ୍ଟ, ଓଡ଼ିଶା ରାଜ୍ୟ କୋରାପୁଟ ଜିଲ୍ଲାର ଏଚ୍‌ଏଏଲ୍, ନାଲକୋ କମ୍ପାନୀ ସହ ରାୟଗଡ଼ା ଜିଲ୍ଲାର ଟିକିରିର ଉକ୍ରଳ ଆଲୁମିନା, କଂସାରୀଗୁଡ଼ାର ଆଲୁମିନା ରିଫାଇନାରୀ କମ୍ପାନୀ ଗୁଡ଼ିକ ଉକ୍ତ ୨୬ ନଂ ଜାତୀୟ ରାଜପଥ ଉପରେ ନିର୍ଭରଶୀଳ ଅଟନ୍ତି। ସେହିଭଳି ଛତିଶଗଡ ରାଜ୍ୟର ତିରୋତଗଡ, ଚିତ୍ରକୋଟ ଆଦି ପର୍ଯ୍ୟଟନ ସ୍ଥଳୀ। ଓଡ଼ିଶା ରାଜ୍ୟ କୋରାପୁଟ ଜିଲ୍ଲାର ଗୁଲୁମି, ଗୁପ୍ତେଶ୍ୱର ଶୈବ ପୀଠ, ନନ୍ଦପୁରର ଡୁଡୁମା ଜଳ ପ୍ରପାତ, ସେମିଳିଗୁଡା ସ୍ଥିତ ତାଳାମାଳି, ପଟ୍ଟାଙ୍ଗି ସ୍ଥିତ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳୀ, ଗାଲିଗାବଟର ଜଳପ୍ରପାତ ଆଦି ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକ ରହିଛି। ଉକ୍ତ ଅଞ୍ଚଳର ପର୍ଯ୍ୟଟନ ସ୍ଥଳକୁ ବୁଲିବା ପାଇଁ ହଜାର ହଜାର ପର୍ଯ୍ୟଟକ ଏବଂ ବିଭିନ୍ନ କଳକାରଖାନା ନିମନ୍ତେ ହଜାର ହାଜର ଭାରି ଯାନ ଗସ୍ତ କରୁଛି। ଦିନ ରାତି ପ୍ରତ୍ୟେକ ସମୟରେ ଭାରିଯାନ ଠାରୁ ଆରମ୍ଭ କରି ଛୋଟ ଯାନ ଚଳାଚଳରେ ବ୍ୟସ୍ତ ରହିଥାଏ। କିଛିଦିନ ପୂର୍ବେ କୋରାପୁଟ ଠାରୁ ଡୁମୁରିପୁଟ ପର୍ଯ୍ୟନ୍ତ ନୂତନ ଭାବେ ରାସ୍ତା ନିର୍ମାଣ ଉନ୍ନତ ମାନର ହୋଇଛି। କିନ୍ତୁ ଓଡ଼ିଶା ତଥା କୋରାପୁଟ ଜିଲ୍ଲା କୁନ୍ଦୁଲି ଗ୍ରାମ ଗୁରୁକୁଳ ଆଶ୍ରମ ନିକଟ ଏବଂ ସୀମାନ୍ତ ପଟ୍ଟାଙ୍ଗି ସହର ନିକଟ ପଡ଼ାଲଗୁଡ଼ା ଛକ ନିକଟରେ ହୋଇଥିବା କଲଭର୍ଟ ନିର୍ମାଣ କାର୍ଯ୍ୟ ଶେଷ କରିବା ପରେ ଉକ୍ତ ସ୍ଥାନଟି ଖାଲଖମା ହୋଇ ରହିଛି। ସେହିଭଳି ଯୋଡିମାଦେଲି ଗ୍ରାମ ନିକଟ ଘାଟିର ସ୍ଥାନେ ସ୍ଥାନେ ରାସ୍ତା ମଧ୍ୟରେ ଗାତ ରହିଛି। ସୁଙ୍କି ଗ୍ରାମ ନିକଟ ଏବଂ ଓଡ଼ିଶା ଆନ୍ଧ୍ର ସୀମାନ୍ତର ରାଜପଥ ଗୁଡ଼ିକ ମଧ୍ୟ ବଡ଼ ବଡ଼ ଗାତ ହୋଇ ରହିଛି। ବର୍ତ୍ତମାନ ବର୍ଷା ହେବା ଫଳରେ ଖାଲ ହୋଇ ରହିଥିବା ସ୍ଥାନରେ ପାଣି ଭରି ରହିଛି। ଫଳରେ ଉକ୍ତ ଦିଗ ଦେଇ ଯାଉଥିବା ଗାଡ଼ି ଗୁଡ଼ିକ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକା ସାମଗ୍ରୀ ଧରି ଯାଉଥିବା ଭାରୀଯାନ ଗୁଡ଼ିକ ଉକ୍ତ ଗାତ ପାର କରିବାରେ ଅସୁବିଧା ହେଉଥିବା ବେଳେ କାର ଗୁଡ଼ିକ ଗାତ ଗୁଡିକରେ ଫସିଯାଉଥିବା ଅଭିଯୋଗ ହେଉଛି। ଉକ୍ତ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଉଭୟ ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ ରାଜ୍ୟରେ ରହିଥିବା ୨୬ ନଂ ଜାତୀୟ ରାଜପଥଟି ଉଚ୍ଚ ମାନର ହୋଇଥିବା ବେଳେ କୋରାପୁଟ ଜିଲ୍ଲାରେ କିନ୍ତୁ ନିମ୍ନ ମାନର ହୋଇଥିବା ନେଇ ଅଭିଯୋଗ ହୋଇଛି। ରାସ୍ତା କାର୍ଯ୍ୟଗୁଡ଼ିକ ନିମ୍ନମାନର ହେଉଥିବା ଯୋଗୁଁ କମ ଦିନ ପରେ ରାସ୍ତା ଗୁଡ଼ିକ ଖୋଳି ହୋଇଯାଉଛି। ଉକ୍ତ ରାସ୍ତା କାର୍ଯ୍ୟ ଶେଷ ହେବା ପରେ ମଧ୍ୟ କିଛି ବର୍ଷ ପର୍ଯ୍ୟନ୍ତ ଠିକାଦାର ମାନେ ଏହାର ମରାମତି କରିବାର ଦାୟିତ୍ୱ ରହିଛି। ଉକ୍ତ ଖାଲଖମାରେ କେବଳ ପଥର ଗୁଣ୍ଡ ଭରିକରି ଛାଡ଼ି ଦେଉଛନ୍ତି।

## ବାରମ୍ବାର ନିମ୍ନମାନର କାର୍ଯ୍ୟ, ଅଯଥା ଖର୍ଚ୍ଚ

କିଛି ଦିନ ଗଲାପରେ ତାହାପୁଣି ବାହାରି ପଡୁଛି। କେନ୍ଦ୍ର ତଥା ରାଜ୍ୟ ସରକାର ଜାତୀୟ ରାଜପଥ ଗୁଡ଼ିକ ଉଚ୍ଚ ମାନର ନିର୍ମାଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ଅଧିକାରୀ ମାନେ ରାସ୍ତା ନିର୍ମାଣ ସମୟରେ ଉନ୍ନତ ମାନର ହେଉଛି କି ନାହିଁ ତାହାର ଯାଞ୍ଚ କରୁଛନ୍ତି କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ନିମ୍ନମାନର ରାସ୍ତା କାର୍ଯ୍ୟ ହେଉଥିବା ଯୋଗୁଁ ବାରମ୍ବାର ଉକ୍ତ ରାସ୍ତା ଗୁଡ଼ିକୁ ନିର୍ମାଣ କରାଯାଇ ସରକାରୀ ରାଜକୋଷରୁ ଅଯଥା ଟଙ୍କା ଖର୍ଚ୍ଚ ହେଉଥିବା ଅଭିଯୋଗ ହେଉଛି। ଉକ୍ତ ଅଞ୍ଚଳରେ ଉଚ୍ଚ ମାନର ରାସ୍ତା କାର୍ଯ୍ୟ ସହ ଡ୍ରେନେଜ୍ ବ୍ୟବସ୍ଥା କରିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭୋଟର ତାଲିକା ପ୍ରଦର୍ଶିତ



କଲ୍ୟାଣସିଂହପୁର,୬।୭(ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଭୋଟର ତାଲିକା ପଦର୍ଶିତ କରାଯାଇଛି। (ଏସ୍‌ଆଇଆର) ସ୍ୱତନ୍ତ୍ର ସଘନ ସଂଶୋଧନ ଶେଷ ହେବା ପରେ ୨୦୨୬ ଭୋଟର ତାଲିକା ପ୍ରତ୍ୟେକ ବୁଥରେ ପ୍ରକାଶ ପାଇଛି। ଏଥିରେ ଯଦି କୌଣସି ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ ହୋଇନଥାଏ ସେହି ବ୍ୟକ୍ତି ଜଣଙ୍କ ବ୍ଲକ କାର୍ଯ୍ୟାଳୟରେ ନିଜର ଅଭିଯୋଗ ଆପତ୍ତି ଜଣାଇପାରିବେ। ସୁଶିଲ କୁମାର ମହାପାତ୍ର ଓ ଦୟାନିଧି ବାଗଙ୍କ ୧୪୪ ଓ ୧୪୫ ବୁଥରେ ମଧ୍ୟରେ ତାଲିକା ପଦାର୍ଶନୀ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ନୋଡାଲ ଅଧିକାରୀ ବିଶ୍ୱଜିତ ସିଂହ ଓ ଅନିଲ କୁମାର ଗମାଙ୍ଗ ତଦାରଖ କରିଥିଲେ। ବ୍ଲକର ୬୭ ବୁଥ ମଧ୍ୟରେ ଭୋଟର ତାଲିକା ପ୍ରଦର୍ଶିତ ହୋଇଛି।

### ତେଜିଲା ମଦମୁକ୍ତି ଆନ୍ଦୋଳନ

# ଜିଲ୍ଲାପାଳଙ୍କୁ ଘେରିଲେ ମହିଳା; ସିଲ୍ ହେଲା ବିହାରୀ ମଦଭାଟି





କୁନ୍ଦୁରା,୬।୭ (ସମିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍‌ରେ ଜୋର ଧରିଛି ମଦମୁକ୍ତି ଆନ୍ଦୋଳନ। କୋରାପୁଟ ଜିଲ୍ଲାପାଳଙ୍କୁ ଘେରିଲେ ଶତାଧିକ ମହିଳା। ଫଳରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ କିଛି ସମୟ ହଟହଟା ହେବାକୁ ପଡିଥିଲା। ଆଜି କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଜନ ଶୁଣାଣିରେ ଏଭଳି ପ୍ରତିବାଦ ଦେଖିବାକୁ ମିଳିଛି । ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିହାରୀ ମଦଭାଟି ସିଲ କଲେ ଜୟପୁର ଉପଜିଲ୍ଲାପାଳ ଏବଂ କୋରାପୁଟ ଜିଲ୍ଲା ଅବକାରୀ ଅଧିକ୍ଷକ। କୁନ୍ଦୁରା ଅଞ୍ଚଳରେ ଦୀର୍ଘ ଦିନ ହେଲା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ସଂଗଠନର



ମହିଳା ମାନେ ମଦ ବନ୍ଦ ପାଇଁ କ୍ରମାଗତ ଭାବେ ବ୍ଲକ ପ୍ରଶାସନ, ଉପଜିଲ୍ଲାପାଳ ଏବଂ ଶେଷରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ଆଜି କୁନ୍ଦୁରା ଅଞ୍ଚଳର ଶତାଧିକ ମହିଳା କୋରାପୁଟ ଜିଲ୍ଲାପାଳଙ୍କୁ ଜନ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ। ଆଉ ମଦ ଭାଟି ବନ୍ଦ ପାଇଁ ଜିଦରେ ଅଟଳ ରହିଥିଲେ। ଜନ ଶୁଣାଣି ଶେଷ ହେବା ପରେ ବାହାରକୁ ବାହାରିବା ମାତ୍ରେ ଜିଲ୍ଲାପାଳଙ୍କୁ ଘେରିଥିଲେ ଶତାଧିକ ମହିଳା। ଶେଷରେ ପୋଲିସ ସୁରକ୍ଷା ବଳୟରେ ବ୍ଲକ କାର୍ଯ୍ୟାଳୟରୁ ବାହାରିଲେ ଜିଲ୍ଲାପାଳ । ପ୍ରଶାସନକୁ ନାକେଦମ ହେବାକୁ ପଡିଲା। ମହିଳା ମାନେ ମଦ ବନ୍ଦ ପାଇଁ ଜିଦ୍‌ରେ ଅଟଳ ଥିବାବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକ ଅରୁଣ ପାଢ଼ୀ ମହିଳାଙ୍କ ଉପସ୍ଥିତିରେ ଜିରାଗୁଡା ରାସ୍ତାରେ ଥିବା ବିହାରୀ ମଦ ଭାଟିକୁ ସିଲ କରାଯାଇଛି। ମଦ ଭାଟି ସିଲ ହେବା ପରେ ମହିଳା ସଂଗଠନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏକ ପ୍ରକାର ଖୁସି ଦେଖିବାକୁ ମିଳିଥିଲା ଏବଂ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି ଗ୍ରାମବାସୀ।

## ବର୍ଷାରେ ଭାଙ୍ଗିଲା ଘର; ଚିନ୍ତାରେ ପରିବାର

ବୈପାରିଗୁଡ଼ା,୬।୭ (ସମିସ): ବୈପାରିଗୁଡା ବ୍ଲକରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜଣେ ଗରିବ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ପାଞ୍ଚ ଦିନ ଧରି ଲଗାତାର ବର୍ଷା ହେବାରୁ ଏକ ଟାଇଲ ଛପର ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବେଳେ ପରିବାରଟି ଏବେ ବେସାହାରା ହୋଇପଡ଼ିଛି। କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଜି. ମାଝିଗୁଡା ପଞ୍ଚାୟତର ତଳ ଟିକିରାପଡା ଗ୍ରାମର ତ୍ରିନାଥ ପାଙ୍ଗିଙ୍କ ଘର



ପାଞ୍ଚ ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ଭିଜି ଭିଜି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଆଜି ସକାଳ ପ୍ରାୟ ୯ ଟା ବେଳେ ଘର ଭୁଶୁଡ଼ି ପଡ଼ିବା ପରେ ପରିବାର ସଦସ୍ୟମାନେ ଅଳ୍ପକେ ରକ୍ଷା ପାଇଥିଲେ। ବର୍ତ୍ତମାନ ତ୍ରିନାଥ ପାଙ୍ଗି ନିଜ ପତ୍ନୀ ଏବଂ ତିନି ଜଣ ଛୋଟ ପିଲାଙ୍କୁ ନେଇ ଏକ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଘର ଭାଙ୍ଗିଯିବା ସହିତ ଘରେ ଥିବା ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଓ ଦୈନନ୍ଦିନ ବ୍ୟବହାରର ଅନେକ ସାମଗ୍ରୀ ନଷ୍ଟ ହୋଇଥିବା ସୂଚନା ମିଳିଛି। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏହି ପରିବାର ପାଇଁ ନୂଆ ଘର ନିର୍ମାଣ କରିବା ସମ୍ଭବ ହେଉନଥିବାରୁ ସେମାନେ ସରକାରୀ ସହାୟତାକୁ ଚାହିଁ ବସିଛନ୍ତି। ଜି. ମାଝିଗୁଡା ପଞ୍ଚାୟତର ବିଜେପି ସଭାପତି ମଦନ ଗୌଡ଼ଙ୍କ ସହ ଗ୍ରାମବାସୀମାନେ ପ୍ରଶାସନକୁ ତୁରନ୍ତ କ୍ଷତିର ଆକଳନ କରି ତ୍ରିନାଥ ପାଙ୍ଗିଙ୍କୁ ଜରୁରୀକାଳୀନ ରିଲିଫ୍ ସହାୟତା, ଖାଦ୍ୟ ସାମଗ୍ରୀ ଏବଂ ସରକାରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରିଛନ୍ତି।

**● ଅଟୋରେ ବସି ଗଞ୍ଜେଇ ଟାଣିବାକୁ ବାରଣ**

## ଅଟୋ ମାଲିକ ଓ ତାଙ୍କ ମାଆଙ୍କୁ ଆକ୍ରମଣ

ଜୟପୁର, ୬।୭ (ସମିସ): ଜୟପୁର ସଦରଥାନା ଟାଙ୍ଗୁଆ ଗ୍ରାମପଞ୍ଚାୟତର ଜଗନ୍ନାଥପୁର ଗ୍ରାମରେ ଅଟୋର ବସି ଗଞ୍ଜେଇ ଟାଣିବା ଏବଂ ଅପରିଷ୍କାର କରିବାରୁ ମନା କରିବା କରିବାରୁ ଅଟୋର ମାଲିକ ଏବଂ ତାଙ୍କ ମାଆଙ୍କୁ ଉକ୍ତ ଗ୍ରାମର ତିନି ଯୁବକ ଆକ୍ରମଣ କରିବା ସହିତ ମାଡ ମାରିଥିବା ନେଇ ସଦରଥାନାରେ ଲିଖିତ ଅଭିଯୋଗ ହୋଇଛି। ଗତକାଲି ରାତିରେ ଉକ୍ତ ଗ୍ରାମର ବାସିନ୍ଦା ଏବଂ ଅଟୋ ରିକ୍ସା ମାଲିକ ତଥା ଚାଳକ ସୁରେଶ ହରିଜନ ତାଙ୍କର ଅଟୋକୁ ଘର ସମ୍ମୁଖରେ ରଖିଥିଲେ। ଗତକାଲି ରାତ୍ରୀରେ ଉକ୍ତ ଗ୍ରାମର ଯୁବକ ସିପୁନ ନାଗ, ଅମିର ହରିଜନ ଏବଂ ଅନ୍ୟଜଣେ ଅଚିହ୍ନା ଯୁବକ ବସିବା ସହିତ ଗଞ୍ଜେଇ ପିଇଥିଲେ। ଆଜି ସକାଳେ ଅଟୋ ନେଇ ନିଜ କାର୍ଯ୍ୟରେ ଯିବା ପାଇଁ ବାହାରିବା ବେଳେ ଗଞ୍ଜେଇ ଟାଣିବା ସହିତ ଅଟୋ ଭିତରେ ଅପରିଷ୍କାର କରିଥିବାରୁ ନେଇ ଅଟୋ ମାଲିକ ସୁରେଶ ସେମାନଙ୍କୁ ଅଟୋରେ ବସିବାକୁ ମନା କରିବାରୁ ୩ ଯୁବକ ଆକ୍ରମଣ କରିବା ସହିତ ମାଡ ମାରିଥିଲେ। ପୁଅକୁ ମାଡ ମାରୁଥିବା ଦେଖି ଅଟୋ ମାଲିକ ସୁରେଶଙ୍କ ମାଆ ବାସନ୍ତି ହରିଜନ ଆସିଯିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳି ଏବଂ ମାଡମାରିଥିବା ନେଇ ଅଭିଯୋଗକାରିଣୀ ବାସନ୍ତି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିନେଇ ସଦରଥାନାରେ ଏକ ମାମଲା ରୁଜୁ କରାଯିବା ସହିତ ତଦନ୍ତ ଆରମ୍ଭ କରାଯାଇଛି ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ନାବାଳକଙ୍କ ଜମିକୁ ଜାଲିଆତି କରି ବିକ୍ରି ଅଭିଯୋଗ

## ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ପରିବାର

ରାୟଗଡ,୬।୭ (ସମିସ): ରାୟଗଡ ଜିଲ୍ଲା ସଦର ତହସିଲ ଅନ୍ତର୍ଗତ ଜଣେ ୧୪ ବର୍ଷୀୟ ନାବାଳକଙ୍କ ନାମରେ ଥିବା ଜମିକୁ କଥିତ ଭାବେ ଜାଲିଆତି କରି ବିକ୍ରି କରାଯାଇଥିବା ଅଭିଯୋଗ ନେଇ ପୀଡ଼ିତ ପରିବାର ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ଦାବିପତ୍ର ପ୍ରଦାନ କରି ନିରପେକ୍ଷ ତଦନ୍ତ ସହ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗୁରୁମଗୁଡ଼ା ଗ୍ରାମର ୧୪ ବର୍ଷୀୟ ନିଳମଣି ହୁଇକାଙ୍କ ନାମରେ ଚେକାଗୁଡ଼ା ମୌଜାର ଖାତା ନଂ୨/୧୫୨, ପ୍ଲଟ୍ ନଂ୨୨ରେ ପ୍ରାୟ ୦.୩୨୭ ଏକର ଆମ୍ବତୋଟା ଜମି ରହିଛି। ନାବାଳକଙ୍କ ପିତାଙ୍କ ମୃତ୍ୟୁ ପରେ ପରିବାର ଜୀବିକା ନିର୍ବାହ ପାଇଁ ୨୦୨୦ ମସିହାରୁ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟରେ ରହୁଥିବା ସୁଯୋଗ ନେଇ ସେମାନଙ୍କ ଅଜାଣତରେ



ଉକ୍ତ ଜମି ବିକ୍ରି କରାଯାଇଥିବା ଦାବି କରାଯାଇଛି। ପରିବାରର କହିବା ଅନୁସାରେ, ୨୦୨୨ ମସିହା ଅକ୍ଟୋବର ୨୪ ତାରିଖରେ ତହସିଲ କାର୍ଯ୍ୟାଳୟରୁ ଅନୁମତି ନିଆଯାଇଥିବା ଦର୍ଶାଇ ଜମିକୁ ବିକ୍ରି କରାଯାଇଥିଲା। ପରେ ଏହି ଜମିକୁ ଖଣ୍ଡ ଖଣ୍ଡ କରି ମଦନ ବିଡ଼ିକା, ମାଇନାମଣି ହଂସଦା, ଗଙ୍ଗାଧର ପୁଆଲା, ରାମାରାଓ କୁଲସିକା, ଅଶ୍ୱିନୀ ଜାକକା, ଗୋପୀ ମାଝୀ, ତେଜସ୍ୱିନୀ ଜାକକା, ଅନିତା ବେକ, ପାଲକଣ୍ଡା ମିନାକ୍ଷୀ ଦୋରା ପ୍ରମୁଖଙ୍କ ନାମରେ ପଟ୍ଟା କରାଯାଇଥିବା ଅଭିଯୋଗ କରାଯାଇଛି। କେତେକ ବ୍ୟକ୍ତି ଏକାଧିକ ପ୍ଲଟ୍ ନିଜ ନାମରେ ରଖିଥିବା ନେଇ ମଧ୍ୟ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୀଡ଼ିତ ପରିବାର ଦାବି କରିଛନ୍ତି ଯେ, ଏହି ଘଟଣା ନେଇ ପୂର୍ବରୁ ରାୟଗଡ ଥାନା, ଜିଲ୍ଲାପାଳ, ଉପଜିଲ୍ଲାପାଳ (ଏସିପି) ଏବଂ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଦୃଶ୍ୟମାନ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଦାବିପତ୍ରରେ ତହସିଲଦାର, ନିବନ୍ଧକ ଅଧିକାରୀ, ରାଜସ୍ୱ ନିରୀକ୍ଷକଙ୍କ ସମେତ କେତେକ ସରକାରୀ ଅଧିକାରୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ଅଭିଯୋଗ ମଧ୍ୟ କରାଯାଇଛି। ପୀଡ଼ିତ ପରିବାର ସମଗ୍ର ଘଟଣାର ନିରପେକ୍ଷ ଓ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ନାବାଳକଙ୍କ ଜମି ଫେରସ୍ତ ଓ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ସହ ପରିବାରର ସୁରକ୍ଷା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ବୈପାରୀଗୁଡ଼ା,୬।୭ (ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମହୁଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ତଥା ଜନ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ନିବେଦିତା ଦଣ୍ଡସେନା ଉପସ୍ଥିତ ରହି ମୋଟ ୧୭ଟି ସମସ୍ୟାକୁ ନେଇ ଅଭିଯୋଗ ଶୁଣିଥିଲେ। ଏଥିରେ ବ୍ୟକ୍ତିଗତ ଦୁଇଟି ଅଭିଯୋଗ ଥିବାବେଳେ ସାମୂହିକ ଅଭିଯୋଗ ୫ଟି ଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ସରପଞ୍ଚ ସଦା ଯାନୀ, ପଞ୍ଚାୟତ ପିଇଓ ରାଜଲକ୍ଷ୍ମୀ ସିଂ, ଏଡିଇଓ, ଯୋଗାଣ ସହାୟକ ଉପସ୍ଥିତ ଥିଲେ। କୃଷି ବିଭଗ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ବିଭାଗ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଆଲୋକପାତ କରାଯାଇଥିଲା।

## ସାର ପାଇଁ ଚାଷୀଙ୍କ ଭିଡ଼

ଜୟପୁର, ୬।୭ (ସମିସ): ଆଗାମୀ ଖରିଫ ଧାନ ଚାଷ ପାଇଁ ଚାଷୀ ମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଚାଷୀ ମାନେ ସାର କ୍ରୟ ନେଇ ଲ୍ୟାମ୍ପ୍‌ସ, ଆଞ୍ଚଳିକ ସମବାୟ ବଜାର କମିଟି, ଅନ୍ୟାନ୍ୟ ସ୍ୱୀକୃତପ୍ରାପ୍ତ ଦୋକାନରେ ଭିଡ଼ କରୁଛନ୍ତି। ଚାଷ ପାଇଁ ଜମି କସା ଏବଂ ବିହନ ତଳି ପକା ଜମିରେ ଆରମ୍ଭ ହୋଇଛି। ଆସନ୍ତା ୧୦ରୁ ୧୫ ଦିନ ମଧ୍ୟରେ ବିହନରୁ ଧାନ ଗଛ ସାମାନ୍ତ ୮ରୁ ୧୦ଇଞ୍ଚ ପର୍ଯ୍ୟନ୍ତ ବୃଦ୍ଧି ହେଲେ ଧାନ ଗଛ ଗୁଡିକକୁ ଜମିରେ ଧାଡି ରୁଆ କାର୍ଯ୍ୟ ଆରମ୍ଭ ହୋଇଯିବ। ତେଣୁ ସାର ଗୁଡିକ ସେତେବେଳେ ଅଭାବ ହେବା ଆଶଙ୍କା ନେଇ ଚାଷୀ ମାନେ ଧାନ ଚାଷ ପାଇଁ ଆବଶ୍ୟକ ବିଭିନ୍ନ ସାର ଗୁଡିକ କ୍ରୟ ଆରମ୍ଭ କରିଦେଇଛନ୍ତି। କୃଷି ବିଭାଗ ପକ୍ଷରୁ ସାରର କଳାବଜାରୀ



ହେବା ଆଶଙ୍କା ନେଇ ଯାଞ୍ଚ ସହିତ ବିଭିନ୍ନ ପଦକ୍ଷପ ଗ୍ରହଣ ଆରମ୍ଭ କରିଛନ୍ତି। ଏହିପରି ମକା ଓ ନୀଳଗିରି ଚାଷ ପାଇଁ କିଛି ଦଲାଲ ଧାନ ଚାଷ ନାମରେ ମୁଖ୍ୟତଃ ୟୁରିଆ ସାର ନେଇ ଏହାକୁ କଳାବଜାରୀ କରିବା ସହିତ ବସ୍ତା ପିଛା ୪୦୦ରୁ ୫୦୦ ଟଙ୍କାରେ ବିକ୍ରି କରୁଥିଲେ। ଗତ ବର୍ଷ କେବଳ ଆଧାର କାର୍ଡ ମାଧ୍ୟମରେ ସରକାରୀ ସବ୍‌ସିଡ ସାର ବିକ୍ରି କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ପ୍ରଶାସନର ନିର୍ଦ୍ଦେଶକ୍ରମେ କୃଷି ଓ ସମବାୟ ବିଭାଗ ପକ୍ଷରୁ ଚାଷୀ ସାର କ୍ରୟ ପାଇଁ ଆଧାର କାର୍ଡ ସମେତ ଜମି ପଟ୍ଟାର ଜେରକ୍ସ ଦେବାକୁ ବାଧ୍ୟତା କରାଯାଇଛି। ଫଳରେ ଚାଷୀ ମାନଙ୍କ ଏକର ପିଛା ଧାନ ଚାଷ ପାଇଁ ଗୋଟିଏ ବସ୍ତା ୟୁରିଆ ସହିତ ପଟାସ, ନାଇଟ୍ରୋଜେନ, ନାନୋ ପ୍ରଦାନ କରାଯାଉଛି। ୟୁରିଆର ଦର ୪୫ କିଲୋ ପିଛା ୨୭୦ଟଙ୍କା, ନାଇଟ୍ରୋଜେନ ୫୦ କିଲୋ ବସ୍ତା ପିଛି ୧୮୫୦ ଟଙ୍କା, ପଟାସ ୫୦ କିଲୋ ପିଛା ୧୯୭୫ ଟଙ୍କା ଏବଂ ନାନୋ ଡିଏପ ସାର ୬୦୦ ଟଙ୍କା ଏବଂ ନାନୋ ଅମ୍ଳାଜାନ ୪୫୦ ଟଙ୍କା ଚାଷୀଙ୍କୁ ବିକ୍ରି କରାଯାଉଛି। ଏହିପରି କୃଷି ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ଓ ନଜର ଜାରି ରହିଥିବା ନେଇ କୃଷି ବିଭାଗର ସରକାରୀ କୃଷି ଅଧିକାରୀ କାହ୍ନୁ ଚରଣ ଦାସ ପ୍ରକାଶ କରିଛନ୍ତି।

**● ଖୁଣ୍ଟ ଅଛି, ବିଦ୍ୟୁତ୍ ନାହିଁ**

## ଅନ୍ଧାରରେ ରୋସେଇପଦରର ୧୨ ଆଦିବାସୀ ପରିବାର

କୋରାପୁଟ/ପୋଡ଼ାଗଡ଼,୬।୭ (ସମିସ): ବିକାଶର ବିଭିନ୍ନ ଯୋଜନା ଓ ପ୍ରତ୍ୟେକ ଘରକୁ ବିଦ୍ୟୁତ ଭଳି ସରକାରୀ ଘୋଷଣା ସତ୍ତ୍ୱେ କୋରାପୁଟ ଜିଲ୍ଲାର ଏକ ଆଦିବାସୀ ଗ୍ରାମ ଆଜି ମଧ୍ୟ ଅନ୍ଧାରରେ ଜୀବନ ବିତାଉଛି। ଦଶମନ୍ତପୁର ବ୍ଲକ ସୀମାନ୍ତ ବରିଗୁମା ବ୍ଲକ ଅନ୍ତର୍ଗତ ହରିଡାପୁଟ ପଞ୍ଚାୟତର ରୋସେଇପଦର ଗ୍ରାମରେ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ମିଳିନାହିଁ। ଏହି ଗ୍ରାମରେ ପ୍ରାୟ ୧୨ଟି ଆଦିବାସୀ ପରିବାର ବସବାସ କରୁଛନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କ ଘରେ ଏପର୍ଯ୍ୟନ୍ତ ବିଦ୍ୟୁତ ଆଲୋକ ପହଞ୍ଚିପାରିନାହିଁ। ସନ୍ଧ୍ୟା ହେଲେ ଗ୍ରାମବାସୀ କିରୋସିନ ଦୀପ, ଆଗରେ ବ୍ୟବାହର କରୁଥିଲେ। କିନ୍ତୁ ଏବେ କିରୋସିନ ମିଳୁ ନଥିବାରୁ ଟର୍ଚ୍ଚ ଲାଇଟ୍ କିମ୍ବା ଅନ୍ୟ ନିକଟ ଗ୍ରାମରେ ମୋବାଇଲ ଚାର୍ଜ କରି ମୋବାଇଲର ଆଲୋକ ଉପରେ ନିର୍ଭର କରି ଜୀବନଯାପନ କରୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, କିଛି ବର୍ଷ ପୂର୍ବରୁ ବିଦ୍ୟୁତ ବିଭାଗ ପକ୍ଷରୁ ଗ୍ରାମରେ ଖୁଣ୍ଟ ସ୍ଥାପନ କରାଯାଇଥିଲା। ଏହା ପରେ ଶୀଘ୍ର ବିଦ୍ୟୁତ ସଂଯୋଗ ମିଳିବ ବୋଲି ଆଶା କରିଥିଲେ। କିନ୍ତୁ ସମୟ ଗଡ଼ିଚାଲିଥିଲେ ମଧ୍ୟ ତାର ଟଣାଯାଇନାହିଁ ଓ କୌଣସି ଘରକୁ ବିଦ୍ୟୁତ ସଂଯୋଗ ଦିଆଯାଇନାହିଁ। ଫଳରେ ବିଦ୍ୟୁତ ଖୁଣ୍ଟ ଥିଲେ ମଧ୍ୟ ସେଗୁଡ଼ିକ କେବଳ ଦର୍ଶନୀୟ ବସ୍ତୁ ହୋଇ ରହିଯାଇଛି। ବିଦ୍ୟୁତ ଅଭାବରୁ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ଛାତ୍ରଛାତ୍ରୀ। ସନ୍ଧ୍ୟା ପରେ ଠିକ୍ ଭାବରେ ପାଠ ପଢ଼ିବା ସମ୍ଭବ ହେଉନାହିଁ। ମୋବାଇଲ ଚାର୍ଜ କରିବା ପାଇଁ ଦୂର ଗ୍ରାମକୁ ଯିବାକୁ ପଡୁଛି। ଗ୍ରୀଷ୍ମ ଋତୁରେ ପଙ୍ଖାର ସୁବିଧା ନାହିଁ। ବର୍ଷାଦିନେ ସାପ ଓ ବିଷାକ୍ତ ଜନ୍ତୁଙ୍କ ଭୟ ମଧ୍ୟରେ ଅନ୍ଧାରରେ ଜୀବନ କାଟୁଛନ୍ତି ଲୋକେ। ଗ୍ରାମବାସୀ ବହୁବାର ସ୍ଥାନୀୟ ପ୍ରଶାସନ ଓ ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି। ସେମାନଙ୍କ ଦାବି, ଯେହେତୁ ଖୁଣ୍ଟ ସ୍ଥାପନ ହୋଇସାରିଛି, ତେଣୁ ଯଥାଶୀଘ୍ର ବିଦ୍ୟୁତ ତାର ଟଣାଯାଇ ପ୍ରତ୍ୟେକ ଘରକୁ ସଂଯୋଗ ପ୍ରଦାନ କରାଯାଉ। ଏ ନେଇ ବିହିତ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

## ଡ୍ରିମ୍ ଇଣ୍ଡିଆ ବିଦ୍ୟାଳୟ ପକ୍ଷରୁ ଚାରାରୋପଣ

ନନ୍ଦାହାଣ୍ଡି,୬।୭ (ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ସିନ୍ଦିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କଂସାରୀଗୁଡ଼ା ଗ୍ରାମରେ ଡ୍ରିମ୍ ଇଣ୍ଡିଆ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ମ୍ୟୁନିସିପାଲିଟିର ଅଧ୍ୟକ୍ଷ କୁନୁ ନାୟକ, ନବରଙ୍ଗପୁର ବନାଞ୍ଚଳ ଅଧିକାରୀ ଗୋପୀନାଥ ସାହୁ, ଡ୍ରିମ୍ ଇଣ୍ଡିଆର




ପ୍ରିନ୍ସିପାଲ ଅଞ୍ଜନ କୁମାର ସ୍ୱାଇଁ, ସମ୍ପାଦକ ପଙ୍କଜ ସିପା, ଏଡିଏମଓ ମଳୟ କୁମାର ପ୍ରଧାନ ଏବଂ ଏସିଏଫ୍ ଦିବ୍ୟ ମାଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଗଠନର ବାର୍ତ୍ତା ଦେଇ ଚାରାରୋପଣର ଗୁରୁତ୍ୱ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଡ୍ରିମ୍ ଇଣ୍ଡିଆ ପରିସରରେ ମୋଟ ୫୦୦ଟି ଚାରା ରୋପଣ କରାଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦା ଓ ସ୍କୁଲର କର୍ମଚାରୀ ଏହି ମହତ କାର୍ଯ୍ୟରେ ସାମିଲ ହୋଇ ପରିବେଶ ସୁରକ୍ଷା ପାଇଁ ସହଯୋଗ କରିଥିଲେ।

## କୋଟପାଡ଼ରେ ଶ୍ରାବଣ ଛତୁ କିଲୋ ୨,୦୦୦ ଟଙ୍କା

କୋଟପାଡ଼,୬।୭ (ସମିସ): କୋଟପାଡ଼ ଅଞ୍ଚଳର ଦୈନିକ ବଜାରରେ ପନିପରିବା ଦର ବହୁ ମାତ୍ରାରେ ବଢିଛି। ବିଗତ ଦିନରେ ବଡା ଛତୁ ମଧ୍ୟ ଚଢ଼ା ଦରରେ ବିକ୍ରି ହୋଇଥିଲା। ଆଜି ଚଳିତ ବର୍ଷରେ ପ୍ରଥମ ଶ୍ରାବଣ ଛତୁ ବଜାରରେ ମିଳିଥିବା ନଜରକୁ ଆସିଛି। କିନ୍ତୁ ଛତୁର ଦାମ ଆକାଶ ଛୁଆଁ। ଶ୍ରାବଣ ଛତୁ କିଲୋ ପ୍ରତି ୧୫୦୦ ଟଙ୍କାରୁ ୨ ହଜାର ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଧନୀକ ଶ୍ରେଣୀର ଲୋକେ ଚଢ଼ାଦାମରେ ଶ୍ରାବଣ ଛତୁ କିଣି ନେଉଛନ୍ତି। କିନ୍ତୁ ଗରିବ ଖାଉଟି କିଣିବା ବହୁତ କଷ୍ଟ ହେଉଛି। ଏହାକୁ ନେଇ ଗରିବ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ତେବେ ବର୍ଷା ବଢିବା ସାଙ୍ଗକୁ ଆଗକୁ ଅଧିକ ଛତୁ ଆସିଲେ ଦର ହ୍ରାସ ପାଇବ ବୋଲି ମତ ପ୍ରକାଶ ପାଉଛି।



## ସୀମାନ୍ତ ଜଙ୍ଗଲ ସୁରକ୍ଷା ଉପରେ ଡିଏଫ୍‌ଓଙ୍କ ଗୁରୁତ୍ୱ



ମାଲକାନଗିରି, ୭।୬ (ସମିସ): ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଓ ଆନ୍ଧ୍ରପ୍ରଦେଶ ସୀମାବର୍ତ୍ତୀ ଅଞ୍ଚଳରେ ଡିଏଫ୍‌ଓ ସାଇ କିରଣ ଡି.ଏନ୍ ଆଜି ତଦାରଖ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ସ୍ଥାନରେ କରାଯାଇଥିବା ଚାରାରୋପଣ କାର୍ଯ୍ୟର ସମୀକ୍ଷା କରିବା ସହ ସ୍ଥାନୀୟ ବନ ଅଧିକାରୀମାନଙ୍କ ସହ ଆନ୍ଧ୍ର ସୀମାକୁ ଲାଗି ରହିଥିବା ଜଙ୍ଗଲ ଅଞ୍ଚଳ ପରିଦର୍ଶନ କରିଥିଲେ। ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଜଙ୍ଗଲ ସୁରକ୍ଷା ଉପରେ ବିଶେଷ ନଜର ରଖିବାକୁ ଡିଏଫ୍‌ଓ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି କାଠ ତସ୍କର ଓ ଜଙ୍ଗଲ ମାଫିଆଙ୍କ କାର୍ଯ୍ୟକଳାପ ରୋକିବା ପାଇଁ ନିୟମିତ ପାଟ୍ରୋଲିଂ ଜୋରଦାର କରିବା ସହ ଜଙ୍ଗଲ ଅଞ୍ଚଳରେ ସତର୍କତା ବଢ଼ାଇବାକୁ ସ୍ଥାନୀୟ ବନ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଜଙ୍ଗଲ ସମ୍ପଦର ସୁରକ୍ଷା ସହ ଅବୈଧ କାଠ ଚାଲାଣକୁ ରୋକିବାରେ ସହାୟକ ହେବ ବୋଲି ସେ କହିଥିଲେ।

# ୪ ଗାଁକୁ ସ୍ଥାୟୀ ବିଦ୍ୟୁତ୍ ଯୋଗାଣ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ରାୟଗଡ,୬।୭ (ସମିସ): ଡିଜିଟାଲ ଯୁଗରେ ମଧ୍ୟ ରାୟଗଡ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବଡ଼ ଇରକୁବାଡ଼ି ଗ୍ରାମ ପଞ୍ଚାୟତର ସୁଦୁଗୁରୁ ଗ୍ରାମ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଛି। ପ୍ରାୟ ୬୦ ପରିବାର ବସବାସ କରୁଥିବା ମଧ୍ୟ ବିପଦପୂର୍ଣ୍ଣ ହୋଇପଡୁଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସୁଦୁଗୁରୁ ଗାଁ ନିକଟସ୍ଥ କପାଡାଙ୍ଗୁ, କାଞ୍ଚାମୁହିଁ ଓ ବାଇଗଣପାଇ ଗ୍ରାମକୁ ପଡ଼ୋଶୀ କୋରାପୁଟ ଜିଲ୍ଲାର ବିଦ୍ୟୁତ୍ ଉପକେନ୍ଦ୍ରରୁ ବିଦ୍ୟୁତ୍ ଯୋଗାଣ କରାଯାଉଛି।

### ପଡ଼ୋଶୀ ଜିଲ୍ଲାରୁ ମିଳୁଛି ଅନିୟମିତ ବିଦ୍ୟୁତ୍

ଏହି ଦୁର୍ଗମ ଗ୍ରାମକୁ ଦଶନ୍ଧି ଦଶନ୍ଧି ଧରି ବିଦ୍ୟୁତ୍ ସଂଯୋଗ ମିଳିନଥିବାରୁ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛି। ବିଦ୍ୟୁତ୍ ନଥିବାରୁ ଗ୍ରାମର ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାହତ ହେଉଥିବା ବେଳେ ମୋବାଇଲ ଚାର୍ଜ କରିପାରୁନଥିବାରୁ ଜରୁରୀ ପରିସ୍ଥିତିରେ ମଧ୍ୟ ଯୋଗାଯୋଗ କରିବା କଷ୍ଟସାଧ ହୋଇପଡ଼ିଛି। ବିଶେଷକରି ବର୍ଷା ଋତୁରେ ସନ୍ଧ୍ୟା ହେଲେ ସମ୍ପୂର୍ଣ୍ଣ ଗାଁ ଅନ୍ଧାରରେ ବୁଡ଼ି ରହୁଥିବାରୁ ଲୋକମାନଙ୍କ ଘରୁ ବାହାରିବା କିନ୍ତୁ ସେଠାରେ ମଧ୍ୟ ସପ୍ତାହକୁ ମାତ୍ର ଦୁଇଦିନ ବିଦ୍ୟୁତ୍ ମିଳୁଥିବା ବେଳେ ଅବଶିଷ୍ଟ ପାଞ୍ଚଦିନ ଏହି ତିନୋଟି ଗାଁର ଲୋକମାନେ ମଧ୍ୟ ଅନ୍ଧାରରେ ରହୁଛନ୍ତି। ଫଳରେ ସୁଦୁଗୁରୁ ସମେତ ମୋଟ ଚାରିଟି ଗାଁ ସନ୍ଧ୍ୟା ହେଲେ ଅନ୍ଧାର ନଗରୀରେ ପରିଣତ ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବଡ଼ ଇରକୁବାଡ଼ି ଗ୍ରାମ ପଞ୍ଚାୟତରୁ ସୁଦୁଗୁରୁ ଗାଁ ପର୍ଯ୍ୟନ୍ତ ନୂତନ ବିଦ୍ୟୁତ୍ ଲାଇନ୍ ସ୍ଥାପନ କରି ବିଦ୍ୟୁତ୍ ଯୋଗାଣ କରିବାକୁ ଦାବି କରି ସରପଞ୍ଚ କାମେଶ୍ୱର ତାଡିଙ୍ଗି, ସମିତି



ସଭ୍ୟ ଦୟାନିଧି କଣ୍ଡାଗରୀଙ୍କ ସମେତ ଗ୍ରାମବାସୀ ଗଙ୍ଗା ତାଡିଙ୍ଗି, ମାଲି ପୁଲାକା, ଅର୍ଜୁ ପିଡ଼ିକା, ଲାଚିୟା ତାଡିଙ୍ଗି, ଦାଲାନା ପିଡ଼ିକା, ବାରିକା ତାଡିଙ୍ଗି, ସତ୍ୟମ କଣ୍ଡାଗରୀ ପ୍ରମୁଖ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀମାନେ ଶୀଘ୍ର ସେମାନଙ୍କ ଦାବି ପୂରଣ କରି ସୁଦୁଗୁରୁ ସମେତ ଆଖପାଖର ଗ୍ରାମଗୁଡ଼ିକୁ ନିୟମିତ ଓ ସ୍ଥାୟୀ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରିବାକୁ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

# ବିସ୍ଫୋରକ ସାମଗ୍ରୀ ଚୋରା କାରବାର ବେଳେ ମାଡ଼ି ବସିଲା ପୁଲିସ, ୩ ଗିରଫ

ଖୋର୍ଦ୍ଧା,୬।୭(ସମିସ): ଖୋର୍ଦ୍ଧାରେ ଦୀର୍ଘ ବର୍ଷ ବ୍ୟବଧାନ ପରେ ପୁଣି ଆଉଥରେ ହୋଇଛି ପାହାଡ ବିସ୍ଫୋରଣ ପାଇଁ ଯୋଜନା। ସମସ୍ତ ପାହାଡ, କ୍ରସର ବନ୍ଦ ଥିବା ବେଳେ ବେଆଇନ ଭାବେ ଜିଲାଟିନ୍ ଏବଂ ଡିଟନେଟର ଆଣି ମୁଣ୍ଡିଆ ଫଟାଇବାକୁ ମସୁଧା ଚାଲୁଥିଲା। ସଦର ଥାନା ପୁଲିସ ବିଶ୍ୱସ୍ତ

- ୬.୮୦ ଲକ୍ଷ ଟଙ୍କା ସହ ଜିଲାଟିନ ଷ୍ଟିକ୍ ଓ ଡିଟୋନେଟର ଜବତ
- ପୁଣି ପାହାଡ ବିସ୍ଫୋରଣ ପାଇଁ ହେଉଥିଲା ଡିଲ୍

ସୂତ୍ରରୁ ଖବର ପାଇ ଏକ ବଡ଼ ଧରଣର ଚଢ଼ଉ କରି ବେଆଇନ ବିସ୍ଫୋରକ ସାମଗ୍ରୀ କାରବାରରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ପଳାଶପିଠିଆ ଗ୍ରାମର ବିଶ୍ୱନାଥ କହଁର ଓରଫ୍ ବିଶୁ, ଗଞ୍ଜାମ ଜିଲ୍ଲା ଜକରାର ଫିଟୁ ପ୍ରଧାନ (୩୩) ଏବଂ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଗରନିଆଳ ର ରବିନାରାୟଣ ଖରେଇ ଓରଫ୍ ରବି (୩୪)। ଚଢ଼ଉ ସମୟରେ ସେମାନଙ୍କ ନିକଟରୁ ୧୦୦ଟି ଡିଟୋନେଟର, ୨୦୦ଟି ଜିଲାଟିନ ଷ୍ଟିକ୍, ନଗଦ ୬ ଲକ୍ଷ ୮୦ ହଜାର ଟଙ୍କା, ୩ଟି ସ୍ମାର୍ଟ ଫୋନ୍, ୨ଟି ମୋଟରସାଇକେଲ ଏବଂ ଗୋଟିଏ ଅଶୋକ ଲେଲାଣ୍ଡ ଗାଡ଼ି ଜବତ କରାଯାଇଛି ବୋଲି ଆଜି ସନ୍ଧ୍ୟାରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ପରମାର ସ୍ମିଥ୍ ପରଷୋତ୍ତମ ଦାସ କହିଛନ୍ତି।



ଏସ୍‌ପିଙ୍କ କହିବା ଅନୁସାରେ, ସଦର ଥାନା ଅନ୍ତର୍ଗତ ଡାପଙ୍ଗ ସବୁଜ କୃତ୍ରିମ ହ୍ରଦ ନିକଟ ପାହାଡ ଅଞ୍ଚଳରେ କିଛି ବ୍ୟକ୍ତି ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ କାରବାର କରୁଥିବା ନେଇ ଗୁପ୍ତ ସୂଚନା ମିଳିଥିଲା। ସେମାନଙ୍କୁ ଧରିବା ଲାଗି ପରମାର ସ୍ମିଥ ପରଷୋତ୍ତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ.ଡି.ପି.ଓ ପଙ୍କଜ କୁମାର ମାଝୀ ଓ ସଦର ଥାନା ଆଇ.ଆଇ.ସି ବାସୁଦେବ ଜୟସିଂହଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏ.ଏସ.ଆଇ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଗୁପ୍ତ ସୂଚନା ଆଧାରରେ ଗତ ରବିବାର ସନ୍ଧ୍ୟା ପ୍ରାୟ ୭.୧୫ଟାରେ ଏହି ଚଢ଼ଉ କରିଥିଲେ। ଚଢ଼ଉ ବେଳେ ବିଶୁ ଠାରୁ ଗୋଟିଏ ମୋଟରସାଇକେଲ୍ ଓ ଗୋଟିଏ ମୋବାଇଲ, ଫିଟୁ ନିକଟରୁ ନଗଦ ୬ ଲକ୍ଷ ୮୦ ହଜାର ଟଙ୍କା, ଗୋଟିଏ ମୋବାଇଲ୍ ଓ ଅଶୋକ ଲେଲାଣ୍ଡ ଗାଡ଼ି, ଏବଂ ରବି ନିକଟରୁ ଗୋଟିଏ ମୋବାଇଲ୍ ଓ ଏକ ମୋଟରସାଇକେଲ୍ ଜବତ କରିଥିଲା ପୁଲିସ। ଢେଙ୍କାନାଳ ଅଞ୍ଚଳରୁ ଏହି ବିସ୍ଫୋରକ ସାମଗ୍ରୀ ସବୁ ଅଣାଯାଇ ଏଠାରେ ବିଭିନ୍ନ ପାହାଡ ବିସ୍ଫୋରଣ ପାଇଁ ଯୋଗାଇ ଦେବାକୁ ବଡ ଧରଣର ଡିଲ୍ ଚାଲୁଥିଲା ବୋଲି ପ୍ରାଥମିକ ପଚରାଉଚରା ବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଥିବା ଏସ୍‌ପି କହିଥିଲେ। ଅଧିକ ଲାଭ ଆଶାରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ବିକ୍ରି ପାଇଁ ଯୋଜନା କରିଥିବା ସ୍ୱୀକାର କରିଥିବା ପୁଲିସ କହିଛି। ଏହି ଘଟଣାରେ ଖୋର୍ଦ୍ଧା ସଦର ଥାନା କେସ୍ ନଂ-୩୦୯/୨୬ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା ଧାରା ୨୮୮/୬୧(୨) ଏବଂ ବିସ୍ଫୋରକ ପଦାର୍ଥ ଆଇନ, ୧୯୦୮ ର ଧାରା ୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏତେ ପରିମାଣର ଡେଟୋନେଟର ଓ ଜେଲାଟିନ ଷ୍ଟିକ୍ କେଉଁଠାରୁ ଆସିଥିଲା, କାହାକୁ ବିକ୍ରି କରିବା ପାଇଁ ଚୁକ୍ତି ହୋଇଥିଲା, ଏବଂ ଏହି କାରବାର ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ଦିଗରେ ପୁଲିସ ତଦନ୍ତ ଚଳାଇଛି। ସେହିପରି ଏତେ ପରିମାଣ ର ଟଙ୍କା ଜବତ ହେବା ପରେ ବେଆଇନ ବିସ୍ଫୋରକ ସାମଗ୍ରୀ କାରବାର ପାଇଁ ଅର୍ଥ ଯୋଗାଉଥିବା କିଙ୍ଗ ପିନ କିଏ ସେ ସମ୍ପର୍କରେ ପୁଲିସ ତଦନ୍ତ କରି ମୁଖ୍ୟ ଆସାମୀକୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏହି ବେଆଇନ ବିସ୍ଫୋରଣ ପରେ କେବଳ ପାହାଡ ନୁହେଁ, ଆଖପାଖରେ ଥିବା ଅନେକ କୋଠାଘର ମଧ୍ୟ ଫାଟି କ୍ଷତିଗ୍ରସ୍ତ ହୁଏ। ପୁଲିସ ଏହି ଘଟଣାର ତଦନ୍ତ କରି ଖୁବ୍ ଶୀଘ୍ର ରାକେଟକୁ ଧରିବାରେ ସଫଳ ହେବ ବୋଲି ଏସ୍‌ପି ଶ୍ରୀ ଦାସ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାମଲାର ତଦନ୍ତ ଉପନିରୀକ୍ଷକ ସୁଜାତା ପଲେଇ କରୁଛନ୍ତି।

### ବୈତରଣୀରେ ବନ୍ୟା ସ୍ଥିତି

# ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ



ଭୁବନେଶ୍ୱର,୬।୭(ସମିସ): ବୈତରଣୀ ନଦୀ ଅବବାହିକାରେ ଲଗାଣ ବର୍ଷାଜନିତ ଉଚ୍ଚ ଜଳସ୍ତର ଏବଂ ସେ ପ୍ରକାରରୁ ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ରାଜୀବ ଭବନଠାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବୈତରଣୀ ନଦୀର ବର୍ତ୍ତମାନ ଜଳସ୍ତର, ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତି, ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ଓ ଜନସଂଖ୍ୟା, ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି, ଉଦ୍ଧାର ଓ ସ୍ଥାନାନ୍ତରଣ ବ୍ୟବସ୍ଥା, ଆଶ୍ରୟସ୍ଥଳ ପରିଚାଳନା, ରିଲିଫ ସାମଗ୍ରୀର ମହଜୁଦ ଏବଂ ଉଦ୍ଧାରକାରୀ ଦଳର ନିୟୋଜନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା।

**ଚାଷଜମିର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**

ସମୀକ୍ଷା ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଓଡ଼ିଶାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ରହିଛି। କୌଣସି ପ୍ରକାର ବିପଦ ନିମନ୍ତେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। କୌଣସି ଜଣେ ଲୋକଙ୍କୁ ମଧ୍ୟ ସ୍ଥାନାନ୍ତରଣ କିମ୍ବା ସହାୟତା ଆବଶ୍ୟକ ଥିଲେ ତାହାଙ୍କୁ ଗୁରୁତ୍ୱ ସହିତ ଦୃଷ୍ଟିରେ ରଖି ସହଯୋଗ ଯୋଗାଇ ଦେବାକୁ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଲଗାଣ ବର୍ଷା ପ୍ରଭାବରେ କିଛି ଅଞ୍ଚଳରେ ଚାଷଜମି କ୍ଷତିଗ୍ରସ୍ତ ହେବାର ସୂଚନା ମିଳିଛି ବୋଲି ମନ୍ତ୍ରୀ କହିଥିବା ବେଳେ ଜିଲ୍ଲାପ୍ରଶାସନକୁ ତାହାର ସର୍ଭେ ଏବଂ କ୍ଷତି ଆକଳନ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କ୍ଷୟକ୍ଷତିର ୨୪ ଘଣ୍ଟା ପୂରଣ ହେବା ପୂର୍ବରୁ ହିଁ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଭଦ୍ରକ ସହରରେ ବୁଲିଲା ବୁଲଡୋଜର

# ମାଟିରେ ମିଶିଲା ୫୦ରୁ ଅଧିକ କୋଠା ଓ ଅସ୍ଥାୟୀ ଘର

ଭଦ୍ରକ,୬।୭(ସମିସ): ଭଦ୍ରକ ସହରରେ ପୁଣି ବୁଲିଲା ବୁଲଡୋଜର। ସହରାଞ୍ଚଳର ୭ ନମ୍ବର ୱାର୍ଡ ଅଧୀନ ମାଠସାହି ହନୁମାନ ମନ୍ଦିର ନିକଟରେ ଦୀର୍ଘ ବର୍ଷ ହେବ ସରକାରୀ ଜମିରେ ରହିଥିବା କୋଠାଘର, ଅସ୍‌ବେଷ୍ଟସ ଘର ଓ ଦୋକାନ ଘର ସହ ଅସ୍ଥାୟୀ ଘରଗୁଡ଼ିକୁ ସୋମବାର ପ୍ରଶାସନ ଓ ପୁଲିସ ମିଳିତଭାବେ ଜେସିବି ଲଗାଇ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି।



ସୂଚନାଯୋଗ୍ୟ, ଭଦ୍ରକ ସହର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ମଠସାହି ମୌଜାର ଖାତା ନମ୍ବର-୯୧୭ରେ ୧୬୨୨ ପ୍ଲଟରେ ଥିବା ପ୍ରାୟ ୧ଏକର ପତିତ କିସମ ସରକାରୀ ଜମିରେ ଦୀର୍ଘ ବର୍ଷ ହେବ ଜବରଦଖଲ କରି ୫୦ରୁ ଅଧିକ ବ୍ୟକ୍ତି କୋଠାଘର, ଦୋକାନ ଘର ଓ ଅସ୍ଥାୟୀ ଘର କରି ରହୁଥିଲେ। ତେବେ ଜବରଦଖଲ ଯୋଗୁଁ ବିଭିନ୍ନ ସମସ୍ୟା ଉପୁଜିବା ସହ ସମ୍ପୃକ୍ତ ଅଞ୍ଚଳରେ ଡ୍ରଗ୍ସ କାରବାରଠାରୁ ଆରମ୍ଭ କରି ବିଭିନ୍ନ ଅନୈତିକ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଥିଲା। ପରେ ପ୍ରଶାସନ ପକ୍ଷରୁ ଏହାର ଉଚ୍ଛେଦ ଲାଗି ପୂର୍ବରୁ ଘୋଷଣା କରାଯାଇଥିଲା। ଏହି ଉଚ୍ଛେଦ ବେଳେ ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଆଡିସନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା, ବିକାଶ ଦାସ, ଡିଏସ୍‌ପି ଅନିରୁଦ୍ଧ ମୁଦୁଲି, ଟାଉନ ଥାନା ଆଇଆଇସି ପ୍ରଣୟ ଶେଖର ମିଶ୍ର, ଇନ୍ସପେକ୍ଟର ଦୟାନିଧି ଦାସ, ଭଦ୍ରକ ସଦର ଆଇଆଇ ଭଦ୍ରକ ସୌମ୍ୟ ସାମନ୍ତ, ଚରମ୍ପା ଆଇଆଇ ମନୋରମା ଧଳ, ଦେକା ଆଇଆଇ ମଧୁସ୍ମିତା ସାହୁ, ସାତଭାଇଆ ଆଇଆଇ ଗୌତମ ମଲ୍ଲିକ ଓ ସର୍ଭେୟର ସୁବାସ ପଲେଇ ପ୍ରମୁଖ ପୁଲିସ ଅଧିକାରୀ ତଥା ଫୋର୍ସ ସହ ପୌର କର୍ମଚାରୀମାନେ ସାମିଲ୍ ଥିଲେ।

## ଶିଶୁ ବାଟିକାରେ ନିଯୁକ୍ତ ହେବେ ୭,୨୩୪ ଶିକ୍ଷକ

ଭୁବନେଶ୍ୱର, ୬/୭ (ସମିସ) : ରାଜ୍ୟର ପ୍ରାୟ ୪୫ ହଜାର ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲିଛି। ଏସବୁ ଶ୍ରେଣୀରେ ଶିଶୁଙ୍କ ଯତ୍ନ ନେବା ପାଇଁ ପୂର୍ବରୁ ଶିଶୁ ସେବିକା ନିଯୁକ୍ତ ହୋଇଥିବା ବେଳେ ଏବେ ସେମାନଙ୍କୁ ଶିକ୍ଷାଦାନ ପାଇଁ ୭ହଜାର ୨୩୪ଜଣ ଶିକ୍ଷକ ନିଯୁକ୍ତି ହେବେ। ଏହାକୁ ଅର୍ଥ ବିଭାଗ ପକ୍ଷ୍ୟରୁ ଅନୁମୋଦନ ମିଳିଥିବା ବେଳେ ଖୁବ୍ ଶୀଘ୍ର ନିଯୁକ୍ତି ନେଇ ଆଶା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ମୋଟ ୭ ହଜାର ୨୩୪ଟି ଶିକ୍ଷକ ପଦ ପାଇଁ ଅର୍ଥ ବିଭାଗ ପକ୍ଷରୁ ଅନୁମୋଦନ ଦିଆଯାଇଥିବା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ପ୍ରତି ଶିକ୍ଷକଙ୍କୁ ମାସିକ ୨୬ ହଜାର ୨୦୦ ଟଙ୍କା ଲେଖାଏଁ ପାରିଶ୍ରମିକ ଦିଆଯିବ। ଏଥିପାଇଁ ସମଗ୍ର ଶିକ୍ଷା ପାଣ୍ଠିରୁ ବାର୍ଷିକ ୨୨୭ କୋଟି ୪୩ ଲକ୍ଷ ୬୯ ହଜାର ୬୦୦ ଟଙ୍କା ଖର୍ଚ୍ଚ ହେବ। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଶିଶୁମାନଙ୍କ ବୌଦ୍ଧିକ ବିକାଶ ସହିତ ସେମାନଙ୍କ ପାଠପଢ଼ାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ପ୍ରାରମ୍ଭିକ ଶିଶୁ ଯତ୍ନ ଓ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଏହି ନୂତନ ପଦ ସୃଷ୍ଟି କରିଛନ୍ତି। ଖୁବଶୀଘ୍ର ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି ମଧ୍ୟ ଆଶା ପ୍ରକାଶ ପାଇଛି

# ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ; ପ୍ରଧାନଶିକ୍ଷକ ଥାନାରେ ଅଟକ

ବାରିକପୁର,୬।୭(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ ଶୁକଦେବ ଜେନା ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ନାମରେ ଗୁରୁତର ଅଭିଯୋଗ ଆସିଛି। ପ୍ରଧାନଶିକ୍ଷକ ଭଗବାନ ପ୍ରଧାନ ଜନୈକ ଶିକ୍ଷୟିତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ସହିତ ବିଭିନ୍ନ ସମୟରେ ଅସଦାଚରଣ କରୁଥିଲେ। ପ୍ରଧାନଶିକ୍ଷକ ଯୌନ ଶୋଷଣ ଭଳି ବ୍ୟବହାର ପ୍ରଦର୍ଶନ କରୁଥିବାରୁ ଶିକ୍ଷୟିତ୍ରୀ ଜଣକ ବାରମ୍ବାର ଏହାକୁ ପ୍ରତିରୋଧ କରିଥିଲେ। ଏହାସତ୍ତ୍ୱେ ପ୍ରଧାନଶିକ୍ଷକ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣୁ ନ ଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ଜଣକ ଅତିଷ୍ଠ ହୋଇ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ସମେତ ସ୍ଥାନୀୟ ଥାନାରେ ଗତ ୩୦ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୫ଦିନ ପରେ ପୁଲିସ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଖବର ପାଇ ସ୍ଥାନୀୟ ୨୦୦ରୁ ଅଧିକ ମହିଳା ସ୍କୁଲ ପ୍ରାଙ୍ଗଣରେ ପହଞ୍ଚିଥିଲେ। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ମହିଳାମାନେ ବିଭିନ୍ନ ନାରାବାଜି ଦେଇଥିଲେ। ପରିସ୍ଥିତିକୁ ଆୟତ କରିବା ପାଇଁ ପୁଲିସ ନାକେଦମ୍ ହୋଇଥିଲା। କିଛି ସମୟ ପରେ ପୁଲିସ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି। ଏନେଇ ପୁଲିସ ଉପଖଣ୍ଡ ଅଧିକାରୀଙ୍କ ମତାମତ ନେବାରୁ ଅଭିଯୋଗକୁ ନେଇ ସମ୍ପୃକ୍ତ ଶିକ୍ଷକ ଏବେ ପୁଲିସ ହେପାଜତରେ ଥିବାବେଳେ ଏନେଇ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଅଭିଭାବକଙ୍କ ସମେତ ପଞ୍ଚାୟତବାସୀ ତୀବ୍ର ବିରୋଧ କରୁଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀଲଙ୍କା ଜେଲ୍‌ରେ...

ଘଟଣାର କାରଣ ଓ ପରିସ୍ଥିତିର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ପ୍ରାରମ୍ଭିକ ତଦନ୍ତ ହୋଇଥିବା ବେଳେ, ଆଜି ପରିସ୍ଥିତି ସ୍ୱାଭାବିକ ରହିଛି।ଏହି ଘଟଣା ପରେ ଶ୍ରୀଲଙ୍କାର କାରାଗାରଗୁଡ଼ିକର ଅତ୍ୟଧିକ ଭିଡ଼, ସୁରକ୍ଷା ବ୍ୟବସ୍ଥାର ଦୁର୍ବଳତା ଏବଂ କାରାଗାର ଭିତରେ ବେଆଇନ ମାଦକ ଚକ୍ରର ପ୍ରଭାବ ପୁଣିଥରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଆବେଦନ ଖାରଜ...

ଡିଭିଜନ ହାଇକୋର୍ଟ ସଞ୍ଜୟ ଭଣ୍ଡାରୀ ମାମଲାର ଉଦାହରଣ ଦେଇ ନୀରବ ମୋଦୀ କରିଥିବା ପୁନଃ ଶୁଣାଣି ଆବେଦନକୁ ଖାରଜ କରିଦେଇଥିଲେ। ଭାରତ ଗଲେ ତାଙ୍କୁ ନିର୍ଯାତନା ଦିଆଯିବ ବୋଲି ନୀରବ ଯୁକ୍ତି ବାଢ଼ିଥିଲେ, କିନ୍ତୁ ସିବିଆଇ ଅଧିକାରୀମାନେ କୋର୍ଟରେ ଏହି ଦାବିକୁ ଭୁଲ୍ ପ୍ରମାଣିତ କରିଥିଲେ। ବର୍ତ୍ତମାନ ସମସ୍ତ ଆଇନଗତ ବାଧା ଦୂର ହୋଇଥିବାରୁ ବ୍ରିଟେନ କର୍ତ୍ତୃପକ୍ଷ ତାଙ୍କୁ ଭାରତ ସରକାରଙ୍କୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି ଏବଂ ଯେକୌଣସି ସମୟରେ ତାଙ୍କୁ ଭାରତ ଅଣାଯାଇପାରେ ବୋଲି କୁହାଯାଉଛି।

### ହଟିଲେ ଚମ୍ପତ...

ଏବେ ଏଫ୍‌ଆଇଆର ହୋଇପାରେ ବୋଲି କୁହାଯାଉଛି। ଟ୍ରଷ୍ଟ ସେମାନଙ୍କ ଉପରେ ଏତେ କ୍ଷୁବ୍ଧ ଯେ ଆଜିର ବୈଠକକୁ ଆସିବା ଲାଗି ସେମାନଙ୍କୁ ଅନୁମତି ଦିଆଯାଇ ନଥିଲା।

ବୈଠକ ପରେ ଟ୍ରଷ୍ଟର କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦ ଦେବ ଗିରି ସାମ୍ବାଦିକମାନଙ୍କୁ କହିଲେ ଯେ ଚାନ୍ଦା ଚୋରି କୋଟି କୋଟି ରାମଭକ୍ତଙ୍କୁ ଆଘାତ ଦେଇଛି। ଏହି ଘଟଣା ଟ୍ରଷ୍ଟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ଏହାର ସମ୍ମାନ କ୍ଷୁଣ୍ଣ ହୋଇଛି। ତେଣୁ ଏଥିରେ ଯେଉଁଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। କାହାକୁ ଛଡ଼ାଯିବ ନାହିଁ। ଏସଂପର୍କରେ ଗଠିତ ଏସ୍‌ଆଇଟିକୁ ଟ୍ରଷ୍ଟ ସବୁପ୍ରକାର ସହାୟତା ଓ ସହଯୋଗ ଦେବ। ଆସନ୍ତା ୨୨ ତାରିଖରେ ଟ୍ରଷ୍ଟର ଆଉ ଏକ ବୈଠକ ବସିବ ଏବଂ ଏଥିରେ ଏସଆଇଟିର ଚୂଡ଼ାନ୍ତ ରିପୋର୍ଟର ସମୀକ୍ଷା କରାଯିବ। ସେ ଆହୁରି କହିଲେ ଯେ ଭକ୍ତମାନେ ଦାନ କରିଥିବା ସମସ୍ତ ୨୮୦୦ ମୁଲ୍ୟବାନ ଉପହାର ସୁରକ୍ଷିତ ରହିଛି। ସେଥିମଧ୍ୟରୁ କିଛି ଉପହାର ସାମଗ୍ରୀକୁ ସାମ୍ବାଦିକମାନଙ୍କ ପାଇଁ ପ୍ରଦର୍ଶିତ ରାଯାଇଥିଲା। ଏଥିରେ ସୁନାର ରାମଚରିତ ମାନସ ଓ କିଛି ସୁନା ହାର ମଧ୍ୟ ରହିଛି।

### ବଢୁଛି ଏସ୍‌ଆଇଆର୍...

କରୁନାହାନ୍ତି। ଏହାର ବଦଳରେ ସେମାନେ ବିଭିନ୍ନ କମ୍ୟୁନିଟି ହଲ୍, ଧର୍ମାନୁଷ୍ଠାନ ଏବଂ ନିଜ ବାସଭବନରେ ବସି ଭୋଟର ଫର୍ମ ପୂରଣ କରୁଛନ୍ତି। ଏଥିପାଇଁ ବିଭିନ୍ନ ହ୍ୱାଟସ୍‌ଆପ୍ ଗ୍ରୁପ୍ ମଧ୍ୟ ଖୋଲାଯାଇଛି। ଅନୁପ୍ରବେଶକାରୀଙ୍କ ନାମ ଭୋଟର ତାଲିକାରେ ସାମିଲ କରିବାକୁ କଂଗ୍ରେସ ପକ୍ଷରୁ ଶିବିରମାନ ଆୟୋଜନ କରୁଥିବା ବିରୋଧୀ ଦଳ ଦାବି କରିଛନ୍ତି। ଅପରପକ୍ଷରେ, ଉପମୁଖ୍ୟମନ୍ତ୍ରୀ ଡିକେ. ଶିବକୁମାର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ସରକାର ଏହି ନିର୍ବାଚନ ପ୍ରକ୍ରିୟାରେ କୌଣସି ହସ୍ତକ୍ଷେପ କରୁନାହାନ୍ତି। ସରକାରୀ ସ୍ତରରେ ଭୋଟର ସଚେତନତା ବ୍ୟାପକ କରାଯାଉଥିବାରୁ ବିରୋଧୀ ଦଳ ଭୟଭୀତ ହୋଇପଡ଼ିଛନ୍ତି।

### ଓଡ଼ିଶାରେ ନିର୍ବାଚନମଣ୍ଡଳୀ...

ମୟୂରଭଞ୍ଜରେ ୧୧୧୨୬୭, ଯାଜପୁରରେ ୧୦୫୦୧୪, ବଲାଙ୍ଗୀରରେ ୯୯୨୫୮, ବାଲେଶ୍ୱରରେ ୯୩୬୪୯, ପୁରୀରେ ୮୫୧୬୨, ସୁନ୍ଦରଗଡ଼ରେ ୮୪୬୯୨, ବରଗଡ଼ରେ ୭୪୪୦୫ ଜଣ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। କଳାହାଣ୍ଡିରେ ୭୪୫୪୬ ଜଣଙ୍କ ନାମ ବାଦ ଦିଆଯାଇଥିବା ବେଳେ ଭଦ୍ରକରେ ୬୮୩୩୭, ଖୋର୍ଦ୍ଧାରେ ୬୬୬୬୯, ଜଗତସିଂହପୁରରେ ୬୪୯୫୬, କେନ୍ଦୁଝରରେ ୬୪୪୦୯, କୋରାପୁଟରେ ୬୨୨୯୦, କେନ୍ଦ୍ରାପଡାରେ ୬୦୨୪୦, ଢେଙ୍କାନାଳରେ ୫୮୫୫୪, ନୟାଗଡରେ ୫୬୭୦୫, ସମ୍ବଲପୁରରେ ୫୬୮୦୧, ରାୟଗଡାରେ ୪୫୪୯୩, ନବରଙ୍ଗପୁରରେ ୪୫୭୫୭, ଅନୁଗୋଳରେ ୪୪୮୮୨, କନ୍ଧମାଳରେ ୩୮୯୯୯ ଓ ଗଜପତିରେ ୩୧୩୫୬ ଜଣଙ୍କର ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି।

ଭୋଟର ତାଲିକାରେ ନାମ ବାଦ୍ ଯିବାକୁ ନେଇ ଅନେକ ଲୋକଙ୍କ ମନରେ ଛନକା ପଶିଛି। ବିଭିନ୍ନ ଜିଲ୍ଲାରେ ଏ ନେଇ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଢେଙ୍କାନାଳରେ ଜଣେ ଭୋଟର କହିଛନ୍ତି ଯେ ମୋର ଦୁଇଜଣ ପିଲା ତଥା ସ୍ତ୍ରୀଙ୍କର ଚିଠା ଭୋଟର ତାଲିକାରେ ନାମ ଆସିଛି। ମାତ୍ର ମୋର ନାମ ନାହିଁ। ସେହିପରି ଅନ୍ୟଜଣେ ବ୍ୟକ୍ତିବିଶେଷ କହିଛନ୍ତି ଯେ ୧୯୭୪ ମସିହାରୁ ମୁଁ ଭୋଟ୍ ଦେଇ ଆସୁଛି। ମୋତେ ଆବାସ ଯୋଜନାରେ ଘର ସହ ଭତ୍ତା ମଧ୍ୟ ମିଳିଛି। ଏହାସତ୍ତ୍ୱେ ଭୋଟର ତାଲିକାରୁ ନାମ କଟିଛି। ଅପରପକ୍ଷେ କୌଣସି କାରଣରୁ ଯୋଗ୍ୟ ଭୋଟରଙ୍କ ନାମ କଟିଥିଲେ ଆପତ୍ତି, ଅଭିଯୋଗ କରାଗଲେ ସେମାନଙ୍କ ନାମ ପୁନର୍ବାର ନାମ ଭୋଟର ତାଲିକାରେ ସଂଯୋଗ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ କୁହାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ୩୦ ଜିଲ୍ଲାରେ ୩୧ ଜିଲ୍ଲା ନିର୍ବାଚନ ଅଧିକାରୀ, ୧୪୭ ଜଣ ଇଆରଓ, ୯୯୪ ଜଣ ଏଇଆରଓ, ୪୫୪୦ ଜଣ ବିଏଲଓ ସୁପରଭାଇଜର ଏବଂ ୪୫୨୫୦ ଜଣ ବିଏଲଓ ନିୟୋଜିତ ହୋଇଥିଲେ। ୧୯ ତାରିଖ ସୁଦ୍ଧା ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ପାଇଁ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିଥିଲେ। ଏପରିକି ପରିଗଣନା ଫର୍ମ ହାସଲ ପାଇଁ ବିଏଲଓମାନେ ଅତି କମରେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଘରକୁ ୩ ଥର ଯାଇଛନ୍ତି। ଏହାସତ୍ତ୍ୱେ ରାଜ୍ୟରେ ୨୦ ଲକ୍ଷ ୧୨ ହଜାରରୁ ଅଧିକ ପରିଗଣନା ଫର୍ମ ଫେରିନାହିଁ ବୋଲି ସେ କହିଛନ୍ତି।

### କେବଳ ଅଧିକୃତ...

ବୋଲି କୁହାଗଲା। ତେଣୁ ଏ ବର୍ଷ ଯେପରି କର୍ଡନ ପାସ୍ ମନଇଚ୍ଛା ବଣ୍ଟା ନ ଯାଏ ତା' ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରଥଯାତ୍ରା କର୍ଡନ ପାସ୍ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଅନୁସାରେ ଗୋଟିଏ ବି ଅଧିକ କର୍ଡନ ପାସ୍ ଇସ୍ୟୁ ନ କରିବାକୁ କହିଛନ୍ତି। କେବଳ ଶ୍ରୀମନ୍ଦିର ନୀତିକାନ୍ତି ସହ ଜଡ଼ିତ ସେବକ ଓ କର୍ମଚାରୀଙ୍କ ବ୍ୟତୀତ ଆଉ କାହାକୁ ପାସ୍ ଦିଆଯିବ ନାହିଁ। ରଥଯାତ୍ରାର ସୁପରିଚାଳନା ପାଇଁ ସୋମବାର ଆୟୋଜିତ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ବେନିୟମ ଭାବେ କର୍ଡନ ଅଞ୍ଚଳକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ଶାଳୀନତାର ସହ ବୁଝାଇ ବାରଣ କରିବାକୁ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ରଥଯାତ୍ରା ପାଇଁ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ସମର୍ପଣ ଓ ସମନ୍ୱୟର ମନ୍ତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସମର୍ପଣ ଭାବ ନେଇ ସବୁ ବିଭାଗକୁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ହେଉଛନ୍ତି ଆମ ସମସ୍ତଙ୍କ ହୃଦୟର ଠାକୁର। ରଥଯାତ୍ରା କେବଳ ପୁରୀ ନୁହେଁ, ସାରା ଓଡ଼ିଶା ତଥା ସମଗ୍ର ଦେଶ ଓ ବିଶ୍ୱର ଜଗନ୍ନାଥ ଭକ୍ତଙ୍କ ପାଇଁ ସବୁଠାରୁ ପବିତ୍ର ଦିନ। ଏହି ପର୍ବ ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଏକ ସୁରକ୍ଷିତ ରଥଯାତ୍ରା କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ। ସମସ୍ତ ଅଧିକାରୀ ନିଜ ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହିତ ମହାପ୍ରଭୁଙ୍କ ଆଦେଶ ମନେ କରି ସେବା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସୁରକ୍ଷା ଓ ଭିଡ଼ ପରିଚାଳନା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଗମନାଗମନ, ଟ୍ରାଫିକ୍ ନିୟନ୍ତ୍ରଣ ଆଦି ସମସ୍ତ ବ୍ୟବସ୍ଥା ହୋଇଛି। ଗତ ଦୁଇ ବର୍ଷରେ ଯେଉଁ ଅଭିଜ୍ଞତା ମିଳିଛି ସେସବୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ କାର୍ଯ୍ୟର ଉପଯୁକ୍ତ ମନିଟରିଙ୍ଗ୍ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମହାପ୍ରଭୁଙ୍କ ସେବକମାନେ ସମୟାନୁବର୍ତ୍ତିତାର ସହ ସମସ୍ତ ନୀତିକାନ୍ତି ସମ୍ପନ୍ନ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଥିଲେ। ସଚେତନତା ପାଇଁ ବିଭିନ୍ନ ଗଣମାଧ୍ୟମ, ଡାକବାଜି ଯନ୍ତ୍ର ଓ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ନୀତିକାନ୍ତି, ଅନ୍ୟାନ୍ୟ ସେବା, ଟ୍ରାଫିକ୍ ଚଳାଚଳର ସଦ୍ୟତମ ସ୍ଥିତି ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ଏଫ୍‌ଏମ୍ ରେଡିଓ, ସାମାଜିକ ଗଣମାଧ୍ୟମ, ବିଭାଗୀୟ ୱେବ୍‌ସାଇଟ୍ ତଥା ଟେଲିଭିଜନ ମାଧ୍ୟମରେ ପ୍ରଦାନ କରାଗଲେ ଅନେକ ସମସ୍ୟାକୁ ଏଡ଼ାଇ ହେବ ବୋଲି ସେ କହିଥିଲେ। ଗୁଜବ ସୃଷ୍ଟିକାରୀଙ୍କ ଉପରେ କଡ଼ା ନଜର ରଖି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାପ୍ରଭୁ ହେଉଛନ୍ତି ଭାବର ଠାକୁର। ସେହି ଭାବର ସମ୍ପର୍କକୁ ସମ୍ମାନ ଦେଇ ସମସ୍ତେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କଲେ ରଥଯାତ୍ରା ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ। ସେ କହିଥିଲେ ଯେ, ସମସ୍ତ ଭକ୍ତ ଯେପରି ଏକ ସୁଖଦ ଆଧ୍ୟାତ୍ମିକ ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ, ସେଥିରେ ଆମ ସମସ୍ତଙ୍କର ସଫଳତା ଓ ଆମ ସମସ୍ତଙ୍କର ପୁଣ୍ୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ 'ରୂପରେଖ-ରଥଯାତ୍ରା ୨୦୨୬' ପୁସ୍ତିକାର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀଗଣ, ସାଂସଦ ଓ ବିଧାୟକଗଣ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସାମଗ୍ରିକ ପ୍ରସ୍ତୁତିର ବିବରଣୀ ପ୍ରଦାନ କରିଥିଲେ ଏବଂ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ସୁରକ୍ଷା ସମ୍ପର୍କିତ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ ସହ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ଅଧିକାରୀ ବୃନ୍ଦ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ମଠାଧୀଶ, ସେବାୟତ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

### ପାଣ୍ଡିଆନଙ୍କ ସହଯୋଗ...

ଓଡ଼ିଶାର ସମ୍ମାନ ପୁଣିଥରେ ଆନ୍ତର୍ଜାତୀୟ ମଞ୍ଚରେ ବୃଦ୍ଧି କରିଛି। ଭେନେଜୁଏଲା କାମଚଳା ରାଷ୍ଟ୍ରପତି ଡେଲସି ରୋଡ୍ରିଗୁଏଜଙ୍କ ଆଗ୍ରହ ଓ ନିମନ୍ତ୍ରଣ କ୍ରମେ ନବୀନଙ୍କ ସହଯୋଗୀ ତଥା ତତ୍କାଳୀନ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଭେନେଜୁଏଲା ଗସ୍ତ କରିଛନ୍ତି। ସେଠାରେ ସେ ଭୂକମ୍ପ ପୀଡ଼ିତଙ୍କ ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ଭେନଜୁଏଲା ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି।

ଭୟାବହ ଭୂମିକମ୍ପରେ ଭେନଜୁଆଲା ଏକପ୍ରକାର ଧ୍ୱସ୍ତ ବିଧ୍ୱସ୍ତ ହୋଇଛ। ୩୦୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି ଓ ୫୦ ହଜାରରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି। ଏବେ ବି ଧ୍ୱସ୍ତସ୍ତୁପ ତଳୁ ଲୋକମାନଙ୍କୁ ଉଦ୍ଧାର କରାଯାଉଛି। ଏହି କ୍ରମରେ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ଓଡ଼ିଶାର ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରିବା ନିମନ୍ତେ ଭେନଜୁଆଲା ଆଗ୍ରହ ପ୍ରକାଶ କରିଛି। ୧୯୯୯ ମହାବାତ୍ୟାରୁ ଶିକ୍ଷା ନେଇ ନବୀନଙ୍କ ନେତୃତ୍ୱରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ କ୍ଷେତ୍ରରେ ଏକ ସର୍ବଶ୍ରେଷ୍ଠ ମଡେଲ ପ୍ରସ୍ତୁତ କରି ପାରିଥିଲା। ନବୀନଙ୍କ ମାର୍ଗଦର୍ଶନରେ ୫-ଟି ସଚିବ ଭି. କାର୍ତ୍ତିକ ପାଣ୍ଡିଆନଙ୍କ ନେତୃତ୍ୱରେ ଓଡ଼ିଶା ବିପର୍ଯ୍ୟୟ ମୁକାବିଲାରେ ଅକଳ୍ପନୀୟ ସଫଳତା ପାଇଥିଲେ। ବିପର୍ଯ୍ୟୟ ସମୟରେ ଓଡ଼ିଶା ସରକାରଙ୍କ ତ୍ୱରିତ ପଦକ୍ଷେପ ଏବଂ 'ଶୂନ୍ୟ ଜୀବନ ହାନି' ନୀତିକୁ ସାରା ବିଶ୍ୱ ଗ୍ରହଣ କରିଛି। ବିଶେଷକରି ଫାଇଲିନଠାରୁ ଆରମ୍ଭ କରି ଫନି, ହୁଡ୍‌ହୁଡ, ଅମ୍ଫାନ, ଗୁଲାବ, ୟସ୍ ପରି ବାତ୍ୟା ସମୟରେ ତତ୍କାଳୀନ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ମୁକାବିଲାରେ ପାରଦର୍ଶିତାକୁ ଦେଶ, ବିଦେଶରେ ଉଚ୍ଚ ପ୍ରଶଂସା ମିଳିଥିଲା। ଅତି ଭୟଙ୍କର ରେଳ ଦୁର୍ଘଟଣା ସମୟରେ ସରକାରଙ୍କ ତ୍ୱରିତ ପଦକ୍ଷେପ ଅନେକ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲଶ। ତେଣୁ ବିପର୍ଯ୍ୟୟ ମୁକାବିଲାର ପ୍ରସ୍ତୁତି ଓ ବିପର୍ଯ୍ୟୟ ପରେ ଏହାର ପରିଚାଳନାର ଅନୁଭବ ଓ ଅଭିଜ୍ଞତାକୁ ଶ୍ରୀ ପାଣ୍ଡିଆନ ଭେନଜୁଆଲାର ରାଷ୍ଟ୍ରପତି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହାପୂର୍ବରୁ ଶ୍ରୀ ପାଣ୍ଡିଆନ ଭୂକମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପୀଡ଼ିତ ଏବଂ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଦଳ ସହିତ ଆଲୋଚନା କରିଥିଲେ। ଏଭଳି ଏକ ଆହ୍ୱାନପୂର୍ଣ୍ଣ ସମୟରେ ସେଠାରେ ସେବା ଯୋଗାଇ ଦେଉଥିବା ଭାରତୀୟ ସେନାର ଅତୁଳନୀୟ କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହିତ ଦିନରାତି ଏକ କରି ଲୋକଙ୍କ ଜୀବନ ବଞ୍ଚାଉଥିବା ଡାକ୍ତରୀ ଦଳ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ତ୍ୟାଗକୁ ମଧ୍ୟ ସେ ପ୍ରଶଂସା ଜଣାଇଛନ୍ତି।

ଶ୍ରୀ ପାଣ୍ଡିଆନ ତାଙ୍କ ସାମାଜିକ ଗଣମାଧ୍ୟମରେ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଭେନେଜୁଏଲାର ଭୂକମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ ସହ ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିବିଶେଷଙ୍କ ଭେଟିଥିବା ସେ କହିଛନ୍ତି। ଏହି ଭୟଙ୍କର ଆହ୍ୱାନପୂର୍ଣ୍ଣ ସମୟରେ ଲୋକଙ୍କ ସହ ଛିଡ଼ା ହୋଇଥିବାରୁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆନ୍ତରିକତାର ସହ ପ୍ରଶଂସା ସହ ପ୍ରଭାବିତ ଲୋକଙ୍କ ପାଇଁ ସେବା ଯୋଗାଇ ଦେଉଥିବା ଭାରତୀୟ ସେନା ଏବଂ ମେଡିକାଲ ଟିମକୁ ମଧ୍ୟ ସେ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଭେନଜୁଆଲା ପରି ଦେଶ ବିପର୍ଯ୍ୟୟ ପରିଚାଳନାର ଜ୍ଞାନ ସଂଗ୍ରହ ନିମନ୍ତେ ପାଣ୍ଡିଆନଙ୍କ ଅଭିଜ୍ଞତାକୁ ବ୍ୟବହାର କରିବା ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି। ସଫଳତା, ନିଷ୍ଠାପର ଉଦ୍ୟମ ତଥା ଅଧ୍ୟବସାୟ କେବେ ନିରର୍ଥକ ଯାଏ ନାହିଁ ବୋଲି ଅନେକ ମତ ପ୍ରକାଶ କରିଛନ୍ତି।

### ବୈତରଣୀରେ ଛୋଟ...

ସ୍ୱାଭାବିକ ବର୍ଷା ୨୬୫.୮ମିମି ତୁଳନାରେ ୨୨ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ଏହି ବର୍ଷା ଯୋଗୁଁ ଏବେ ରାଜ୍ୟର ବିଭିନ୍ନ ନଦୀ ମଧ୍ୟ ଫୁଲିଛି। ବିଶେଷ କରି ବୈତରଣୀ ସମେତ ମହାନଦୀରେ ଜଳସ୍ତର ବୃଦ୍ଧି ହୋଇଛି। ଏମିତି କି ବୈତରଣୀରେ ଏକ ଛୋଟ ଧରଣର ବନ୍ୟା ଆସିବା ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ସେ କହିଛନ୍ତି ଯେ ବୈତରଣୀ ଜଳସ୍ତର ବଢୁଥିବାରୁ ଛୋଟ ବନ୍ୟା ଆଶଙ୍କା ରହିଛି। ଏଥିରେ ଯାଜପୁର ଜିଲ୍ଲାର ତଳିଆ ଅଞ୍ଚଳ ପ୍ରଭାବିତ ହୋଇପାରେ। ସେହିପରି ଆଖୁଆପଦାରେ ଅପରାହ୍ନ ୪ ଟା ସୁଦ୍ଧା ଜଳସ୍ତର ବିପଦ ସଙ୍କେତ ଟପିବାର ଆଶଙ୍କା ରହିଛି। ଏଥିପାଇଁ ବିଭିନ୍ନ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ରହିବାକୁ କୁହାଯାଇଛି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି ସରକାର କହିଥିବା ବେଳେ ଭଦ୍ରକର ମଧ୍ୟ କିଛି ତଳିଆ ଅଞ୍ଚଳର ପ୍ରଭାବିତ ହେବା ଆଶଙ୍କା ରହିଛି।

### ଟୋକନ ଅଛି...

କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ସେଥିମଧ୍ୟରୁ ଶୁକ୍ରବାର ସୁଦ୍ଧା ୫୯ ହଜାର ୨୬୫ ଚାଷୀଙ୍କ ୩୮ଲକ୍ଷ ୭୧ହଜାର ୨୧୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଜିଲ୍ଲାର ୪୬ହଜାର ୧୯୯ ଚାଷୀଙ୍କୁ ୨୯ ଲକ୍ଷ ୮୪ ହଜାର ୩୫୭ କୁଇଣ୍ଟାଲ ଧାନ ପାଇଁ ୬୮୯ କୋଟି ୮୨ ଲକ୍ଷ ୨୭ ହଜାର ୭୦୯ ପ୍ରାପ୍ୟ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ କ୍ରୟ ହୋଇଥିବା ସମୁଦାୟ ଧାନରୁ ଆଉ ୮ଲକ୍ଷ ୮୬ହଜାର ୮୫୩ ଧାନ ବିକ୍ରି ପ୍ରାପ୍ୟ ଚାଷୀଙ୍କୁ କେବେ ମିଳିବ? ଆଇ ସ୍କାନ କରି ଧାନ କ୍ରୟ କାର୍ଯ୍ୟକୁ ତରବରିଆ ହୋଇ ସାରିଦେଲେ। ଚାଷୀ ଟଙ୍କା ପାଇଁ ଅପେକ୍ଷା କରିଛି ଘରେ ସେପଟେ ଖୋଲା ଆକାଶ ତଳେ ଧାନ ପଡ଼ିଛି ମଣ୍ଡିରେ।

ଅନ୍ୟପକ୍ଷରେ ଗତ ୫ ଦିନ ହେବ ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ମଣ୍ଡି ଗୁଡିକରେ ଥିବା ଧାନ ଗଜା ହେବାକୁ ଯାଉଛି। ଯଦିଓ ଧାନ ବିକ୍ରି କରି ଚାଷୀ ନିଶ୍ଚିନ୍ତରେ ଅଛି; ଏବେ ଯୋଗାଣ ବିଭାଗ ତଥା ପ୍ରଶାସନ ଆଦ୍ରତା ପ୍ରତିଶତ ଅଧିକ ଥିବା ଧାନକୁ ମିଲର୍ସଙ୍କୁ ଧରାଇବେ କେମିତି। ଯଦି ସେହି ଧାନକୁ ଗ୍ରହଣ କରିବାରେ ମିଲର୍ସ ବିନାଦ୍ୱିଧାରେ ରାଜି ହେଉଛନ୍ତି ତାହାହେଲେ ପ୍ରଥମରୁ ଚାଷୀଙ୍କ ଧାନ ଦେଖି ନାକଟେକି କଟନି ଛଟନି ପାଇଁ ମୂଲଚାଲ କରିବାରେ ମୂଲ୍ୟ କଣ ? ଏବେ ସ୍ପଷ୍ଟ ହୋଇଛି ଯେ, ମିଲର୍ସ ଓ ସରକାରଙ୍କ ଭିତରେ ଭିତିରି ବୁଝାମଣା ପ୍ରବଳ କାମ କରୁଛି। ଚାଷୀ କେବଳ ସବୁ ପ୍ରକାର ସମସ୍ୟାକୁ ମୁଣ୍ଡାଇ ଘାଣ୍ଟି ହେଉଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ । କର୍ମଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ମାନ ସମ୍ମାନ ବୃଦ୍ଧି ପାଇବ । କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ହୋଇପାରେ ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଲୋକ ସମ୍ପର୍କ ବୃଦ୍ଧି ପାଇବ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିପାରନ୍ତି । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ଅତିଥି ସତ୍କାର କରିପାରନ୍ତି । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ନିଜ ଲୋକ ଶତ୍ରୁ ସାଜିପାରନ୍ତି ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ । ଧୈର୍ଯ୍ୟ ରଖି ଚାଲନ୍ତୁ । ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ । ଦାନ ଧର୍ମ କରିବେ ।

**ତୁଳା:** ମନ ପ୍ରସନ୍ନ ରହିବ । ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି ।

**ଧନୁ:** ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିପାରନ୍ତି । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ । ଯୋଜନା ମୁତାବକ କାର୍ଯ୍ୟ କରିବେ ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିପାରେ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ବ୍ୟବସାୟରେ ବାଧା ଆସିପାରେ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

## ଆଜିର ଇତିହାସ

- ୧୬୫୬- ଅଷ୍ଟମ ଶିଖ୍ ଗୁରୁ ହରକିଶନ୍‌ଙ୍କ ଜନ୍ମ ।
- ୧୭୯୯- ମହାରାଜା ରଣଜିତ୍ ସିଂହ ଲାହୋର ଉପରେ କବ୍‌ଜା କଲେ ।
- ୧୯୧୬- ନ୍ୟୁଜିଲ୍ୟାଣ୍ଡରେ ଲେବର ପାର୍ଟିର ଗଠନ ।
- ୧୯୭୮- ସୋଲୋମୋନ ଦ୍ୱୀପ ସଂଯୁକ୍ତ ରାଷ୍ଟ୍ରରୁ ସ୍ୱାଧୀନ ହେଲା ।
- ୧୯୮୦- ଇରାନ୍‌ରେ ସିରିଆ ଆଇନ ଲାଗୁ ହେଲା ।
- ୧୯୯୬- ନେଲସନ୍ ମଣ୍ଡେଲା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଲେ ।

## ଭଉଣୀ ଖୋଲିଲେ ଗୁମର

### ସୁଜେନ ନେଇ ନାହାନ୍ତି ୪୦୦ କୋଟି



ବଲିଉଡ୍ ସୁପରଷ୍ଟାର୍ ହ୍ରିତିକ୍ ରୋଶନ ନିଜର ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି । ସେ ସୁଜେନ ଖାନ୍‌ଙ୍କଠାରୁ ଅଲଗା ହେବା ପରେ ଏବେ ସବା ଆଜାଦଙ୍କୁ ଡେଟ୍ କରୁଛନ୍ତି । ଏବେ ହ୍ରିତିକ୍‌ଙ୍କ ଏକ ବ୍ୟକ୍ତିଗତ କଥା ସାମ୍ନାକୁ ଆସିଛି । ସେ ସୁଜେନଙ୍କୁ ବିବାହ କରିବାର ୧୪ ବର୍ଷ ପରେ ଏହି ସମ୍ପର୍କ ଭାଙ୍ଗିଯାଇଥିଲା । ଏହା ପରଠାରୁ ଅନେକ ଥର ଖବର ଆସିଛି ଯେ, ହ୍ରିତିକ୍ ସୁଜେନଙ୍କୁ ଛାଡ଼ପତ୍ର ପରେ ୪୦୦ କୋଟି ଟଙ୍କା ଭରଣପୋଷଣ ବାବଦରେ ଦେଇଥିଲେ । ହେଲେ ଏନେଇ ହ୍ରିତିକ୍ ଓ ସୁଜେନ କେବେବି କିଛି କହି ନାହାନ୍ତି । ଏବେ ବହୁ ବର୍ଷ ପରେ ସୁଜେନଙ୍କ ଭଉଣୀ ତଥା ଜୁଏଲାରୀ ଡିଜାଇନର୍ ଫରାହ ଅଲ୍ଲୀ ଖାନ୍ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାର ସମୟରେ ଏସମ୍ପର୍କରେ ବଡ଼ ଖୁଲାସା କରିଛନ୍ତି । ସେ କହିଛନ୍ତି ଯେ, 'ଏହି ଛାଡ଼ପତ୍ର ଆପୋଷ ବୁଝାମଣାରେ ହୋଇଥିଲା । ଏକଥା ଶୁଣି ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ବହୁତ ହଙ୍ଗାମା ମଧ୍ୟ ହୋଇଥିଲା । ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଲୋକଙ୍କର ଭିନ୍ନ ଭିନ୍ନ ମତ ଥିଲା, କିନ୍ତୁ ମୋତେ ଲାଗୁଛି ଯେ, ସେ ଦୁହେଁ ଏହାକୁ ବହୁତ ଭଲ ଭାବରେ ସମ୍ଭାଳିଥିଲେ ।' ଏହାବାଦ୍ ସେ ସୁଜେନଙ୍କୁ ୪୦୦ କୋଟି ଭରଣପୋଷଣ ରାଶି ମିଳିବା ଉପରେ କହିଥିଲେ, 'ଗୋଟିଏ କଥା, ମୁଁ ଆଜି ବି ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି, ସେମାନଙ୍କ ମଧ୍ୟରେ କେବେ ବି ୪୦୦ କୋଟି ଟଙ୍କା ନେଇ କୌଣସି ପ୍ରକାରର ଆଲୋଚନା ହୋଇ ନ ଥିଲା । ଯେତେବେଳେ ବି ମୁଁ ଇଣ୍ଟରନେଟ୍‌ରେ ଲୋକମାନଙ୍କୁ କହୁଥିବାର ଦେଖେ ଯେ, ସୁଜେନଙ୍କୁ ୪୦୦ କୋଟି ଟଙ୍କା ମିଳିବାରୁ ସେ ଧନୀ ହୋଇଗଲେ, ସେତେବେଳେ ମୁଁ ବହୁତ ଦୁଃଖୀ ହୋଇଯାଏ ।' ଫରାହ ତାଙ୍କ ଭଉଣୀଙ୍କ ବିଷୟରେ କହିଛନ୍ତି ଯେ, ସେ କୌଣସି ଅର୍ଥ ନେଇନାହାଁନ୍ତି ଏବଂ ଟଙ୍କା ଅପେକ୍ଷା ସମ୍ପର୍କ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନଙ୍କୁ ଶିକ୍ଷା ଦିଆଯାଇଛି । ଏହି କାରଣରୁ ଏବେବି ହ୍ରିତିକ୍‌ଙ୍କ ପରିବାର ସହ ସୁଜେନଙ୍କର ଭଲ ସମ୍ପର୍କ ରହିଛି ।, "ମୋ ଭଉଣୀ ଭଦ୍ର ଏବଂ ସେ ସମ୍ଭ୍ରାନ୍ତ ପରିବାରର । ହ୍ରିତିକ୍ ମଧ୍ୟ ଜଣେ ଭଲ ମଣିଷ । ସେମାନଙ୍କ ମଧ୍ୟରେ ସମ୍ପର୍କ ଠିକ୍ ଭାବେ ଚାଲିପାରିଲାନି, ତେଣୁ ସେମାନେ ଅଲଗା ହୋଇଗଲେ । ଏହି ଛାଡ଼ପତ୍ରରେ କୌଣସି ଭରଣପୋଷଣ ଭତ୍ତା ସାମିଲ ନଥିଲା । ଏଭଳି ଖବର ସମ୍ପୂର୍ଣ୍ଣ ମନଗଢ଼ା କାହାଣୀ ।' ଏଠାରେ ପ୍ରକାଶ ଥାଉ କି, ହ୍ରିତିକ୍ ଏବଂ ସୁଜେନ ୨୦୦୦ ମସିହାରେ ବିବାହ କରିଥିଲେ । ୨୦୧୪ରେ ଆଇନଗତ ଭାବେ ଛାଡ଼ପତ୍ର ନେଇଥିଲେ । ସେମାନେ ଅଲଗା ହେବା ପରେ ମଧ୍ୟ ନିଜ ଦୁଇ ପୁଅଙ୍କ ପାଇଁ ଭଲ ସମ୍ପର୍କ ବଜାୟ ରଖିଛନ୍ତି ।

## ଗିନିଜ୍ ବିଶ୍ୱ ରେକର୍ଡରେ ଭାରତୀୟ ବ୍ୟଞ୍ଜନ



ଭାରତରେ ଏମିତି ଅନେକ ସ୍ୱାଦିଷ୍ଟ ବ୍ୟଞ୍ଜନ ଅଛି, ଯାହା ତାହାର ଅନନ୍ୟ ସ୍ୱାଦ ଯୋଗୁଁ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି । କିଛି ବ୍ୟଞ୍ଜନ ତ ଏତେ ବଡ଼ ଆକାରରେ ପ୍ରସ୍ତୁତ କରାଯାଏ ଯେ, ତାହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ମଧ୍ୟ ସାମିଲ ହୋଇଛି । ଏହି କ୍ରମରେ ୨୦୦୮ ମସିହାରେ ବିରିୟାନିକୁ ନେଇ ଏକ ରେକର୍ଡ ହୋଇଥିଲା । ନୂଆଦିଲ୍ଲୀର ଜଣେ ସେଫ୍ ୧୪,୦୬୦ କେଜିର ବିରିୟାନି ପ୍ରସ୍ତୁତ କରି ରେକର୍ଡ କରିଥିଲେ । ଏଥିରେ ହଜାର ହଜାର କିଲୋର ଚାଉଳ, ଘିଅ ଏବଂ ମସଲା ଇତ୍ୟାଦି ବ୍ୟବହାର କରାଯାଇଥିଲା । ଖେଚୁଡ଼ିଠାରୁ ଅଧିକ ସରଳ ଖାଦ୍ୟ ଭାରତରେ ବୋଧହୁଏ ଆଉ କିଛି ନାହିଁ । ଏହା ମଧ୍ୟ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି । ୨୦୧୭ ମସିହାରେ ଦିଲ୍ଲୀରେ ଆୟୋଜିତ 'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ' କାର୍ଯ୍ୟକ୍ରମରେ ସେଫ୍ ସଞ୍ଜୀବ କପୁର ଅନ୍ୟ ୫୦ ଜଣ ରୋଷେୟାଙ୍କ ଦଳ ସହ ମିଶି ୯୧୮ କେଜିର ଖେଚୁଡ଼ି ପ୍ରସ୍ତୁତ କରି ରେକର୍ଡ କରିଥିଲେ । ଦକ୍ଷିଣ ଭାରତର ଲୋକପ୍ରିୟ ଖାଦ୍ୟ ଦୋସା ମଧ୍ୟ ଗିନିଜ୍ ରେକର୍ଡରେ ସାମିଲ ହୋଇଛି । ୨୦୧୪ ମସିହାରେ ହାଇଦ୍ରାବାଦରେ ୨୯ ଜଣ ସେଫ୍‌ଙ୍କର ଏକ ଦଳ ବିଶ୍ୱର ସବୁଠାରୁ ଲମ୍ବା ଦୋସା ପ୍ରସ୍ତୁତ କରିଥିଲେ । ଏହାର ଲମ୍ବ ୧୬.୬୮ ମିଟର ଅର୍ଥାତ୍ ୫୪ ଫୁଟ ଏବଂ ୮.୬୯ ଇଞ୍ଚ ଥିଲା । ସେହିଭଳି ୨୦୧୨ ମସିହା ସେପ୍ଟେମ୍ବର ମାସରେ ଗୁଜରାଟର ଜାମନଗରଠାରେ 'ଦଗଡୁ ସେଠ୍ ଗଣପତି ସାର୍ବଜନୀନ ମହୋତ୍ସବ' ସମୟରେ ବିଶ୍ୱର ସବୁଠାରୁ ବଡ଼ ରୁଟି ପ୍ରସ୍ତୁତ କରାଯାଇଥିଲା । ଏହାର ଓଜନ ୧୪୫ କେଜି ଥିଲା । ଏହାକୁ ଏକ ବିଶାଳକାୟ ତାୱାରେ ପ୍ରସ୍ତୁତ କରାଯାଇଥିଲା ।

## ସ୍ମାର୍ଟ ଶୌଚାଳୟ



ପରିଣତ ବୟସ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଶୌଚାଳୟ ଯିବାରେ ଅସୁବିଧା ହୋଇଥାଏ । ହେଲେ ଏବେ ଏହି ସମସ୍ୟାକୁ ଆଖି ଆଗରେ ରଖି ଚୀନ୍ ଏକ ସ୍ମାର୍ଟ ଶୌଚାଳୟ ପ୍ରସ୍ତୁତ କରିଛି । ଏହି ସ୍ମାର୍ଟ ଶୌଚାଳୟକୁ ସ୍ଥାନୀୟ କମ୍ପାନି ୟୁଏବାନ୍ ନିର୍ମାଣ କରିଛି । ଏହାର ନାଁ ରହିଛି ସାଓବାନ୍ । ଏହା ଏକ ଏଆଇ ଚାଳିତ ରୋବଟ୍ ଟଏଲେଟ୍ । ସ୍ମାର୍ଟ ଶୌଚାଳୟଟିକୁ ଏମିତି ଟେକ୍ନିକ୍‌ରେ ତିଆରି କରାଯାଇଛି ଯଦ୍ୱାରା ଲୋକଙ୍କୁ ଏହା ନିକଟକୁ ଯିବାକୁ ପଡ଼ିବନି । ବରଂ ଲୋକଙ୍କ ସୁବିଧାକୁ ଦୃଷ୍ଟି ଦେଇ ଶୌଚାଳୟଟି ଆପେ ଆପେ ବିଛଣା ପାଖରେ ପହଞ୍ଚିବ । ବିଶେଷକରି ଏହି ରୋବଟ୍ ଘରର ଦୁଆର ବନ୍ଧକୁ ଏଡ଼ାଇ ସ୍ୱତଃପ୍ରବୃତ୍ତ ଭାବେ ରୋଗୀଙ୍କ ନିକଟରେ ପହଞ୍ଚିଯିବ । ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହାକୁ ବ୍ୟବହାର କରାଯାଇ ସାରିବା ପରେ ଆପେଆପେ ସଫା ମଧ୍ୟ ହୋଇଯିବ । ଏହି ସ୍ମାର୍ଟ ଟେକ୍ନିକ୍ ଆସିବା ପରେ ବିଶେଷକରି ଚାଲିବା ବୁଲିବା ପାଇଁ ଅସମର୍ଥ ଲୋକ ଓ ରୋଗୀଙ୍କ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ । ଏହା ଏଆଇ ଦ୍ୱାରା ପରିଚାଳିତ ହେଉଥିବାରୁ ଘରର ଭିତରର ମାହୋଲ୍‌କୁ ବେଶ୍ ସହଜରେ ଜାଣିପାରେ । ଖାସ୍ ସେଥିପାଇଁ ଏହା ଘରର କୌଣସି ଆସବାବପତ୍ର ସହ ବାଡ଼େଇ ନହୋଇ ସିଧା ଲୋକଙ୍କ ପାଖରେ ପହଞ୍ଚିଯାଏ । ରୋବୋଟିକ୍ ଟଏଲେଟ୍‌ର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଏହାର ଅଟୋମେଟିକ୍ ଡିସପୋଜାଲ୍ ସିଷ୍ଟମ୍ । ଏହାକୁ ବ୍ୟବହାର କରିସାରିବା ପରେ, ଏହି ରୋବୋଟ୍ ଏହାର ଲିଡାର୍ ନେଭିଗେସନ୍ ସିଷ୍ଟମ୍ କୁ ପୁଣିଥରେ ଚାଲୁ କରିଥାଏ ଏବଂ ଘରେ ଥିବା ଏହାର ନିର୍ଦ୍ଦିଷ୍ଟ ଡକିଂ ଷ୍ଟେସନ୍‌କୁ ଯାଇ ଜମା ହୋଇଥିବା ମଇଳାକୁ ବାହାର କରିଦେଇଥାଏ । ରୋବୋଟିକ୍ ଟଏଲେଟର ଡକିଂ ଷ୍ଟେସନ୍ ସିଧାସଳଖ ଘରର ମଇଳା ପାଣି ପାଇପ୍ ଲାଇନ ସହିତ ସଂଯୁକ୍ତ ହୋଇଥାଏ । ଏହା ଟଏଲେଟ୍ ଭିତରର ମଇଳାକୁ ସିଧାସଳଖ ସିୱେଜ୍ ସିଷ୍ଟମ୍‌ରେ ଫ୍ଲଶ୍ କରିଦିଏ । ଏହାଦ୍ୱାରା ଘରର ପାଇପ୍ ଲାଇନରେ କୌଣସି ପ୍ରକାରର ଜାମ୍ ହେବାର ଆଶଙ୍କା ରହି ନ ଥାଏ । ଟଏଲେଟ୍‌ଟି ଖାଲି ହୋଇଯିବା ପରେ, ଏହା ନିଜକୁ ନିଜେ ସଫା କରିବା ଆରମ୍ଭ କରେ । ଘର ଭିତରେ ବ୍ୟବହାର ସମୟରେ ଦୁର୍ଗନ୍ଧ ନ ହେବା ପାଇଁ 'ଶାଓବାନ୍' ସ୍ମାର୍ଟ ଶୌଚାଳୟରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଦୁର୍ଗନ୍ଧରୋଧକ ପ୍ରଣାଳୀର ବ୍ୟବହାର କରାଯାଇଛି । ଏଥିରେ ଏକ ବିଶେଷ ଫୋମ୍ ସିଲ୍ଡ ଏବଂ ଚାରକୋଲ୍ ଫିଲ୍ଟର୍ ଲାଗିଥାଏ, ଯାହା କୌଣସି ବି ପ୍ରକାରର ଦୁର୍ଗନ୍ଧକୁ ବାହାରକୁ ବ୍ୟାପିବାରୁ ସମ୍ପୂର୍ଣ୍ଣ ରୂପେ ରୋକିଥାଏ । ବର୍ତ୍ତମାନ ଚୀନ୍ ବଜାରରେ ଏହି ଶୌଚାଳୟ ବିକ୍ରି ପାଇଁ ଉପଲବ୍ଧ ରହିଛି । ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୧୩ ଲକ୍ଷ ଟଙ୍କା ରଖାଯାଇଛି । ତେବେ ଚୀନ୍‌କୁ ଛାଡି ଅନ୍ୟ ଦେଶରେ ଏହି ଶୌଚାଳୟ କେବେ ଲଞ୍ଚ କରାଯିବ ସେ ବିଷୟରେ କମ୍ପାନି ପକ୍ଷରୁ ସ୍ପଷ୍ଟ କିଛି କୁହାଯାଇ ନାହିଁ ।

## ବର୍ଷାଦିନେ ପନିପରିବା ତଳିଘରାର ଯତ୍ନ



**ଆମ ରାଜ୍ୟର ଅଧିକାଂଶ ଚାଷୀ କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ । ଚାଷୀମାନେ ବର୍ଷାଦିନେ ପାଣିର ଉପଯୋଗ କରି ବିଭିନ୍ନ ପ୍ରକାରର ପନିପରିବା ଚାଷ କରିଥାନ୍ତି । ଏହି ଦିନେ ପନିପରିବା ତଳିଘରାର ସଠିକ୍ ଯତ୍ନ ନେବା ଆବଶ୍ୟକ ।**

ଅନ୍ୟଋତୁ ତୁଳନାରେ ବର୍ଷାଦିନେ ପନିପରିବା ତଳିଘରାର ଅଧିକ ଯତ୍ନ ନେବାକୁ ପଡ଼ିଥାଏ । ଏହି ସମୟରେ ତଳିଘରା ଲଗାଇବାକୁ ପ୍ରଥମେ ବିହନକୁ ଭଲ ଭାବେ ବିଶୋଧନ କରିବା ଉଚିତ । ତଳିଘରାର ଉଚ୍ଚତା ୬ ଇଞ୍ଚ ରଖିବା ଆବଶ୍ୟକ । ଅଧିକ ବର୍ଷାରୁ ପନିପରିବା ତଳିଘରାକୁ ସୁରକ୍ଷା ଦେବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘରା ଉପରେ ପଲିଥିନ୍ ଢାଙ୍କି ପାରିବେ । ତଳିଘରାରେ ମୂଳସଢ଼ା ରୋଗ ଲାଗିବାର ଆଶଙ୍କା ଅଧିକ ରହିଥାଏ । ଏହାର ନିରାକରଣ ପାଇଁ କାର୍ବେଣ୍ଡାଜିମ୍ କିମ୍ବା ମାଙ୍କୋଜେବ ପ୍ରୟୋଗ କରିପାରିବେ । ତଳିଘରାରେ ଅନ୍ୟାନ୍ୟ ରୋଗ ପୋକ ଦେଖିଲେ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ । ସେହିପରି ତଳିଘରାରୁ ଅନାବନା ଘାସ ବାଛିବା ସହ ମାଟି ଯେପରି ଅଧିକ ଓଦା ବା କାଦୁଅ ନ ରହିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ପାଣିପାଗର ପୂର୍ବାନୁମାନ କରି ତଳିଘରାରେ ହାଲୁକା ଜଳସେଚନ କରିପାରିବେ ।



## ସୁବର୍ଣ୍ଣା

### ସଫଳ ଗେଣ୍ଡୁଫୁଲ ଚାଷୀ



ବର୍ତ୍ତମାନର ଚାକଚକ୍ୟ ସମାଜ ଓ ଡିଜିଟାଲ ଯୁଗରେ 'ଚାଷ କାମ ଯାହାର କେଡ଼େ ସୁଖ ତାହାର..', ଉକ୍ତିଟିକୁ ଖୁବ କମ୍ ପିଲା ଗ୍ରହଣ କରୁଛନ୍ତି । ହେଲେ ଏହାକୁ କାର୍ଯ୍ୟକାରୀ କରିଛନ୍ତି ଉତ୍ତରପ୍ରଦେଶ, ଗୋଣ୍ଡା ଜିଲ୍ଲାର ବିଜୟ କୁମାର । ସେ ଚାକିରି ପଛରେ ନ ଗୋଡ଼ାଇ, ନିଜ ଜମିରେ ଗେଣ୍ଡୁଫୁଲ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ଯୁକ୍ତଦୁଇ ପଢା ସାରି ବିଜୟ ତାଙ୍କ ବନ୍ଧୁଙ୍କ ପାଖରୁ ଗେଣ୍ଡୁଫୁଲ ଚାଷ ସମ୍ପର୍କରେ ବୁଝିଥିଲେ । ପ୍ରଥମେ ଅଳ୍ପ ଜମିରେ ଏହି ଚାଷ ଆରମ୍ଭ କଲେ । ଗେଣ୍ଡୁଫୁଲ ଚାଷରୁ ଭଲ ଅମଳ ପାଇଁ ସେ ମାଟି ପରୀକ୍ଷା, ଉନ୍ନତ ବିହନ ଚୟନ, ସାର ପ୍ରୟୋଗ ଏବଂ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦେଇଥିଲେ । ଫସଲର ଉପଯୁକ୍ତ ଦେଖାଶୁଣା ଯୋଗୁଁ ଅଧିକ ଫୁଲ ଫୁଟିଥିଲା । ଏହାପରେ ବିଜୟ ଏକର ଜମିରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କଲେ । ବର୍ତ୍ତମାନ ଏହି ଚାଷରୁ ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ବିଜୟ କୁହନ୍ତି, ବଜାରରେ ଗେଣ୍ଡୁଫୁଲ ଚାହିଦା ସବୁବେଳେ ରହିଥାଏ । ପୂଜାପାଠ, ବିବାହ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ସାଜସଜ୍ଜା ପାଇଁ ଗେଣ୍ଡୁ ଫୁଲର ଆବଶ୍ୟକତା ଅଧିକ । ପର୍ବପର୍ବାଣୀ ଏବଂ ବିବାହ ଋତୁରେ ଫୁଲର ମୂଲ୍ୟ ଅଧିକ ରହୁଥିବାରୁ ଚାଷୀମାନଙ୍କୁ ଏହା ଭଲ ଲାଭ ଦେଇଥାଏ । ବିଜୟ ଅମଳ ଗେଣ୍ଡୁ ଫୁଲକୁ ଅଯୋଧ୍ୟାକୁ ଯୋଗାଇଥାନ୍ତି । ତେଣୁ ଯୁବପିଢ଼ି ଚାକିରି ପଛରେ ନ ଗୋଡ଼ାଇ ଚାଷ କାର୍ଯ୍ୟରେ ମନୋନିବେଶ କରିଲେ ନିଶ୍ଚୟ ସଫଳ ପାଇପାରିବେ ବୋଲି ବିଜୟ କୁହନ୍ତି ।

## ଛେଳିଙ୍କୁ ସବୁଜ ଚାରା ଦେଉଥିଲେ...

**ଛେଳି ପାଳନ ଏକ ଭଲ ବ୍ୟବସାୟ । ଏଥିପାଇଁ କମ୍ ଖର୍ଚ୍ଚ ହୋଇଥାଏ । ଛେଳିର ଓଜନ ଓ ମାଂସବୃଦ୍ଧି ପାଇଁ ସବୁଜ ଚାରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ହେଲେ ବର୍ଷାଦିନେ ଛେଳିଙ୍କୁ ସବୁଜ ଚାରା ଦେଉଥିଲେ ସତର୍କ ରହିବା ଜରୁରି ।**



ବର୍ଷାଦିନେ ସବୁଜ ଚାରାରେ ଆର୍ଦ୍ରତା ଅଧିକ ରହୁଥିବାରୁ ଏହାକୁ ଖାଇବା ଦ୍ୱାରା ଛେଳିଙ୍କ ପେଟଜନିତ ସମସ୍ୟା ହୁଏ । ସେଥିପାଇଁ ଛେଳିଙ୍କୁ ବର୍ଷାଦିନେ ପିଜୁଳି, ନିମ୍ବ ଏବଂ ସଜନା ପତ୍ର ଖାଇବାକୁ ଦେଇପାରିବେ । ଏହି ପତ୍ରଗୁଡ଼ିକରେ ଭିଟାମିନ୍ ଏ, ସି, ବି୬, ବି କମ୍ପ୍ଲେକ୍ସ, ଇ, ଭିଟାମିନ୍ କେ ଆଦି ଥାଏ । ଏହି ପତ୍ରରୁ ପେଲେଟ୍‌ସ (ଗୋଲି) କୁ ଛେଳିଙ୍କୁ ଖାଇବାକୁ ଦିଆଯାଇ ପାରିବ । ଏହା ଛେଳିଙ୍କ ସ୍ୱାସ୍ଥ୍ୟବୃଦ୍ଧି ପାଇଁ ଲାଭଦାୟକ । ସେହିପରି ସଜନା, ପିଜୁଳିର କଞ୍ଚା ପତ୍ରକୁ ଶୁଖାଇ ଏହାକୁ ଗୁଣ୍ଡ କରି ବଟିକା ବନାଯାଏ । କଅଁଳିଆ ଡାଳକୁ ଛେଳିଙ୍କୁ ଖାଇବାକୁ ଦିଆଯାଏ । ସଜନା ପତ୍ରରୁ ତିଆରି ବଟିକା ଖାଇବା ଦ୍ୱାରା ଛେଳିଙ୍କ ପାଚନ ଶକ୍ତିରେ ସୁଧାର ଆସିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଛେଳିଙ୍କୁ ଏହି ପତ୍ରର ବଟିକା ଖୁଆଇବା ପୂର୍ବରୁ ସେମାନଙ୍କ ଖାଦ୍ୟ ତାଲିକାରେ ଧୀରେ ଧୀରେ କରି ଏହାକୁ ଅତିବେଶୀରେ ୩୦% ସାମିଲ କରିବା ଜରୁରି ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଆଗାମୀ ପାଞ୍ଚଦିନ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ତେଣୁ ଚାଷୀଭାଇମାନଙ୍କୁ ସାର ଓ କୀଟନାଶକ ପ୍ରୟୋଗ କିଛିଦିନ ପାଇଁ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି ।
- ପରିପକ୍ୱ ପନିପରିବା ଓ ଫଳ ଯେପରି ଆମ୍ବ, ପଣସ, ଡାଳିମ୍ବ, ଲେମ୍ବୁ ଇତ୍ୟାଦିକୁ ଅମଳ କରିନିଅନ୍ତୁ ।
- ଖରିଫ ମକା/ ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ଧାନ ତଳିଘରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।
- ଆଖୁଗଛ ୪ରୁ୫ ମାସର ହୋଇଗଲେ ବିଳମ୍ବରେ ଆସିଥିବା ପିଲଗୁଡିକୁ ବାହାର କରି ତଳ ଶୁଖିଲା ପତ୍ରକୁ କାଢି ୨ରୁ୩ଟି ଆଖୁ ଏକାଠି ବାନ୍ଧି ଦିଅନ୍ତୁ ।
- ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ । ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ ।
- ବର୍ତ୍ତମାନ ଅମୃତଭଣ୍ଡା, କାଜୁ, ସେବତୀ ଫୁଲ ଲଗାଇବାର ଉତ୍କୃଷ୍ଟ ସମୟ ।

## ବାଇଗଣ ଚାଷ ପାଇଁ ଉନ୍ନତ କିସମ

ବାଇଗଣ ଚାଷକରି ଅଧିକାଂଶ ଚାଷୀ ଲାଭବାନ ହୋଇପାରିଛନ୍ତି । କେଉଁ କିସମର ବାଇଗଣ ଚାଷ କଲେ ଲାଭ ମିଳିପାରିବ ସେନେଇ ଅନେକଙ୍କ ଦ୍ୱନ୍ଦ୍ୱ ଥାଏ । ତେବେ ବର୍ତ୍ତମାନ ବାଇଗଣ ଚାଷରେ ସଙ୍କର କିସମକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଏନେଇ ନିକଟସ୍ଥ କୃଷି ଭଣ୍ଡାରରୁ ସଙ୍କର କିମ୍ବା ଅଧିକ ଅମଳକ୍ଷମ ବାଇଗଣ ବିହନ ପାଇପାରିବେ । ଏହାକୁ ଦୃଷ୍ଟି ଦେଲେ ସଙ୍କର କିସମର ଭିଏନ୍‌ଆର୍-୨୧୨ ମଞ୍ଜି ୧୦ ଗ୍ରାମ୍‌କୁ ୧୮୦ ଟଙ୍କା, ଅର୍କା ଆନନ୍ଦ ୩୦ ଗ୍ରାମ୍‌କୁ ୩୫୦ରୁ ୪୮୦ ଟଙ୍କା, ଭିଏନ୍‌ଆର୍ ଉତ୍କଳ ୧୦ ଗ୍ରାମକୁ ୧୫୦ଟଙ୍କା, ଅକ୍ଷିତା ୧୦ଗ୍ରାମ୍‌କୁ ୨୨୦ ଟଙ୍କା ରହିଛି । ସେହିପରି ବାଇଗଣର ଅଧିକ ଅମଳକ୍ଷମ ବିହନ ଗ୍ରୀନ୍ ଲଙ୍ଗ ୧୦ଗ୍ରାମକୁ ୮୦ଟଙ୍କା, ବୁଷ୍ଟାର ୧୦ ଗ୍ରାମ୍ ବିହନକୁ ୮୦ ଟଙ୍କା ମୂଲ୍ୟ ରହିଛି ।

## କାକୁଡ଼ି ଚାଷ



ଆମ ରାଜ୍ୟରେ କାକୁଡ଼ି ଚାଷ ମୁଖ୍ୟତଃ ବର୍ଷା ଓ ଖରାଦିନେ ହୋଇଥାଏ । ତେବେ ଜୁଲାଇ ମାସ କାକୁଡ଼ି ଚାଷ ପାଇଁ ଉପଯୁକ୍ତ ସମୟ ।

ଏହି ଚାଷ ପାଇଁ ଉର୍ବର, ନିଗିଡ଼ା, ବାଲି ଦୋରସା ମୃତ୍ତିକା ସର୍ବୋତ୍ତମ । ଚାଷ ପାଇଁ ସର୍ବଦା ଉନ୍ନତ ରୋଗସହଣି କିସମ ଚୟନ କରାଯାଏ । ବର୍ଷାଦିନେ ଜମିରେ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରିବା ସହ ମନ୍ଦାରେ ଚାଷ କରିବା ଭଲ । ଏହି ଚାଷ ପାଇଁ ଏକର ପ୍ରତି ୧ରୁ ୧.୫ କି.ଗ୍ରା. ବିହନ ଦରକାର ହୁଏ । ଏକ କି.ଗ୍ରା. ବିହନକୁ ୨ଗ୍ରାମ୍ ଥିରାମ ଏବଂ ୧ ଗ୍ରାମ କାର୍ବେଣ୍ଡାଜିମ୍ (ବାଭିଷ୍ଟିନ୍) ପ୍ରୟୋଗ କରି ବିଶୋଧନ କରାଯାଇଥାଏ । ବିହନକୁ ଲଗାଇବା ପୂର୍ବରୁ ୬ରୁ ୧୨ଘଣ୍ଟା ଯାଏଁ ପାଣିରେ ବତୁରାଇ ଲଗାଇଲେ ଗଜା ଶୀଘ୍ର ହୋଇଥାଏ । ୧-୧.୫ ମିଟର ବ୍ୟବଧାନରେ ମନ୍ଦା କରି ଲଗାଯାଏ । ଏଥିପାଇଁ ନାଳୀ ଗୁଡ଼ିକୁ ୧-୧.୫ ବ୍ୟବଧାନରେ ରଖି ଗଛକୁ ଗଛ ୫୦ରୁ ୭୫ ସେମି ବ୍ୟବଧାନରେ ରଖି ମାଟିରେ ମାଡ଼ିବାକୁ ଦିଆଯାଏ । ମନ୍ଦା ପ୍ରଣାଳୀରେ ଗଭୀର ଗାତ ଖୋଳି ଏକରପ୍ରତି ୬ରୁ ୮ ଟନ୍ କମ୍ପୋଷ୍ଟ ଓ ମୂଳସାର ପ୍ରୟୋଗ କରି ବିହନ ଲଗାଯାଏ । ବର୍ଷା ଋତୁ ପାଇଁ ମନ୍ଦାଗୁଡ଼ିକୁ ମାଟି ଉପରେ ଲଗାଯାଇଥାଏ ଏବଂ ଲତା ଭାଡ଼ିରେ ମାଡ଼େ । ବିହନ ଲଗାଇବା ସମୟରେ ଏକର ପ୍ରତି ୧୦ କି.ଗ୍ରା. ଯବକ୍ଷାରଜାନ, ୧୦ କି.ଗ୍ରା. ଫସ୍‌ଫରସ୍ ଏବଂ ୩୦ କି.ଗ୍ରା. ପୋଟାସିୟମ ସାର ପ୍ରୟୋଗ କରାଯାଇଥାଏ । ସେହିପରି କାକୁଡ଼ି ଗଛ ବୃଦ୍ଧି ପାଇଁ ମଞ୍ଚାର ବନ୍ଦୋବସ୍ତ କରି ପାଣିପାଗର ପୂର୍ବାନୁମାନ କରି ଜଳସେଚନ କରାଯାଏ । ତେବେ ବିହନ ଲଗାଇବାର ୪୫-୫୦ ଦିନରେ କାକୁଡ଼ି ଅମଳ ଆରମ୍ଭ ହୁଏ ।




# ପାଞ୍ଚ ଥର ଚାମ୍ପିଅନ ବ୍ରାଜିଲ ଓ ମେକ୍ସିକୋ ବିଦା

**ମେକ୍ସିକୋ ସିଟି/ନ୍ୟୁୟର୍କ,୬।୭ (ଏଜେନ୍ସି)**

୫ଥରର ଚାମ୍ପିଅନ ବ୍ରାଜିଲ ଓ ଯୁଗ୍ମ ଆୟୋଜକ ମେକ୍ସିକୋ ଏଠାରେ ଚାଲିଥିବା ୨୦୨୬ ଫିଫା ବିଶ୍ୱକପ୍ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରୁ ବିଦା ହୋଇଛନ୍ତି । ଭାରତୀୟ ସମୟ ସୋମବାର ସକାଳେ ଖେଳାଯାଇଥିବା ଚତୁର୍ଥ ପ୍ରି-କ୍ୱାର୍ଟର ଫାଇନାଲରେ ୧୯୬୬ର ଚାମ୍ପିଅନ ଇଂଲଣ୍ଡ ୩-୨ ଗୋଲରେ ଯୁଗ୍ମ ଆୟୋଜକ ମେକ୍ସିକୋକୁ ପରାସ୍ତ କରିଛି । ସେହିପରି ରବିବାର ରାତିରେ ଖେଳାଯାଇଥିବା ମୁକାବିଲାରେ ନରୱେ ୨-୧ ଗୋଲରେ କଳାତ୍ମକ ଫୁଟବଲ ଖେଳ ଲାଗି ଖ୍ୟାତି ଲାଭ କରିଥିବା ବ୍ରାଜିଲକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ଆସନ୍ତା ୧୧ ତାରିଖ ରାତି ୨ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ୟୁରୋପ ମହାଦେଶର ଦୁଇ ଦଳ ଇଂଲଣ୍ଡ ଏବଂ ନରୱେ ମଧ୍ୟରେ ମୁକାବିଲା ହେବ ।

| ଫିଫା ବିଶ୍ୱକପ୍ |
|---|
| ରାଉଣ୍ଡ ୧୬ ବିଶ୍ୱକପ୍ ମୁକାବିଲା |
| ମଙ୍ଗଳବାର ରାତି |
| ଆର୍ଜେଣ୍ଟିନା- ଇଜିପ୍ଟ |
| ଆଟଲାଣ୍ଟା, ରାତି ୯ଟା ୩୦ |
| ମଙ୍ଗଳବାର ସକାଳ |
| ସ୍ୱିଜରଲାଣ୍ଡ-କଲମ୍ବିଆ |
| ଭାଙ୍କୋଭର, ରାତି ୧ଟା ୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଦ୍ୱିତୀୟ କ୍ୱାର୍ଟରରେ ଇଂଲଣ୍ଡ-ନରୱେ ମୁକାବିଲା

ମେକ୍ସିକୋ ସିଟିର ଆଜଟେକା ଷ୍ଟାଡିୟମ୍‌ରେ ସୋମବାର ମେକ୍ସିକୋ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଚତୁର୍ଥ ପ୍ରି-କ୍ୱାର୍ଟର ଫାଇନାଲକୁ ଏଯାଏ ଖେଳାଯାଇଥିବା ବିଶ୍ୱକପ୍‌ରେ ସର୍ବଶ୍ରେଷ୍ଠ ମୁକାବିଲା ଭାବେ ବିବେଚନା କରାଯାଉଛି । ସମୁଦ୍ର ପତ୍ତନଠାରୁ ୭,୦୦୦ ଫୁଟରୁ ଉଚ୍ଚରେ ଏବଂ ଆୟୋଜକ ମେକ୍ସିକୋର ଘରୋଇ ମାଟିରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡକୁ ଅସୁବିଧାର ସମ୍ମୁଖୀନ ହେବ ବୋଲି ଆଶଙ୍କା କରାଯାଉଥିଲା । କିନ୍ତୁ ଏହି ମୁକାବିଲାରେ ଉଭୟ ଦଳ ଏପରି ଖେଳିଥିଲେ ଯେ ସମର୍ଥକ ଓ ଦର୍ଶକ ଗୋଟିଏ ମୁହୂର୍ତ୍ତ ମ୍ୟାଚ୍ ଛାଡି ପାରି ନ ଥିଲେ । ଖେଳାଳିଙ୍କ ସମନ୍ୱୟ, ନିଖୁଣ ପାସ୍, ଯୋଜନାବଦ୍ଧ ଆକ୍ରମଣ, ଚତୁର ଡ୍ରିବଲିଂ ଏବଂ କାଉଣ୍ଟର ଆଟାକ୍ ଏହି ମ୍ୟାଚ୍‌ର ଗୁରୁତ୍ୱକୁ ବଢ଼ାଇଦେଇଥିଲା । ଖେଳର ପ୍ରଥମାର୍ଦ୍ଧର ୩୬ ଓ ୩୮ତମ ମିନିଟ୍‌ରେ ଜୁଡ୍ ବେଲିଂହାମ ମାତ୍ର ୯୬ ସେକେଣ୍ଡ ମଧ୍ୟରେ ୨ଟି ଗୋଲ ସ୍କୋର କରି ଇଂଲଣ୍ଡକୁ ୨-୦ ଗୋଲରେ ଅଗ୍ରଣୀ କରାଇଥିଲେ । ୨ଟି ଗୋଲ ପଛରେ ଥିଲେ ମଧ୍ୟ ମେକ୍ସିକୋ ଚାପରେ ପଡ଼ି ନ ଥିଲା ଓ କାଉଣ୍ଟର ଆଟାକ୍ କରି ୪୨ତମ ମିନିଟ୍‌ରେ ଜୁଲିଆନ୍ କ୍ୱିନୋନ୍ସଙ୍କ ମାଧ୍ୟମରେ ଗୋଟିଏ ଗୋଲ ଶୁଝାଇଦେଇଥିଲା । ଦ୍ୱତୀୟାର୍ଦ୍ଧ ଖେଳ ଇଂଲଣ୍ଡ ଲାଗି ବିପଦକୁ ନିମନ୍ତ୍ରଣ କରିଥିଲା । ୫୪ତମ ମିନିଟ୍‌ରେ ବିପଜ୍ଜନକ ଫାଉଲ ମାରିଥିବାରୁ ଇଂଲଣ୍ଡର ଜାରେଲ କ୍ୱାନ୍‌ଶାଙ୍କୁ ରେଫରି ରେଡ୍‌କାର୍ଡ ଦେଖାଇଥିଲେ । ଫଳରେ ଅବଶିଷ୍ଟ ସମୟ ଇଂଲଣ୍ଡ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା । ସେହିପରି ୬୦ତମ ମିନିଟ୍‌ରେ ସମ୍ଭାବ୍ୟ ଆକ୍ରମଣକୁ ପ୍ରତିହତ କରିବାକୁ ଯାଇ ମେକ୍ସିକୋର ଜଣେ ଖେଳାଳି ନିଜ ଗୋଲପୋଷ୍ଟ ଏରିଆରେ ଇଂଲଣ୍ଡ ଖେଳାଳିଙ୍କୁ ଫାଉଲ ମାରିଥିଲେ । ଏଥିଲାଗି ଇଂଲଣ୍ଡକୁ ପେନାଲ୍ଟି ମିଳିଥିଲା ଓ ଏହାକୁ ହ୍ୟାରୀ କେନ୍ ଗୋଲରେ ପରିଣତ କରି ଦଳକୁ ୩-୧ରେ ଅଗ୍ରଣୀ କରାଇବା ସହ ଖେଳାଳି ଓ ସମର୍ଥକଙ୍କୁ ଆଶ୍ୱସ୍ତ କରିଥିଲେ । ଖେଳର ୬୯ତମ ମିନିଟ୍‌ରେ ଆଉ ଏକ ପେନାଲ୍ଟିରୁ ମେକ୍ସିକୋର ରଲ ଜିମିନେଜ୍ ଗୋଲ ସ୍କୋର କରିବା ପରେ ଇଂଲଣ୍ଡର ଉତ୍ତେଜନା ବଢ଼ିଯାଇଥିଲା । କିନ୍ତୁ ଖେଳାଳିମାନେ ଧୈର୍ଯ୍ୟର ସହ ଅବଶିଷ୍ଟ ସମୟ ମେକ୍ସିକୋର ଆକ୍ରମଣକୁ ପ୍ରତିହତ କରିବା ସହ ଇଂଲଣ୍ଡ ଏହି ମ୍ୟାଚ୍‌କୁ ଜିତି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ ।



## ୩୬ ବର୍ଷ ପରେ ପ୍ରି-କ୍ୱାର୍ଟରରୁ ବିଦା



ନ୍ୟୁୟର୍କର ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ରବିବାର ରାତିରେ ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲରେ ନରୱେ ନିକଟରୁ ବ୍ରାଜିଲ ୨-୧ ଗୋଲରେ ହାରିଯାଇଥିଲା । ଏହି ପରାଜୟ ଯୋଗୁଁ ୧୯୯୦ ପରେ ପ୍ରଥମଥର ବ୍ରାଜିଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପୂର୍ବରୁ ବିଦା ହୋଇଥିଲା । ଏହି ମ୍ୟାଚ୍ ଜିତିବା ସହ ବ୍ରାଜିଲ ବିପକ୍ଷରେ ନରୱେର ଅପରାଜେୟ ରେକର୍ଡ ବଜାୟ ରହିଛି । ଅନ୍ତର୍ଜାତୀୟସ୍ତରରେ ଏହାକୁ ମିଶାଇ ଉଭୟଙ୍କ ମଧ୍ୟରେ ୫ଥର ମୁକାବିଲା ହୋଇଥିଲା । ଏହା ମଧ୍ୟରୁ ନରୱେ ୩ଟି ମ୍ୟାଚ୍ ଜିତିଥିଲାବେଳେ ୨ଟି ମ୍ୟାଚ୍ ଡ୍ର ରହିଥିଲା । ବିଜୟୀ ନରୱେ ପକ୍ଷରୁ ଏର୍ଲିଂ ହଲାଣ୍ଡ ୨ଟି ଯାକ ଗୋଲ ସ୍କୋର କରିଥିଲେ । ବ୍ରାଜିଲର ଷ୍ଟାର ଖେଳାଳି ନେମାର ପେନାଲ୍ଟିରୁ ଗୋଟିଏ ଗୋଲ ଶୁଝାଇଥିଲେ ।

ଏହି ମୁକାବିଲାରେ ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ । ଏପରିକି ଖେଳ ପ୍ରଥମ ୧୫ ମିନିଟ୍‌ରେ ଉଭୟ ଦଳକୁ ମିଳିଥିବା ସୁଯୋଗ ହାତଛଡ଼ା ହୋଇଯାଇଥିଲା । ପ୍ରଥମେ ନରୱେ ବ୍ରାଜିଲ ପୋଷ୍ଟ ମଧ୍ୟରେ ଗୋଲ ସ୍କୋର କରିଥିଲା । ଏହା କିନ୍ତୁ ଅଫ୍‌ସାଇଡ ହୋଇଯାଇଥିଲା । ସେହିପରି ଏହା ପରେ ବ୍ରାଜିଲ ପାଇଥିବା ପେନାଲ୍ଟିକୁ ବ୍ରୁନୋ ଗୁଇମାରେସ ଗୋଲ ପୋଷ୍ଟକୁ ପଠାଇ ପାରି ନ ଥିଲେ । ସେ ମାରିଥିବା ସଟ୍‌କୁ ନରୱେ ଗୋଲରକ୍ଷକ ଅର୍ଜାନ ନାଇଲାଣ୍ଡ ଅଟକାଇ ଦେଇଥିଲେ । ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଯୋଜନାବଦ୍ଧ ଖେଳିଥିଲେ । ଯାହା ଫଳରେ ଖେଳ ଉପଭୋଗ୍ୟ ହୋଇଥିଲା । କିନ୍ତୁ ପ୍ରଥମ ଗୋଲ ସ୍କୋର ହେବାକୁ ୭୯ତମ ମିନିଟ୍ ଲାଗିଯାଇଥିଲା । ଏହି ସମୟରେ ପାଇଥିବା ସୁଯୋଗକୁ ଏର୍ଲିଂ ହଲାଣ୍ଡ ବ୍ରାଜିଲ ପୋଷ୍ଟକୁ ପଠାଇ ପ୍ରଥମ ଗୋଲ ସ୍କୋର କରିଥିଲେ । ଗୋଲ ଖାଇବା ପରେ ବ୍ରାଜିଲ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରି ୯୦ତମ ମିନିଟରେ ଦ୍ୱିତୀୟ ଗୋଲ ବରଣ କରିଥିଲା । ନରୱେର ହଲାଣ୍ଡ ମଧ୍ୟ ଏହି ଗୋଲ ସ୍କୋର କରିଥିଲେ । ବ୍ରାଜିଲ ଅନ୍ୟ ଉପାୟ ନ ପାଇ ତାହାର ଆହତ ତାରକା ଖେଳାଳି ନେମାରଙ୍କୁ ପଡ଼ିଆକୁ ଓହ୍ଲାଇଥିଲା । ଷ୍ଟପେଜ୍ ଟାଇମ୍‌ର ଶେଷ ମୁହୂର୍ତ୍ତରେ ପାଇଥିବା ପେନାଲ୍ଟିରୁ ଗୋଲ ଦେଇ ସେ ଗୋଟିଏ ଗୋଲ ଶୁଝାଇଥିଲେ । କିନ୍ତୁ ନେମାର ବ୍ରାଜିଲକୁ ପରାଜୟରୁ ରକ୍ଷା କରି ନ ପାରି ପଡ଼ିଆରେ କାନ୍ଦିଥିଲେ ।



## ଗୋଲ୍ଡେନ ବୁଟ୍ ରେସ୍‌ରେ ହଲାଣ୍ଡ

**ନ୍ୟୁୟର୍କ,୬।୭ (ଏଜେନ୍ସି):** ବ୍ରାଜିଲ ବିପକ୍ଷରେ ଡବଲ ଗୋଲ ସ୍କୋର କରି ନରୱେର ସୁପରଷ୍ଟାର ଫରୱାର୍ଡ ଖେଳାଳି ଏର୍ଲିଂ ହଲାଣ୍ଡ ଚଳିତ ବିଶ୍ୱକପ୍‌ରେ ଗୋଲ୍ଡେନ ବୁଟ୍ ରେସ୍‌ରେ ସାମିଲ ହୋଇଛନ୍ତି । ଫ୍ରାନ୍ସ ଓ ଆର୍ଜେଣ୍ଟିନାର ଅଧିନାୟକ କିଲିଆନ୍ ଏମ୍‌ବାପେ ଓ ଲିଓନେଲ ମେସି ମଧ୍ୟ ଏହି ବିଶ୍ୱକପ୍‌ରେ ୭ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି । ୩ଜଣ ଖେଳାଳି ୭ଟି ଲେଖାଏଁ ଗୋଲ କରିଥିଲାବେଳେ ଦୁଇଟି ଗୋଲ ଦେବାରେ ଆସିଷ୍ଟ କରିଥିବାରୁ ଏମ୍‌ବାପେ ଏହି ପୁରସ୍କାର ଦୌଡ଼ରେ ପ୍ରଥମ ସ୍ଥାନରେ ରହିଛି । ସେହିପରି ମେକ୍ସିକୋ ବିପକ୍ଷରେ ଗୋଲ ଦେଇଥିବା ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍‌ଙ୍କ ଏହି ବିଶ୍ୱକପ୍‌ରେ ଗୋଲ ସଂଖ୍ୟା ୬ରେ ପହଞ୍ଚାଇଛନ୍ତି । ଏମାନଙ୍କ ପଛକୁ ଫ୍ରାନ୍ସର ଓଉସମାନେ ଡେମ୍ବେଲେ, ଇଜିପ୍ଟର ମିକେଲ ଓ୍ୟାରଜାବଲ, ବ୍ରାଜିଲର ଭିନିସିଅସ ଜୁନିଅର, ସେନେଗାଲର ଇସ୍‌ମାଇଲା ସର ୪ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି ।

## ନେମାର, ଓଚୋଆଙ୍କ ଅବସର



**ନ୍ୟୁୟର୍କ, ୬।୭ (ଏଜେନ୍ସି):** ନରୱେଠାରୁ ପରାଜିତ ହୋଇ ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲରୁ ବିଦା ହେବା ପରେ ଏହାର ସୁପରଷ୍ଟାର ନେମାର ଅର୍ନ୍ତଜାତୀୟ ଫୁଟବଲ ଖେଳରୁ ଅବସର ଘୋଷଣା କରିଛନ୍ତି । ଜଣେ ଦକ୍ଷ ଫରୱାର୍ଡ ଖେଳାଳି ଭାବେ ଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ସେ ବିଶ୍ୱକପ୍‌ରେ ବ୍ରାଜିଲର ଆବଶ୍ୟକ ବେଳେ କାମରେ ଆସି ନ ଥିଲେ । ସେ ନିଜ ଦେଶ ଲାଗି ୧୩୦ଟି ମ୍ୟାଚ୍ ଖେଳି ରେକର୍ଡ ୮୦ଟି ଗୋଲ ସ୍କୋର କରିଛନ୍ତି । ସେ ଥରେ ହେଲେ ସବୁଠାରୁ ବଡ଼ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍ ଟାଇଟଲ ଜିତିବାରେ ସଫଳ ହୋଇ ନ ଥିଲେ । କନ୍‌ଫେଡେରେସନ କପ୍ ଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ୍ୟ ଏହା ତାଙ୍କୁ ଖୁସି କରି ପାରି ନ ଥିଲା । ଅନ୍ୟ ପକ୍ଷରେ ଇଂଲଣ୍ଡ ନିକଟରୁ ହାରିଯିବା ପରେ ମେକ୍ସିକୋର ଦୀର୍ଘ ଦିନ ଧରି ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଆସିଥିବା ଗୋଲରକ୍ଷକ ଗୁଇଲେରମୋ ଓଚୋଆ ମଧ୍ୟ ଅର୍ନ୍ତଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି । ସେ ୨୩ ବର୍ଷ ଧରି ଜାତୀୟ ଦଳ ଓ କ୍ଲବ୍ ଫୁଟବଲ ଖେଳିଥିଲେ । ମେକ୍ସିକୋ ଗୋଲ ପୋଷ୍ଟରେ ସେ ପାହାଡ ପରି ଛିଡ଼ା ହୋଇଥିଲେ । ୪୦ ବର୍ଷୀୟ ଏହି କିଂବଦନ୍ତୀ ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ପରେ ବିଶ୍ୱର ମାତ୍ର ତୃତୀୟ ଖେଳାଳିଭାବେ ୬ଟି ବିଶ୍ୱକପ୍‌ରେ ଭାଗନେବାର ରେକର୍ଡ କରିଛନ୍ତି ।

### ଫିଫାକୁ ତୀବ୍ର ସମାଲୋଚନା

## ଟ୍ରମ୍ପଙ୍କ ଫୋନ୍ ପରେ ବାସନ୍ଦ ପ୍ରତ୍ୟାହାର

**ନ୍ୟୁୟର୍କ,୬।୭ (ଏଜେନ୍ସି):** ଆମେରିକାର ଫରୱାର୍ଡ ଖେଳାଳି ଫୋଲାରିନ୍ ବାଲୋଗୁନ୍‌ଙ୍କ ଉପରୁ ଫିଫା ରେଡ୍‌କାର୍ଡ ବାସନ୍ଦ ପ୍ରତ୍ୟାହାର କରିନେଇଛି । ଏହା ଫଳରେ ସେ ମଙ୍ଗଳବାର ସକାଳେ ବେଲଜିୟମ ସହ ସିଆଟଲରେ ହେବାକୁ ଥିବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାରେ ଭାଗ ନେଇପାରିବେ । କିନ୍ତୁ ରେଡ୍‌କାର୍ଡ ପାଇଥିବାରୁ ବର୍ଷକ ମଧ୍ୟରେ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହେବେ । ବୋସନିଆ ବିପକ୍ଷରେ ତାରିକ୍‌ଙ୍କୁ ଫାଉଲ ମାରିଥିବାରୁ ତାଙ୍କୁ ରେଫରି ରେଡକାର୍ଡ ଦେଖାଇଥିଲେ । କିନ୍ତୁ ଟିଭି ରିପ୍ଲେରେ ତାଙ୍କ ଫାଉଲ ମାରିବା ସ୍ପଷ୍ଟ ହୋଇ ନ ଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫୋନ୍ କରିବା ପରେ ଫୋଲାରିନ୍‌ଙ୍କ ଉପରୁ ଏହି ବାସନ୍ଦ ପ୍ରତ୍ୟାହାର କରିନିଆଯାଇଛି ବୋଲି ସମାଲୋଚକମାନେ ଅଭିଯୋଗ କରିଛନ୍ତି । ଫୋଲାରିନ୍‌ଙ୍କ ପ୍ରତି ଯେଉଁ ଅନ୍ୟାୟ ହୋଇଥିଲା ତାହା ଫିଫା ପ୍ରତ୍ୟାହାର କରିନେଇଥିବାରୁ ରାଷ୍ଟ୍ରପତି ଟ୍ରମ୍ପ୍ ଧନ୍ୟବାଦ ଦେବା ପରେ ଏହି ସମାଲୋଚନା ହୋଇଛି ।

### କ'ଣ ଏହି ବିବାଦ

ଏହି ଘଟଣାର ପ୍ରଥମ ବିବାଦଟି ହେଲା, ରେଡ୍‌କାର୍ଡକୁ ନେଇ । ବୋସନିଆର ତାରିକ୍‌ଙ୍କ ଡ୍ରିବଲ କରିବାବେଳେ ଆମେରିକାର ତାରକା ଖେଳାଳି ଫୋଲାରିନ୍‌ଙ୍କ ଗୋଡ ତାଙ୍କ ପାଦ ଉପରେ ରହିଥିଲା । ଫଳରେ ରେଫରି ତାଙ୍କୁ ରେଡ୍‌କାର୍ଡ ଦେଇଥିଲେ । ଏହି ଘଟଣାରେ ମୋତେ ୟେଲୋ କାର୍ଡ ମିଳିବ ବୋଲି ଆଶଙ୍କା ଥିଲା, କିନ୍ତୁ ରେଡ୍‌କାର୍ଡ ଦେବା ଫଳରେ ମୋତେ ଆଶ୍ଚର୍ଯ୍ୟ କରିଥିଲା । ଦ୍ୱିତୀୟ ବିବାଦଟି ହେଲା, ଫିଫା ଖେଳ ନିୟମର ଧାରା ୨୭ ଅନୁଯାୟୀ ଫୋଲାରିନ୍‌ଙ୍କ ଉପରୁ ଏହି ବାସନ୍ଦ ପ୍ରତ୍ୟାହାର କରିବା । ଏହାକୁ ତୀବ୍ର ବିରୋଧ କରିଛି ରୟାଲ ବେଲଜିୟମ ଫୁଟବଲ ଆସୋସିଏସନ ଓ ୟୁରୋପୀୟ ୟୁନିଅନ୍ ଅଫ୍ ଫୁଟବଲ ଆସୋସିଏସନ ବା ୟୁଏଫା । ଏମାନଙ୍କ ମତରେ ଫିଫାର ଧାରା ୬୬.୪ରେ ଜଣେ ଖେଳାଳିଙ୍କୁ ରେଡ୍‌କାର୍ଡ ମିଳିଲେ ସେ ପରବର୍ତ୍ତୀ ମ୍ୟାଚ୍‌ରେ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି । ଚଳିତବର୍ଷର ଫିଫା ୱାର୍ଲ୍ଡକପ୍ ୨୦୨୬ କମ୍ପିଟିସନ ରେଗୁଲେସନରେ ମଧ୍ୟ ସମାନ କଥା ରହିଛି । ଫିଫା ଖେଳ ନିୟମର ଧାରା ୨୭ରେ ମଧ୍ୟ ଫିଫାର ନିୟମ ରହିଛି । କିନ୍ତୁ ଟ୍ରମ୍ପ ଫୋନ୍ କରିଥିବାରୁ ଏଭଳି ବିବାଦ ଅଧିକ ହୋଇଛି । ବିଶ୍ୱକପ୍ ହେଉ ଅବା ଅନ୍ୟ ଅନ୍ତର୍ଜାତୀୟ ମ୍ୟାଚ୍, ରେଡ୍‌କାର୍ଡ ଦିଆଯିବା ପରେ ପରବର୍ତ୍ତୀ ମ୍ୟାଚ୍ ଖେଳିବାକୁ ଫିଫା ଅନୁମତି ଦେବା ଏହା ପ୍ରଥମ ଘଟଣା ନୁହେଁ । ଚିଲିରେ ଅନୁଷ୍ଠିତ ୧୯୬୨ ଫିଫା ବିଶ୍ୱକପ୍‌ରେ ବ୍ରାଜିଲର ସେମିଫାଇନାଲ ବିଜୟରେ ଷ୍ଟାର ଖେଳାଳି ଗାରିଞ୍ଚାଙ୍କୁ ରେଡ୍‌କାର୍ଡ ମିଳିଥିଲା । କିନ୍ତୁ ଟୁର୍ଣ୍ଣାମେଣ୍ଟ ଶୃଙ୍ଖଳାଗତ କମିଟି ଏହାକୁ ବିଚାର କରି ବାସନ୍ଦ ପ୍ରତ୍ୟାହାର କରିଥିଲେ । ଗାରିଞ୍ଚା ଫାଇନାଲ ମ୍ୟାଚ୍ ଖେଳିଥିଲେ ଓ ବ୍ରାଜିଲ ଚାମ୍ପିଅନ ହୋଇଥିଲା ।

### ଆଜି ୩ୟ ଟି-୨୦

## ବିଜୟ ଲକ୍ଷ୍ୟରେ ଭାରତ

**ନଟିଂହାମ, ୬।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୩ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ । ସ୍ଥାନୀୟ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ରାତି ୧୦ଟାରେ ଏହି ମୁକାବିଲା ଆରମ୍ଭ ହେବ । ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା । ସେହିଭଳି ଶନିବାର ମାଞ୍ଚେଷ୍ଟରରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦କୁ ଘରୋଇ ଇଂଲଣ୍ଡ ୪ ୱିକେଟରେ ଜିତିଥିଲା । ଫଳରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଇଂଲଣ୍ଡ ଏବେ ୧-୦ରେ ଅଗ୍ରଣୀ ରହିଛି । ମଙ୍ଗଳବାର ମ୍ୟାଚକୁ ଜିତି ହ୍ୟାରୀ ବ୍ରୁକ୍‌ଙ୍କ ଦଳ ସିରିଜ ଜିତିବା ଦିଗରେ ଆଉ ପାଦେ ଅଗ୍ରସର ହେବାକୁ ଲକ୍ଷ୍ୟ ରଖିଛି । ତୃତୀୟ ଟି-୨୦ ଲାଗି ଇଂଲଣ୍ଡ ଦଳ କୌଣସି ପରିବର୍ତ୍ତନ କରିନାହିଁ । ଅପରପକ୍ଷରେ ନୂଆ ଅଧିନାୟକ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପାଇଁ ଚଳିତ ୟୁକେ ଗସ୍ତ ନୈରାଶ୍ୟଜନକ ରହିଛି । ଏହି ୟୁକେ ଗସ୍ତରେ ଭାରତ ପ୍ରଥମେ ୨-୦ରେ ଆୟର୍ଲାଣ୍ଡ ନିକଟରୁ ଲଜ୍ଜାଜନକ ଭାବେ ଟି-୨୦ ସିରିଜ ହାରିଥିଲା । ଏହାପରେ ଇଂଲଣ୍ଡରେ ମଧ୍ୟ ଦଳ ଏହି ପରାଜୟଧାରାକୁ ବଜାୟ ରଖିଛି । ଫଳରେ ଏହି ଗସ୍ତରେ ଭାରତୀୟ ଦଳ ୪ଟି ମ୍ୟାଚ ଖେଳିସାରିଥିଲେ ମଧ୍ୟ ବିଜୟ ସ୍ୱାଦ ଚାଖିପାରିନାହିଁ । ଯାହା ଅଧିନାୟକ ଆୟରଙ୍କ ନେତୃତ୍ୱ ଉପରେ ବଡ଼ ପ୍ରଶ୍ନବାଚୀ ଛିଡ଼ା କରାଇଛି । ସିରିଜ ଉଜ୍ଜୀବିତ ରଖିବାକୁ ହେଲେ ତୃତୀୟ ଟି-୨୦ ମ୍ୟାଚରେ ଭାରତ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି । ପ୍ରତୀକ୍ଷିତ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୈଭବ ସୂର୍ଯ୍ୟବଂଶୀ ମାଞ୍ଚେଷ୍ଟରରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ବିଫଳ ହୋଇଥିଲେ ।

ମ୍ୟାଚ୍ ଆରମ୍ଭ: ରାତି ୧୦ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ/ହଟଷ୍ଟାର

## ଜିମ୍ବାୱେ ସିରିଜ୍‌ରୁ ସାମସନ ବାଦ୍

**ନୂଆଦିଲ୍ଲୀ, ୬।୭ (ଏଜେନ୍ସି):** ଜିମ୍ବାୱେ ବିପକ୍ଷ ଆଗାମୀ ଟି-୨୦ ସିରିଜ ଲାଗି ସୋମବାର ଭ୍ରମଣକାରୀ ଭାରତୀୟ ଦଳ ଘୋଷଣା କରାଯାଇଛି । ଚଳିତ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ବିଶେଷ କରି ବରିଷ୍ଠ ବ୍ୟାଟର୍ ସଞ୍ଜୁ ସାମସନଙ୍କୁ ଜିମ୍ବାୱେ ଗସ୍ତରୁ ବାଦ୍ ଦିଆଯାଇଛି । ଟି-୨୦ ବିଶ୍ୱକପରେ 'ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ହୋଇଥିବା ସାମସନ ଚଳିତ ୟୁକେ ଗସ୍ତରେ ବେଶ୍ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି । ତିନୋଟି ଟି-୨୦ ମ୍ୟାଚରୁ ସେ ମୋଟ୍ ୬ ରନ କରିଛନ୍ତି । ଯେଉଁଥି ପାଇଁ ତାଙ୍କୁ ଜିମ୍ବାୱେ ସିରିଜରୁ ବାଦ୍ ଦିଆଯାଇଛି । ସେହିଭଳି ଇଂଲଣ୍ଡ ଗସ୍ତରେ ସାମିଲ ଥିବା ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ହର୍ଷିତ ରାଣା, ଅର୍ଶଦୀପ୍ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ମଧ୍ୟ ଜିମ୍ବାୱେ ସିରିଜରେ ସ୍ଥାନ ମିଳିନି । ଅପରପକ୍ଷରେ ୟଶ ଠାକୁର ଓ ଅଶୋକ ଶର୍ମାଙ୍କୁ ପ୍ରଥମଥର ଲାଗି ଜାତୀୟ ଦଳରେ ସୁଯୋଗ ମିଳିଛି । ସେହିଭଳି ଅଭିଜ୍ଞ ରିଙ୍କୁ ସିଂ ମଧ୍ୟ ଦଳକୁ ଫେରିଛନ୍ତି । ପ୍ରଭସିମରନ ସିଂହ, ମୟଙ୍କ ଯାଦବ ଦୀର୍ଘ ବର୍ଷ ପରେ ଦଳକୁ ଫେରିଛନ୍ତି । ଜୁଲାଇ ୨୩, ୨୫ ଓ ୨୬ ତାରିଖରେ ଘରୋଇ ଜିମ୍ବାୱେ ବିପକ୍ଷରେ ଭାରତ ୩ଟି ଯାକ ଟି-୨୦ ମ୍ୟାଚ୍ ଖେଳିବ ।



**ଘୋଷିତ ଭାରତୀୟ ଦଳ:** ଶ୍ରେୟସ ଆୟର (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ତିଲକ ବର୍ମା (ଉପ-ଅଧିନାୟକ), ଇଶାନ କିଶାନ ଓ ପ୍ରଭସିମରନ ସିଂହ (ଉଭୟ ୱିକେଟକିପର), ଶିଭମ ଦୁବେ, ସୁଯାଂଶ ହେଡଗେ, ରିଙ୍କୁ ସିଂ, ହର୍ଷ ଦୁବେ, ବରୁଣ ଚକ୍ରବର୍ତ୍ତୀ, ପ୍ରିନ୍ସ ଯାଦବ, ୟଶ ଠାକୁର, ଅଶୋକ ଶର୍ମା ଓ ମୟଙ୍କ ଯାଦବ ।

## ଓଡ଼ିଶା ମହିଳା କାୟାକିଂ ଓ କାନୋଇଂ ଦଳ ରନର୍ସଅପ୍


**ଭୁବନେଶ୍ୱର, ୬।୭ (ସମିସ):** ବିଶାଖାପାଟନମରେ ଶେଷ ହୋଇଥିବା ଅସ୍ମିତା ଖେଲୋ ଇଣ୍ଡିଆ ଜୋନାଲ କାୟାକିଂ ଓ କାନୋଇଂ ଚାମ୍ପିଅନସିପ୍‌ରେ ଓଡ଼ିଶା ମହିଳା ଦଳ ଦମ୍‌ଦାର ପ୍ରଦର୍ଶନ କରି ୩୩ଟି ପଦକ ବିଜୟୀ ହୋଇଛି । ଯେଉଁଥିରେ ୧୫ଟି ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୭ଟି କାଂସ୍ୟ ପଦକ ସାମିଲ ରହିଛି । ଏଥିସହ ଓଡ଼ିଶା ମହିଳା ଦଳ ରନର୍ସଅପ୍ ହୋଇଛି । ସେହିଭଳି ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ମଧ୍ୟପ୍ରଦେଶ ଦଳ ଚାମ୍ପିଅନ ଓ କେରଳ ତୃତୀୟ ସ୍ଥାନ ହାସଲ କରିଛି ।




### ୱିମ୍ବଲଡନରୁ ସାବାଲେଙ୍କା ବିଦା

## କ୍ୱାର୍ଟରରେ ପାଓଲିନ୍, ଗଫ୍

**ଲଣ୍ଡନ, ୬।୭ (ଏଜେନ୍ସି)**



ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କାଙ୍କୁ ହରାଇ ନାଓମି ଓସାକା ଏଠାରେ ଚାଲିଥିବା ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ର ଏକ ମ୍ୟାଚରେ ୭ମ ସିଡ୍ ଜାପାନ ତାରକା ଓସାକା ୬-୨, ୭-୬ (୭/୨) ସେଟରେ ଚାରିଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସାବାଲେଙ୍କାଙ୍କୁ ହରାଇଥିଲେ । ବିଜୟସହ ଓସାକା ତାଙ୍କ କ୍ୟାରିୟରରେ ପ୍ରଥମଥର ୱିମ୍ବଲଡନ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି । ସେହିଭଳି ମହିଳା ବିଭାଗର ଅନ୍ୟ ମ୍ୟାଚରେ କୋକୋ ଗଫ୍ ଓ ଯସ୍ମିନ ପାଓଲିନ ବିଜୟୀ ହୋଇ ଅନ୍ତିମ-୮ରେ ସ୍ଥାନ ପକ୍କା କରିଛନ୍ତି । ଗଫ୍ ୪-୬, ୬-୩, ୬-୪ ସେଟରେ ବେଲିଣ୍ଡା ବେନସିକଙ୍କୁ ଏବଂ ୧୩ତମ ସିଡ୍ ପାଓଲିନ ୬-୪, ୪-୬ ଓ ୬-୩ ସେଟରେ ଫିଲିପାଇନ୍ସର ଆଲେକ୍ସଜାଣ୍ଡ୍ରା ଇଲାଙ୍କୁ ହରାଇଥିଲେ ।

ଅପରପକ୍ଷରେ ପୁରୁଷ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର,ନୋଭାକ ଜୋକୋଭିଚ୍ ଓ ଇଟାଲୀର ଫ୍ଲାବିଓ କୋବୋଲି ମଧ୍ୟ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଟପ୍ ସିଡ୍ ସିନ୍ନର ୬-୩, ୭-୬ (୭/୦), ୬-୩ ସେଟରେ ଜାପାନର ସିନ୍ତାରୋ ମୋଚିଜୁକିଙ୍କୁ ହରାଇଥିଲେ ।

## ଅଷ୍ଟ୍ରେଲିଆକୁ ୨୪ତମ ଆଇସିସି ଟ୍ରଫି

**ଲଣ୍ଡନ, ୬।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡକୁ ୭ ୱିକେଟରେ ହରାଇ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଛି । ଏଥିସହ ଅଷ୍ଟ୍ରେଲିଆ ମହିଳା ଦଳ ରେକର୍ଡ ୭ମଥର ଲାଗି ଟି-୨୦ ବିଶ୍ୱକପ ଟାଇଟଲ୍ ଜିତିଛି । ଅଷ୍ଟ୍ରେଲିଆ ପୁରୁଷ ଓ ମହିଳା ଦଳର ଏହା ଓଭରଅଲ୍ ୨୪ତମ ଆଇସିସି ଟ୍ରଫି ରହିଛି । ଯେଉଁଥିରେ ମହିଳା ଦଳ ୭ଥର ଲେଖାଏ ଟି-୨୦ ଓ ଦିନିକିଆ ବିଶ୍ୱକପ ଜିତିଛି । ସେହିଭଳି ପୁରୁଷ ଦଳ ୬ଥର ଦିନିକିଆ ବିଶ୍ୱକପ୍ ଓ ଥରେ ଟି-୨୦ ବିଶ୍ୱକପରେ ଚାମ୍ପିଅନ ହୋଇଛି । ଏହାବାଦ୍ ଅଷ୍ଟ୍ରେଲିଆ ପୁରୁଷ ଦଳ ଦୁଇଥର ଚାମ୍ପିଅନ୍ସ ଟ୍ରଫି ଓ ଥରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଟ୍ରଫି ବିଜୟୀ ହୋଇଛି ।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS